# ସାଂସ୍କୃତିକ ଅବକ୍ଷୟ
# ଓ
# ବେକାର ସମସ୍ୟାର
# ସମାଧାନ
# କେଉଁପଥେ

**ଶିବଦାସ ଘୋଷ**

## ପ୍ରକାଶକଙ୍କ କଥା

ବିଗତ ୨୬ ଜୁନ୍, ୧୯୭୩, ଡି.ଓ୍ୱାଇ.ଓ ପ୍ରତିଷ୍ଠା ଦିବସ ଉପଲକ୍ଷେ ଡି.ଓ୍ୱାଇ.ଓ ପଶ୍ଚିମବଙ୍ଗ ରାଜ୍ୟ କମିଟି ଉଦ୍ୟୋଗରେ କଲିକତାର ମହାଜାତି ସଦନରେ ଏକ ବିରାଟ ଯୁବ ସମାବେଶ ଆହୂତ ହୋଇଥିଲା । ଏହି ସମାବେଶରେ ଏ ଯୁଗର ଅନ୍ୟତମ ଶ୍ରେଷ୍ଠ ଦାର୍ଶନିକ ଓ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷ ପ୍ରଧାନ ବକ୍ତାରୂପେ ଭାଷଣ ଦେଇଥିଲେ । ତାଙ୍କର ସେଇ ବକ୍ତୃତାଟି ବଙ୍ଗଳା ଭାଷାରେ ଏକ ପୁସ୍ତିକା ଆକାରରେ ପ୍ରକାଶ କରାଯାଇଥିଲା ।

ବର୍ତ୍ତମାନ ସମାଜରେ ଯୁବଜୀବନ ମଧ୍ୟରେ ଦେଖାଦେଇଥିବା ସାଂସ୍କୃତିକ ଅବକ୍ଷୟ ଏବଂ ବେକାର ସମସ୍ୟାର କାରଣ ଓ ସେସବୁ ସମାଧାନର ପ୍ରଶ୍ନ ସମ୍ପର୍କରେ ସେ ଯେଉଁ ବକ୍ତବ୍ୟ ରଖିଥିଲେ, ତା' ଯୁବଆନ୍ଦୋଳନ ପରିଚାଳନା କରିବା କ୍ଷେତ୍ରରେ ପଥ ନିର୍ଦ୍ଦେଶକ ଦୃଷ୍ଟିଭଙ୍ଗୀ ରୂପେ ସାହାଯ୍ୟ କରିବ ବୋଲି ଏହି ଆଶା ରଖି ଆମେ ବର୍ତ୍ତମାନ ସେହି ବହିର ଓଡିଆ ଅନୁବାଦ ପ୍ରକାଶ କରୁଛୁ । ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଏହି ବକ୍ତବ୍ୟ ଯେଉଁ ସମୟରେ ଦିଆଯାଇଥିଲା, ତା'ପରେ ଦେଶର ଅର୍ଥନୈତିକ ସାମାଜିକ ତଥା ବିଶ୍ୱ ପରିସ୍ଥିତିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସଂଘଠିତ ହୋଇଥିଲେ ବି ମୌଳିକଭାବେ ଏହି ପୁସ୍ତିକାଟିର ବିଷୟବସ୍ତୁ ଅପରିବର୍ତ୍ତିତ ରହିଛି ଏବଂ ଯୁବ ଆନ୍ଦୋଳନ ଓ ଗଣ ଆନ୍ଦୋଳନକୁ ପଥ ପ୍ରଦର୍ଶନ କରିବା କ୍ଷେତ୍ରରେ ଏହା ଅତ୍ୟନ୍ତ ମୂଲ୍ୟବାନ ବକ୍ତବ୍ୟ । ସେହି ଦୃଷ୍ଟିରୁ ଏବଂ ବିଭିନ୍ନ ମହଲରୁ ବାରମ୍ବାର ଅନୁରୋଧ ଯୋଗୁଁ ପୂର୍ବରୁ ଏହା ଦୁଇଥର ଓଡିଆ ଭାଷାରେ ଅନୂଦିତ ହୋଇ ପ୍ରକାଶିତ ହୋଇଛି । ବର୍ତ୍ତମାନ ଆମେ ଏହାର ତୃତୀୟ ମୁଦ୍ରଣ ପ୍ରକାଶ କରୁଛୁ । ଅନୁବାଦ ଓ ମୁଦ୍ରଣ କ୍ଷେତ୍ରରେ କେତେକ ପରିବର୍ତ୍ତନ ହେବା ସତ୍ତ୍ୱେ ଅନୁବାଦ ଓ ମୁଦ୍ରଣ ଜନିତ ତ୍ରୁଟି ପାଇଁ ଆମେ ଦାୟୀ ।

ଏସ୍. ୟୁ.ସି.ଆଇ, ଓଡ଼ିଶା ରାଜ୍ୟ କମିଟି
ଭି.ଆଇ.ଆର-୧୭, ୟୁନିଟ୍ -୬
ଭୁବନେଶ୍ୱର-୧,
ଜୁଲାଇ-୧, ୨୦୦୨

**ତାପସ ଦତ୍ତ**

# ସାଂସ୍କୃତିକ ଅବକ୍ଷୟ ଓ ବେକାର ସମସ୍ୟାର ସମାଧାନ କେଉଁ ପଥେ

ଡେମୋକ୍ରାଟିକ ୟୁଥ ଅର୍ଗାନାଇଜେସନ୍ (DYO) ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ଆଜିର ସଭାରେ ଆମ ଦେଶର ରାଜନୈତିକ ତାଥା ସାଂସ୍କୃତିକ ପରିସ୍ଥିତି ଏବଂ ଯୁବ ସମାଜର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିବାପାଇଁ ମୋତେ କୁହାଯାଇଛି । ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିବାକୁ ଯାଇ, ସର୍ବ ପ୍ରଥମେ ଯେଉଁ କଥା ମୁଁ ଆପଣମାନଙ୍କୁ କହିବାକୁ ଚାହେଁ, ତାହା ହେଉଛି ରାଜନୈତିକ ପ୍ରଶ୍ନଟି ସହିତ ରାଷ୍ଟ୍ର ବ୍ୟବସ୍ଥାର ପ୍ରଶ୍ନଟି ଓତଃପ୍ରୋତଃ ଭାବେ ଜଡିତ । ଅର୍ଥାତ ଆମ ଦେଶର ରାଜନୈତିକ ପରିସ୍ଥିତିକୁ ସମ୍ୟକଭାବେ ଉପଲବ୍ଧି କରିବାକୁ ହେଲେ, ଆମ ଦେଶର ରାଷ୍ଟ୍ର ବ୍ୟବସ୍ଥାଟି କି ଧରଣର ଏବଂ ରାଷ୍ଟ୍ରର ଚରିତ୍ରଟି କି ପ୍ରକାରର, ପ୍ରଥମେ ସେ କଥା ବିଶ୍ଳେଷଣ କରାଯିବା ଆବଶ୍ୟକ । ଏଇ ପ୍ରସଙ୍ଗରେ ଆମକୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ, ରାଷ୍ଟ୍ର ବ୍ୟବସ୍ଥାର କ୍ରମବିକାଶ ଇତିହାସରେ ଅତୀତରେ ବିଶ୍ୱବ୍ୟାପୀ ସାମନ୍ତତାନ୍ତ୍ରିକ ବ୍ୟବସ୍ଥା ବା 'ମନାର୍କିକାଲ' ରାଷ୍ଟ୍ର ବ୍ୟବସ୍ଥା ବା ରାଜତନ୍ତ୍ରର ଅବଲୁପ୍ତି ମଧ୍ୟ ଦେଇ, ବର୍ତ୍ତମାନ ଦୁନିଆରେ ଆମେ ଯେଉଁ କେତେକ ଧରଣର ରାଷ୍ଟ୍ର ଦେଖୁଛୁ, ତାକୁ ନିମ୍ନୋକ୍ତ ରୂପେ ଭାଗ କରାଯାଇପାରେ-(୧) ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ରାଷ୍ଟ୍ର, (୨) ଔପନିବେଶିକ ଏବଂ ଅର୍ଦ୍ଧ-ଔପନିବେଶିକ ଓ ଅର୍ଦ୍ଧ ସାମନ୍ତତାନ୍ତ୍ରିକ ରାଷ୍ଟ୍ର, (୩) ଜାତୀୟ ବୁର୍ଜୁଆ ରାଷ୍ଟ୍ର ଏବଂ (୪) ସମାଜତାନ୍ତ୍ରିକ ରାଷ୍ଟ୍ର । ଏଠାରେ ଆଉ ଗୋଟାଏ କଥା ମଧ୍ୟ ମନେ ରଖିବାକୁ ହେବ; ସାମ୍ରାଜ୍ୟବାଦ ଅର୍ଥାତ୍ କ୍ଷୟିଷ୍ଣୁ ପୁଞ୍ଜିବାଦ ଓ ସର୍ବହରା ବିପ୍ଳବ ଯୁଗରେ, ଉପନିବେଶ ଏବଂ ଅର୍ଦ୍ଧ ଉପନିବେଶ ଗୁଡ଼ିକରେ ଶ୍ରମିକଶ୍ରେଣୀ ନେତୃତ୍ୱରେ ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବ ବା ଜାତୀୟ ଗଣତାନ୍ତ୍ରିକ ବିପ୍ଳବ ସଫଳ ହେବା ଭିତର ଦେଇ ସମାଜତନ୍ତ୍ରକୁ ଉତ୍ତୀର୍ଣ୍ଣ ହେବାର ମଧ୍ୟବର୍ତ୍ତୀ ବ୍ୟବସ୍ଥା ଭାବେ ଜନଗଣତାନ୍ତ୍ରିକ ରାଷ୍ଟ୍ର (Peoples Democratic State) ଗଢ଼ି ଉଠିଛି । ବର୍ତ୍ତମାନ, କେଉଁ ରାଷ୍ଟ୍ରର ଚରିତ୍ର କ'ଣ ତାହା ସମ୍ୟକ ଭାବେ ବୁଝିବାକୁ ହେଲେ, ଶ୍ରେଣୀ ବିଭକ୍ତ ସମାଜରେ କେଉଁ ଶ୍ରେଣୀ ପ୍ରକୃତରେ ରାଷ୍ଟ୍ର କ୍ଷମତାର ଅଧିକାରୀ, ଅର୍ଥାତ୍ ରାଷ୍ଟ୍ର ପ୍ରଧାନତଃ କେଉଁ ଶ୍ରେଣୀର ସ୍ୱାର୍ଥରେ ପରିଚାଳିତ ହେଉଛି ତାହା ପ୍ରଥମେ ଜାଣିବା ଦରକାର ।

ଏହା ସହିତ ସେ ଦେଶର ଅର୍ଥନୈତିକ ସ୍ୱରୂପ ଅର୍ଥାତ୍ ଢ଼ାଞ୍ଚାଟି କି ଧରଣର, ତା'ର ପ୍ରକୃତି କ'ଣ– ତାହା ମଧ୍ୟ ବୁଝିବା ଦରକାର । ସମାଜର ବିକାଶ ଓ ଅଗ୍ରଗତିର ଗୋଟିଏ ଗୋଟିଏ ବିଶେଷ ସ୍ତରରେ, ଏକ ବିଶେଷ ଅର୍ଥନୈତିକ ନିୟମ ଦ୍ୱାରା ପରିଚାଳିତ ନିର୍ଦ୍ଦିଷ୍ଟ ଅର୍ଥନୈତିକ ବ୍ୟବସ୍ଥା ଗଢ଼ି ଉଠେ ଏବଂ ତାହା ଉପରେ ଭିତ୍ତି କରି ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ଜୀବନଯାପନ ପ୍ରଣାଳୀ ଗଢ଼ିଉଠେ । ଆମ ଦେଶରେ ଯେଉଁ ରାଷ୍ଟ୍ର ବ୍ୟବସ୍ଥା, ଯେଉଁ ଅର୍ଥନୈତିକ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଛି, ତା' ଆଜି ସମାଜର ବିକାଶ ଓ କ୍ରମୋନ୍ନତିର ସହାୟକ ତଥା ପରିପୂରକ କି ନୁହେଁ ଏବଂ ବର୍ତ୍ତମାନର ରାଷ୍ଟ୍ର ବ୍ୟବସ୍ଥା ଓ ଅର୍ଥନୈତିକ ବ୍ୟବସ୍ଥା ସମାଜର ସର୍ବାଙ୍ଗୀନ ବିକାଶ ଓ ଅଗ୍ରଗତିର ରାସ୍ତାରେ ଏକ ଦୁର୍ଲଂଘ୍ୟ ବାଧାହୋଇ ଛିଡା ହୋଇଛି କି ନାହିଁ, ଏହା ହିଁ ବର୍ତ୍ତମାନର ବିଚାର୍ଯ୍ୟ ବିଷୟ ।

ବର୍ତ୍ତମାନ, ଏସବୁ ପ୍ରଶ୍ନ ଗୁଡିକର ବିଚାର କଲାବେଳେ ଜାଣିବା ଦରକାର ଯେ, ଗୋଟିଏ ଶ୍ରେଣୀ ବିଭକ୍ତ ସମାଜରେ ମୂଳତଃ ଦୁଇଟି ପରସ୍ପର ବିରୋଧୀ ଦୃଷ୍ଟିଭଙ୍ଗୀ ରହିବାକୁ ବାଧ୍ୟ । ବିଚାର କରିବା ଆଗରୁ ଏଥିରୁ ଯେକୌଣସି ଗୋଟିଏ ଦୃଷ୍ଟିଭଙ୍ଗୀ ଆପଣମାନଙ୍କୁ ଅନୁସରଣ କରିବାକୁ ହେବ । ଯେଉଁସବୁ କଥା ମୁଁ କହିବି, ସେ ସମ୍ପର୍କରେ ମତଭେଦର ଅବକାଶ ଥାଇପାରେ । କିନ୍ତୁ ଏ ବିଷୟରେ ବିନ୍ଦୁମାତ୍ର ସନ୍ଦେହର ଅବକାଶ ନାହିଁ ଯେ, କୌଣସି ବିଷୟକୁ ବୁଝିବାକୁ ହେଲେ ବା ବିଚାର ବିଶ୍ଳେଷଣ କରିବାକୁ ହେଲେ, ଆମ ସମାଜରେ ଯେଉଁ ଦୁଇଟି ମୌଳିକ ବିପରୀତ ଧର୍ମୀ ଦୃଷ୍ଟିଭଙ୍ଗୀ ରହିଛି, ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ସେଥିରୁ କୌଣସି ନା କୌଣସି ଗୋଟିକ ଦ୍ୱାରା ଆପଣମାନଙ୍କର ବିଚାର ଏବଂ ଚିନ୍ତାଧାରା ନିୟନ୍ତ୍ରିତ ହେବାକୁ ବାଧ୍ୟ । କେଉଁ ଦୃଷ୍ଟିଭଙ୍ଗୀକୁ ଆପଣମାନେ ବିଚାରର ମାପକାଠି ହିସାବରେ ଗ୍ରହଣ କରିବେ, ତାହା ଆପଣମାନଙ୍କ ଉପରେ ହିଁ ନିର୍ଭର କରେ । ଯେଉଁ ଦୃଷ୍ଟିଭଙ୍ଗୀ ଦ୍ୱାରା ବିଚାର କରିବା ବିଜ୍ଞାନସମ୍ମତ ଏବଂ ଯୁକ୍ତିସଙ୍ଗତ ବୋଲି ମୁଁ ମନେକରେ, ତାହା ଆପଣମାନଙ୍କୁ କହିବି ।

ଏଇଟା ସିଧାସଳଖ କଥାଯେ, ଆମେ ଚାହୁଁ ବା ନ ଚାହୁଁ, ଆମ ସମାଜ ଶୋଷକ ଓ ଶୋଷିତଙ୍କୁ ନେଇ ଏକ ଶ୍ରେଣୀ ବିଭକ୍ତ ସମାଜ । ଗୋଟିଏ ପଟେ କୋଟି କୋଟି ଶୋଷିତ ଜନସାଧାରଣ ଶ୍ରମ ବିନିମୟରେ କୌଣସି ପ୍ରକାରେ ଗୁଜୁରାଣ ମେଣ୍ଟାନ୍ତି, ଅନ୍ୟ ପଟେ ମୁଷ୍ଟିମେୟ ଶୋଷକ ଶ୍ରେଣୀ ଦେଶର ଯାହାକିଛି ଧନସମ୍ପତ୍ତି ରହିଛି ଯେଉଁମାନେ କି ତା'ର ମାଲିକ ଏବଂ ସେସବୁର କର୍ତ୍ତୃତ୍ୱରେ ଅଛନ୍ତି ତଥା ଜନସାଧାରଣଙ୍କ ପରିଶ୍ରମ ଦ୍ୱାରା ଦେଶର ଯେତିକି ବି ଧନସମ୍ପତ୍ତି ବଢୁଛି, ମୁନାଫା ମାଧ୍ୟମରେ ସେ ସବୁକୁ ମଧ୍ୟ ଆତ୍ମସାତ୍ କରୁଛନ୍ତି । ତା' ଫଳରେ ଦେଶରେ ଯେତିକି ବି ଶିଳ୍ପୋନ୍ନତି ହେଉଛି, ଯାହା କିଛି ଶିଳ୍ପ ବିକାଶ

ଘଟୁଛି ଏବଂ ଯେତିକି ସମ୍ପଦ ସୃଷ୍ଟି ହେଉଛି, ସେ ସବୁ ଯାଇ କେତେଜଣ ମୁଷ୍ଟିମେୟ ଲୋକଙ୍କ ହାତରେ ଠୁଳ ହେଉଛି; ଯାହା ସାଧାରଣ ମଣିଷର ଜୀବନରେ କୌଣସି ଉପକାରରେ ଆସୁ ନାହିଁ । ବରଂ ଦାରିଦ୍ର୍ୟ ଚରମ ଆକାର ଧାରଣ କରୁଛି, ଜିନିଷପତ୍ରର ଦରଦାମ ବଢୁଛି, ବେକାର ସମସ୍ୟା ବଢୁଛି, ସଂସ୍କୃତିରେ ଚରମ ଅବକ୍ଷୟ ଘଟୁଛି ଏବଂ ଏଭଳି ନାନା ପ୍ରକାର ସମସ୍ୟା ଦେଖାଦେଉଛି । ସମାଜ ଯେ ମୂଳତଃ ଶୋଷକ ଏବଂ ଶୋଷିତ- ଏଇ ଦୁଇ ଭାଗରେ ବିଭକ୍ତ, ଏଇଟା କାହାରି ଚାହିଁବା ଯୋଗୁଁ ଯେ ହୋଇଛି, ତା' ନୁହେଁ । ଆମକୁ ଭଲ ଲାଗୁ କି ନ ଲାଗୁ, ଆମେ ପସନ୍ଦ କରୁ ବା ନ କରୁ, ଇତିହାସର ଅମୋଘ ନିୟମ ଅନୁଯାୟୀ ସମାଜ ଦୁଇ ଭାଗରେ ବିଭକ୍ତ ହୋଇଛି । ଏହାକୁ ଆମେ ଅସ୍ୱୀକାର କରିବାର କୌଣସି ଉପାୟ ନାହିଁ । ଆଉ ଉତ୍ପାଦନ ଏବଂ ବଣ୍ଟନ ମଧ୍ୟରେ ଥିବା ଦ୍ୱନ୍ଦକୁ କେନ୍ଦ୍ରକରି ଯେବେଠାରୁ ସମାଜ ଦୁଇଭାଗରେ ବିଭକ୍ତ ହୋଇଛି, ସେବେଠାରୁ ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ଜାଣତରେ ହେଉ ବା ଅଜାଣତରେ ହେଉ, ମଣିଷ ହିସାବରେ ଆମେ କୌଣସି ନା କୌଣସି ଶ୍ରେଣୀର ସ୍ୱାର୍ଥ ସହିତ ଜଡ଼ିତ ହୋଇପଡୁ, କୌଣସି ନା କୌଣସି ଶ୍ରେଣୀର ସ୍ୱାର୍ଥ ସହିତ ଜଡ଼ିତ ହୋଇ ବସବାସ କରୁ । କାରଣ ଉତ୍ପାଦନ ସହିତ କୌଣସି ନା କୌଣସି ସମ୍ପର୍କ ବ୍ୟତିରେକେ ଆମେମାନେ ସାମାଜିକ ଜୀବ ହିସାବରେ ସମାଜରେ ବସବାସ କରିପାରିବା ନାହିଁ । ଖାଇବା, ପିନ୍ଧିବା, ଜୀବନଧାରଣ ଇତ୍ୟାଦି ସବୁ କ୍ଷେତ୍ରରେ ଆମମାନଙ୍କୁ ଉତ୍ପାଦନ ବ୍ୟବସ୍ଥା ସହିତ ସମ୍ପର୍କ ସ୍ଥାପନ କରିବାକୁ ହୁଏ ଏବଂ ଏଇ ସମ୍ପର୍କ ସ୍ଥାପନ ମଧ୍ୟ ଦେଇ ଆମେ, ଆମ ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, କୌଣସି ନା କୌଣସି ଗୋଟିଏ ଶ୍ରେଣୀର ସ୍ୱାର୍ଥ ସହିତ ଜଡ଼ିତ ହୋଇପଡୁ । ଏବେ ସମାଜରେ ଯେପରି ପରସ୍ପର ଦୁଇଟି ବିରୋଧୀ ଶ୍ରେଣୀ ରହିଛି, ସେହିପରି ସେମାନଙ୍କର ପରସ୍ପର ବିରୋଧୀ ଦୁଇଟି ସ୍ୱାର୍ଥବୋଧ ମଧ୍ୟ ରହିଛି । ଶୋଷକ ଶ୍ରେଣୀ ପ୍ରଚଳିତ ସମାଜ ବ୍ୟବସ୍ଥାରୁ ସର୍ବାଧିକ ଲାଭବାନ ହୁଏ ବୋଲି ସବୁ ସମୟ ପାଇଁ ସେହି ବ୍ୟବସ୍ଥାକୁ ହିଁ କାଏମ କରି ରଖିବାକୁ ଚାହେଁ । ପ୍ରଚଳିତ ସମାଜ ବ୍ୟବସ୍ଥାକୁ କାଏମ କରି ରଖିବା ପାଇଁ ଧର୍ମ, ଅନୁଶାସନ, ଯୁକ୍ତି, ଆଦର୍ଶବାଦ, ନ୍ୟାୟ ନୀତି, ଆଇନ-କାନୁନ, ଅର୍ଥଶାସ୍ତ୍ର- ସବୁକିଛିକୁ ସେମାନେ ଗଢ଼ି ତୋଳନ୍ତି, ସେହି ସମାଜ ବ୍ୟବସ୍ଥା ସପକ୍ଷରେ ପ୍ରଚାର କରନ୍ତି, ଯୁକ୍ତିର ଜାଲ ବିସ୍ତାର କରିଥାନ୍ତି । ଅବଶ୍ୟ ଜନତାର ସ୍ୱାର୍ଥର ଦ୍ୱାହି ଦେଇ ସେମାନେ ଏସବୁ କରନ୍ତି, ସମସ୍ତଙ୍କର କଲ୍ୟାଣ ପାଇଁ ହିଁ କରୁଛୁ ବୋଲି କହି କରିଥାନ୍ତି । କିନ୍ତୁ ଅସଲରେ ସେମାନେ ସେମାନଙ୍କର ଶ୍ରେଣୀ ଶାସନ ଓ ଶୋଷଣକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ହିଁ ଏହା କରିଥାନ୍ତି । ଶୋଷକ ଶ୍ରେଣୀର ସ୍ୱାର୍ଥ ହେଲା ପ୍ରଚଳିତ ସମାଜ ବ୍ୟବସ୍ଥାକୁ କାଏମ କରି ରଖିବା । ଆଉ ଏଇଥିରୁ ହିଁ ତା'ର ଶ୍ରେଣୀ ସ୍ୱାର୍ଥବୋଧର ଜନ୍ମ ।

ଠିକ୍ ସେମିତି, ଗୋଟିଏ ଶୋଷଣ ମୂଳକ ସମାଜ ବ୍ୟବସ୍ଥାରେ ଶୋଷିତ ହେଉଥିବା ଲୋକମାନେ, ଅର୍ଥାତ୍ ଶୋଷିତ ଶ୍ରେଣୀଗୁଡିକ ଶୋଷଣରୁ ମୁକ୍ତି ପାଇଁ ଶୋଷଣମୂଳକ ରାଷ୍ଟ୍ର ଏବଂ ସମାଜ ବ୍ୟବସ୍ଥାକୁ ବଦଳାଇବାକୁ ଚାହାନ୍ତି । ଯାହାଫଳରେ ସମାଜରେ ସଂଖ୍ୟାଧିକ ଶୋଷଣ ଜର୍ଜରିତ ଜନସାଧାରଣ ଏଥିରୁ ମୁକ୍ତିଲାଭ କରି ସୁନ୍ଦର ଭାବେ ଜୀବନଯାପନ କରି ପାରିବେ, ଅର୍ଥନୈତିକ ଜୀବନର ବିକାଶ ସାଧନ କରିପାରିବେ ଏବଂ ସାଂସ୍କୃତିକ ଜୀବନର ବିକାଶ ଘଟାଇବା ପାଇଁ ସକ୍ଷମ ହୋଇପାରିବେ । ସେଥିପାଇଁ ଦେଖାଯାଇଛି ଯେ, ଶ୍ରେଣୀ ବିଭକ୍ତ ସମାଜରେ ଇତିହାସର ସମସ୍ତ ପର୍ଯ୍ୟାୟରେ, ଶୋଷଣମୂଳକ ରାଷ୍ଟ୍ର ଏବଂ ସମାଜ ବ୍ୟବସ୍ଥାକୁ ଭାଙ୍ଗି, ସମାଜର ସଂଖ୍ୟାଧିକ ଜନସାଧାରଣଙ୍କର ଅଗ୍ରଗତି ଓ ଉନ୍ନତି ସହିତ ତାଳଦେଇ, ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ବିକାଶ ସାଧନ କରି ପାରୁଥିବା ଭଳି ଏକ ରାଷ୍ଟ୍ର ବ୍ୟବସ୍ଥା ଗଢ଼ି ତୋଳିବାକୁ ଶୋଷିତ ଶ୍ରେଣୀ ଗୁଡିକ ସବୁ ସମୟରେ ଚାହିଁ ଥାଆନ୍ତି । ସୁତରାଂ ଯୁଗେ ଯୁଗେ ଶୋଷଣମୂଳକ ରାଷ୍ଟ୍ର ଏବଂ ସମାଜ ବ୍ୟବସ୍ଥାକୁ ଭାଙ୍ଗି ପକାଇବା ହିଁ ଶୋଷିତ ମଣିଷର ସ୍ୱାର୍ଥ ଏବଂ ଏଇଥିରୁ ସେମାନଙ୍କର ଶ୍ରେଣୀ ସ୍ୱାର୍ଥବୋଧର ଜନ୍ମ ।

ସେଇଥିପାଇଁ, ସମାଜ ଶୋଷକ ଓ ଶୋଷିତ ଶ୍ରେଣୀରେ ବିଭକ୍ତ ହେଲା ପରଠାରୁ ଏହି ଦୁଇ ଶ୍ରେଣୀ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଗୋଟିଏ ଦ୍ୱନ୍ଦ୍ୱ ଚାଲୁ ରହିଛି । ଅର୍ଥନୀତିକୁ କେନ୍ଦ୍ରକରି ରାଜନୀତି, ସମାଜନୀତି, ସଂସ୍କୃତି ଏବଂ ଏହି ସମସ୍ତକୁ କେନ୍ଦ୍ରକରି ସବୁ କ୍ଷେତ୍ରରେ ଏଇ ଦୁଇ ପରସ୍ପର ବିରୋଧୀ ଶକ୍ତି ଭିତରେ ଦ୍ୱନ୍ଦ୍ୱ ସଦାସର୍ବଦା ଲାଗି ରହିଛି । ଏଇ ଦ୍ୱନ୍ଦ୍ୱ ଚାଲୁ ଚାଲୁ ସଂଗ୍ରାମ ଯେତେବେଳେ ଗୋଟାଏ ଚରମ ରୂପ ନିଏ ସେତେବେଳେ ତାହା ମୁହାଁମୁହିଁ ସଂଘର୍ଷ (conflict) ବା ବିପ୍ଳବରେ ପର୍ଯ୍ୟବସିତ ହୋଇ ପରିଶେଷରେ ପୁରୁଣା ରାଷ୍ଟ୍ର ବ୍ୟବସ୍ଥା ବଦଳିଯାଏ, ପୁରୁଣା ସମାଜ ବ୍ୟବସ୍ଥା ବଦଳିଯାଏ ଏବଂ ତା ପରିବର୍ତ୍ତେ ଆଉ ଗୋଟିଏ ନୂଆ ରାଷ୍ଟ୍ର ବ୍ୟବସ୍ଥା, ସମାଜ ବ୍ୟବସ୍ଥା ପ୍ରତିଷ୍ଠିତ ହୁଏ ।

ଶ୍ରେଣୀ ବିଭକ୍ତ ହେବା ପରଠାରୁ ସମାଜ ଯେ ବାରମ୍ବାର ପରିବର୍ତ୍ତିତ ହେଉଛି, ପ୍ରତି କ୍ଷେତ୍ରରେ ସେହି ପରିବର୍ତ୍ତନର ମୌଳିକ ନିୟମଟି ହେଉଛି– ସମାଜ ଅଭ୍ୟନ୍ତରରେ ଶୋଷକ ଏବଂ ଶୋଷିତ ଭିତରେ ଲାଗିରହିଥିବା ଦ୍ୱନ୍ଦ୍ୱଟି ଏପରି ଏକ ଚରମ ଅବସ୍ଥାକୁ ଯାଏ, ଯେତେବେଳେ ଗୋଟିଏ ସମାଜ ଭିତରେ ଶୋଷକ ଓ ଶୋଷିତ ଶ୍ରେଣୀ ଆଉ କୌଣସି ପ୍ରକାରେ ଆପୋଷ କରି ଚଳିପାରନ୍ତି ନାହିଁ, ଜୀବନଯାପନ କରି ପାରନ୍ତି ନାହିଁ, ସେତେବେଳେ ଏକ ଚରମ ସଂଘର୍ଷର ସମୟ ଉପସ୍ଥିତ ହୁଏ ଏବଂ ଏଇ ଚୂଡ଼ାନ୍ତ ମୁକାବିଲା ଭିତର ଦେଇ ଶୋଷିତ ଶ୍ରେଣୀ ଶୋଷକ ଶ୍ରେଣୀକୁ ଉଚ୍ଛେଦ କରି ଗୋଟିଏ ନୂତନ ସମାଜ,

ଗୋଟିଏ ନୂତନ ଅର୍ଥନୈତିକ ବ୍ୟବସ୍ଥା, ନୂତନ ନିୟମ, ଆଇନକାନୁନ୍, ରାଷ୍ଟ୍ର ବ୍ୟବସ୍ଥାର ପ୍ରବର୍ତ୍ତନ କରେ । ଏଇ ସାମାଜିକ ନୀତି ନିୟମ, ଆଇନକାନୁନ୍, ଶିକ୍ଷା ବ୍ୟବସ୍ଥା, ସଂସ୍କୃତି- ଯାହାସବୁ ଆମେ ଦେଖୁ ସେ ସବୁ ଗୋଟିଏ ବିଶେଷ ଅର୍ଥନୈତିକ ବ୍ୟବସ୍ଥାକୁ କେନ୍ଦ୍ରକରି ତା'ର ବର୍ହିଗଠନ (Super Structure) ଭାବେ ଗଢ଼ିଉଠେ । ଏ ସବୁର ଦେଖାଶୁଣା କରିବା ଓ ରକ୍ଷା କରିବାର ଯନ୍ତ୍ର ହେଉଛି ରାଷ୍ଟ୍ର । ସେଥିପାଇଁ ରାଷ୍ଟ୍ର ହେଉଛି, ଶ୍ରେଣୀ ହାତରେ ସବୁଠାରୁ ଶକ୍ତିଶାଳୀ ହତିଆର, ଯାହା ବଳରେ ଶାସକଶ୍ରେଣୀ ତାର ସମସ୍ତ ପ୍ରତିଷ୍ଠାନ (Institutions), ସମସ୍ତ କାର୍ଯ୍ୟକଳାପ ଏବଂ ଅର୍ଥନୀତିଠାରୁ ଆରମ୍ଭ କରି ରାଜନୈତିକ, ସାମାଜିକ, ସାଂସ୍କୃତିକ ପ୍ରଭୃତି ସବୁ କ୍ଷେତ୍ରରେ ସେମାନଙ୍କର ସମସ୍ତ ଆନ୍ଦୋଳନ ଓ କର୍ମ ପ୍ରଚେଷ୍ଟାକୁ ରକ୍ଷାକରେ । ତେଣୁ ଗୋଟିଏ କଥାରେ କହିଲେ ରାଷ୍ଟ୍ର ହେଉଛି ଶ୍ରେଣୀ ବିଭକ୍ତ ସମାଜରେ କୌଣସି ନା କୌଣସି ଶ୍ରେଣୀ ହାତରେ ଶ୍ରେଣୀ ଶାସନର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର । ଇତିହାସର କୌଣସି ଛାତ୍ର ପକ୍ଷରେ ଏ କଥାକୁ ଅସ୍ୱୀକାର କରିବାର ଉପାୟ ନାହିଁ । କେବଳ ଅନୈତିହାସିକ, ମନଗଢ଼ା କଥା ଦ୍ୱାରା ଏବଂ ଜୋର ଜବରଦସ୍ତି ଏ କଥାକୁ ଅସ୍ୱୀକାର କରାଯାଇପାରେ । ରାଷ୍ଟ୍ର ଗଢ଼ି ଉଠିବାର ଇତିହାସ, ରାଷ୍ଟ୍ର ବିପ୍ଳବ ଏବଂ ରାଷ୍ଟ୍ରର କ୍ରମ ବିକାଶର ଇତିହାସ, ସମାଜ ଗଢ଼ି ଉଠିବା ଏବଂ ସମାଜର ଅଗ୍ରଗତିର ଇତିହାସକୁ ଆମେ ଯଦି ଅନୁସନ୍ଧାନ କରୁ ଏବଂ ଜାଣିବାକୁ ସକ୍ଷମ ହେଉ, ତେବେ ମୁଁ ଯାହାସବୁ କହିଲି ତାକୁ ଅସ୍ୱୀକାର କରିବାର କାହାରି ଉପାୟ ନାହିଁ ।

ସେଥିପାଇଁ ଆମ ଦେଶରେ ବର୍ତ୍ତମାନ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ପରିସ୍ଥିତି କ'ଣ, ସେସବୁକୁ ଯଥାର୍ଥଭାବେ ନିରୂପଣ କରିବାକୁ ହେଲେ, ଏଇ ଶୋଷକ ଏବଂ ଶୋଷିତ ମଧ୍ୟରୁ କାହାର ଦୃଷ୍ଟିଭଙ୍ଗୀ ଦ୍ୱାରା ଆମେ ସମସ୍ୟା ଗୁଡ଼ିକୁ ବିଚାର କରିବା, ପ୍ରଥମେ ସେଇଟାକୁ ହିଁ ସ୍ଥିର କରିନେବା ଆବଶ୍ୟକ । ଯେତେବେଳେ ଆମେ କହିବା, ଦେଶର ବର୍ତ୍ତମାନ ପରିସ୍ଥିତି- ସେତେବେଳେ ଏଇ 'ଦେଶ' କଥାଟାକୁ ଆମେ କେଉଁମାନଙ୍କ ଅର୍ଥରେ ବୁଝିବା ? ଦେଶର ପଞ୍ଚାବନ କୋଟି (ତତ୍କାଳୀନ ଜନସଂଖ୍ୟା- ବର୍ତ୍ତମାନ ଏହା ପ୍ରାୟ ଶହେ ପାଞ୍ଚ କୋଟି) ମଣିଷ ଭିତରେ ଯେଉଁ ତେପନ କୋଟି (ବର୍ତ୍ତମାନ ଶହେ କୋଟିରୁ ଉର୍ଦ୍ଧ୍ୱ) ଖଟିଖିଆ ମଣିଷ, ଯେଉଁମାନେ କି ଅକ୍ଳାନ୍ତ ପରିଶ୍ରମ କରି ଦେଶର ସମ୍ପଦ ତିଆରି କରୁଥିବା ବୁଦ୍ଧିଜୀବୀଠାରୁ ଆରମ୍ଭ କରି ଗାଁର ଅଜ୍ଞ ଚାଷୀ ଏବଂ କ୍ଷେତ ମଜୁରିଆ ପର୍ଯ୍ୟନ୍ତ – ଯେଉଁମାନଙ୍କୁ ନେଇ ଏ ଦେଶ ସେଇମାନଙ୍କୁ ନେଇ ତ ଭାବିବା – ସେମାନଙ୍କର ସ୍ୱାର୍ଥ, ସେମାନଙ୍କର କଲ୍ୟାଣ, ସେମାନଙ୍କର ଭବିଷ୍ୟତ, ଏହି ଅର୍ଥରେ ଦେଶର ଭବିଷ୍ୟତ କଥା ବୁଝିବା ଓ ପରିସ୍ଥିତି କଥା ଚିନ୍ତା କରିବା ? ନା' ଏଇ ପଞ୍ଚାବନ କୋଟି ଲୋକଙ୍କ

ଭିତରେ ଅତ୍ୟନ୍ତ ମୁଷ୍ଟିମେୟ ଯେଉଁ କୋଟିଏ ଦୁଇ କୋଟି ଲୋକ, ଯେଉଁମାନେ ଦେଶର ଯେଉଁ ସମ୍ପଦ ରହିଛି ତାର ମାଲିକ ହୋଇ ବସିଛନ୍ତି ଓ ଶୋଷଣର ରାସ୍ତାରେ ଦେଶର ଶ୍ରମ ଶକ୍ତିକୁ ଏବଂ ଜନସାଧାରଣଙ୍କର ପରିଶ୍ରମକୁ ବ୍ୟବହାରକରି ଲାଭ ଲୁଟି ଚାଲିଛନ୍ତି, ସେଇ ଅତ୍ୟାଚାରୀ ଶୋଷକ ଶ୍ରେଣୀର ଦୃଷ୍ଟିଭଙ୍ଗୀ ଦ୍ୱାରା, ସେମାନଙ୍କ ସ୍ୱାର୍ଥରେ ଆମେ 'ଦେଶ' କଥା ଭାବିବା ? ଶ୍ରେଣୀ ବିଭକ୍ତ ସମାଜରେ ମାଲିକ-ଶ୍ରମିକ, ଶୋଷକ-ଶୋଷିତ; ଉଭୟଙ୍କର ସ୍ୱାର୍ଥ କହିଲେ, ଉଭୟଙ୍କର ଦେଶ କହିଲେ ଏକ ଏବଂ ଅଭିନ୍ନ ସ୍ୱାର୍ଥବୋଧକୁ ବୁଝାଏ ନାହିଁ । ହୁଏତ ମାଲିକର ସ୍ୱାର୍ଥ ଅର୍ଥରେ ଦେଶାତ୍ମବୋଧ ନତୁବା ଶୋଷିତ ଜନସାଧାରଣଙ୍କର ସ୍ୱାର୍ଥ ଅର୍ଥରେ ଦେଶାତ୍ମବୋଧ । 'ଜାତୀୟ ଉନ୍ନତି', 'ଜାତୀୟ ଅଗ୍ରଗତିର ସମସ୍ୟା'- ଇତ୍ୟାଦି ଶ୍ରେଣୀ ଦୃଷ୍ଟିଭଙ୍ଗୀ ବିବର୍ଜିତ ଏବଂ ଶ୍ରେଣୀ ସ୍ୱାର୍ଥ ସହିତ ସମ୍ପର୍କ ନଥିବା ଏଇ ରକମ ଗୋଳମାଳିଆ ଏବଂ ଉପରଠାଉରିଆ କଥା ଯେଉଁମାନେ କହନ୍ତି, ସେମାନେ ହୁଏତ ଧପ୍ପାବାଜ ନହେଲେ ନିପଟ ମୂର୍ଖ, ହୁଏତ ମହା ଶଇତାନ ନହେଲେ ନିପଟ ଗଜମୂର୍ଖ । ଏଇ ଦୁଇଟାରୁ ଯେ କୌଣସି ଗୋଟିକୁ ସେମାନେ ବାଛିନେଇ ପାରନ୍ତି, ସେଥିରେ କୌଣସି ଆପତ୍ତି ନାହିଁ । 'ସମସ୍ତଙ୍କର ସ୍ୱାର୍ଥ'-ଏଭଳି କୌଣସି ଜାତୀୟ ସ୍ୱାର୍ଥବୋଧର କଥା-କେବଳ ଶଇତାନମାନେ ହିଁ ଲୋକମାନଙ୍କୁ ବିଭ୍ରାନ୍ତ କରିବାପାଇଁ କହିପାରନ୍ତି, ନହେଲେ ଅଜ୍ଞାନବଶତଃ ନିପଟ ମୂର୍ଖମାନେ ଏଭଳି କଥା କହିପାରନ୍ତି । ଯେଉଁମାନେ ସତକଥା କହିବାକୁ ଚାହାଁନ୍ତି, ଯେଉଁମାନେ ଇତିହାସ ଜ୍ଞାନ-ବିଜ୍ଞାନ ନେଇ ଚର୍ଚ୍ଚା କରନ୍ତି, ଯେଉଁମାନେ ଜନସାଧାରଣଙ୍କର କଥା ଭାବନ୍ତି, ଯେଉଁମାନେ ଶ୍ରମିକ, ଚାଷୀ, କ୍ଷେତ ମଜୁରିଆ ଓ ଅନ୍ୟାନ୍ୟ ଶୋଷିତ ମଣିଷର କଥା ଚିନ୍ତା କରନ୍ତି; ସେମାନେ ଏ ରକମ ଉପରଠାଉରିଆ କଥା କେବେହେଲେ କହିପାରିବେ ନାହିଁ । ସେମାନଙ୍କୁ ସ୍ପଷ୍ଟଭାବେ କହିବାକୁ ହେବ, କେଉଁ ଶ୍ରେଣୀର ସ୍ୱାର୍ଥରେ, କେଉଁମାନଙ୍କର ଅର୍ଥରେ ଦେଶର ସ୍ୱାର୍ଥବୋଧ ?

ବର୍ତ୍ତମାନ, ସମାଜର ପରିସ୍ଥିତି ନେଇ, ତା'ର ସମସ୍ୟା ନେଇ ଆମେମାନେ ଯେ ଆଲୋଚନା କରୁଛୁ, ତାହା କେଉଁଥିପାଇଁ ? ଏଇଥିପାଇଁ ଯେ, ସମସ୍ୟାଗୁଡ଼ିକୁ ବୁଝି ଯେମିତି ସେଇ ସମସ୍ୟା ଗୁଡ଼ିକର ସମାଧାନ ଆମେ କରିପାରିବା ଏବଂ ଯେଉଁଥିରେ ଦେଶର କଣ୍ୟାଣ ସାଧିତ ହୋଇପାରିବ । ଦେଶର କଲ୍ୟାଣ କରିବାର ଭାବନା-ମାଲିକ ଶ୍ରେଣୀର ଯେମିତି, ଶୋଷିତ ଶ୍ରେଣୀର ସେମିତି ନୁହେଁ । ଆଉ ସର୍ବହରା ଶ୍ରେଣୀ ଓ ଶୋଷିତ ଜନସାଧାରଣଙ୍କର ସ୍ୱାର୍ଥରେ ଯଦି ସମସ୍ୟାକୁ ବିଚାର କରିବାକୁ ହୁଏ ଏବଂ ତାର ସମାଧାନ କରିବାକୁ ହୁଏ, ତେବେ ପ୍ରଥମେ ଯେଉଁ କଥାଟି ଆମର ବୁଝିବା ଦରକାର ତାହାହେଲା ମିଥ୍ୟା ଓ ଧପ୍ପାବାଜି ଦ୍ୱାରା ଶୋଷିତ ଶ୍ରେଣୀର କାମ ଚଳିବନି । ତାକୁ ସତ୍ୟାନୁସନ୍ଧାନ

କରିବାକୁ ହେବ । ସତ୍ୟାନୁସନ୍ଧାନ କରି ନ ପାରିଲେ, ସମାଜର ଅସଲ ସମସ୍ୟା କ'ଣ, ତାହା ବି ସେମାନେ ଜାଣିପାରିବେ ନାହିଁ । କେବଳ ମନଗଢ଼ା କେତେଗୁଡ଼ାଏ କଥା ବା ଅନ୍ୟର କଥା ନେଇ ଘଣ୍ଟା ଚକଟା କରି କରି ବ୍ୟର୍ଥ ପରିଶ୍ରମ ସିନା ସାର ହେବ, କିନ୍ତୁ ଅସଲ ସମସ୍ୟାର ଚରିତ୍ର ବୁଝି ପାରିବେ ନାହିଁ, ତା'ର ଅଡୁଆ ସୁତାର ଖିଅ ଖୋଜି ପାଇବେ ନାହିଁ ଓ ପ୍ରକୃତ ସମାଧାନର ରାସ୍ତା ମଧ୍ୟ ଖୋଜି ପାଇବେ ନାହିଁ । ତେଣୁ ଶୋଷିତ ଜନସାଧାରଣ ହିଁ ମୁଖ୍ୟତଃ ଜ୍ଞାନ-ବିଜ୍ଞାନର ଯଥାର୍ଥ ଚର୍ଚ୍ଚା ଯୁଗେ ଯୁଗେ କରି ଆସିଛନ୍ତି । ଅବଶ୍ୟ ଏକଥା ଠିକ୍ ଯେ, ଶୋଷକ ଶ୍ରେଣୀ ଶୋଷଣ ବ୍ୟବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ, ତା'ର କିଛିଟା ଆଧୁନିକୀକରଣ କରିବା ପାଇଁ, ସେମାନଙ୍କର ଯୁଦ୍ଧୋପକରଣ ଏବଂ ରାଷ୍ଟ୍ରର ନିପୀଡ଼ନ ଯନ୍ତ୍ରଗୁଡ଼ିକୁ ଆହୁରି ଶକ୍ତିଶାଳୀ ଏବଂ ଉପଯୁକ୍ତ କରିବା ପାଇଁ, ସେମାନଙ୍କର ବ୍ୟବସାୟ ବାଣିଜ୍ୟରେ ମାଲ ଆମଦାନୀ ରପ୍ତାନିର ସୁବିଧା ପାଇଁ ଏବଂ ଭୋଗ ବିଳାସ ପାଇଁ ଯେତିକି ଦରକାର, ସେତିକି ମାତ୍ର ଜ୍ଞାନ ବିଜ୍ଞାନର ଚର୍ଚ୍ଚା କରିଥାନ୍ତି । କିନ୍ତୁ ବାସ୍ତବରେ ଶୋଷିତ ସମ୍ପ୍ରଦାୟ ହିଁ ଯୁଗ ଯୁଗ ଧରି ସେମାନଙ୍କ ବଞ୍ଚିବାର ପ୍ରୟୋଜନରେ ଜ୍ଞାନ ଜଗତକୁ ଟିକିନିଖି ଅନୁସନ୍ଧାନ କରି ଚାଲିଛି । କାରଣ ଯୁଗେ ଯୁଗେ, ଶୋଷିତ ଶ୍ରେଣୀର ମୁକ୍ତିର ପ୍ରଶ୍ନ ସମାଜର କ୍ରମ ବିକାଶ ଏବଂ ସମାଜ ବିପ୍ଳବର ପ୍ରଶ୍ନ ସହିତ ଜଡ଼ିତ ଥାଏ ବୋଲି ସତ୍ୟ ଜାଣିବାର ଅସଲ ପ୍ରୟୋଜନ ହେଲା ଶୋଷିତ ଶ୍ରେଣୀର । ଆଉ ସତ୍ୟକୁ ଚପେଇ ଦେବା ହିଁ ହେଉଛି ଶୋଷକ ଶ୍ରେଣୀର କାମ । ଜନସାଧାରଣ ଯଦି ସତ୍ୟ ଜାଣି ପାରନ୍ତି-କାହିଁକି ସେମାନଙ୍କର ଏତେ ସମସ୍ୟା, ତା'ର ବାସ୍ତବ ଉତ୍ତର ଯଦି ସେମାନେ ଖୋଜି ପାଆନ୍ତି; କାହିଁକି ଯୁବକମାନଙ୍କର ଏତେ ସମସ୍ୟା ଏବଂ କାହିଁକି ସେମାନେ ବେକାର ତା'ର ଅସଲ ଉତ୍ତରଟି ଯଦି ଯୁବକମାନେ ଜାଣି ପାରନ୍ତି, ତାହାହେଲେ ଦିନେ ନା ଦିନେ ସେମାନେ ବାରୁଦ ଗଦା ଭଳି ଫାଟି ପଡ଼ିବେ । ସେତେବେଳେ ଶୋଷକ ସମ୍ପ୍ରଦାୟର କୌଣସି ପ୍ରଲୋଭନ, କୌଣସି ବକ୍ତୃତାବାଜି, କୌଣସି ରାଜନୈତିକ କୌଶଳ ସେମାନଙ୍କୁ ଆଉ ଅଟକାଇ ରଖି ପାରିବ ନାହିଁ । ସେଥିପାଇଁ ଶୋଷକ ଶ୍ରେଣୀ ଏବଂ ସେମାନଙ୍କ ରାଜନୈତିକ ଦଲାଲମାନେ ସମସ୍ତ ମିଥ୍ୟା, ଅପକୌଶଳ, ଅସତ୍ୟ ଭାଷଣ ଏବଂ ସତ୍ୟକୁ ଚପେଇ ଦେବାର ସମସ୍ତ ପ୍ରକାର ପ୍ରଚେଷ୍ଟା ପ୍ରତିନିୟତ ଚଳାଇଛନ୍ତି । ମୁକ୍ତି ଆକାଂକ୍ଷାରେ ସେଥିପାଇଁ ଶୋଷିତ ଶ୍ରେଣୀ ସବୁ ସମୟରେ, ସବୁ ଯୁଗରେ ଜ୍ଞାନ-ବିଜ୍ଞାନ ଏବଂ ସତ୍ୟକୁ ଟିକିନିଖି ଓ ବିଶଦ ଭାବରେ ଏବଂ ବିଶେଷ ଭାବରେ (Details and concretely) ଜାଣିବାକୁ ଚେଷ୍ଟା କରିଛି । ସେଥିପାଇଁ ଆମେ ଯଦି ଶୋଷିତ ଶ୍ରେଣୀର ଦୃଷ୍ଟିକୋଣ ଅନୁଯାୟୀ, ଜନସାଧାରଣଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଶ୍ରମିକ, ଚାଷୀ ଓ ଶୋଷିତ

ମଧ୍ୟବିତ୍ତ ବୁଦ୍ଧିଜୀବୀମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଦେଶର ପରିସ୍ଥିତି ବୁଝିବାକୁ ଚାହୁଁ, ତାହାହେଲେ ଆମକୁ ଇତିହାସ ଏବଂ ବିଜ୍ଞାନର ଆଶ୍ରୟ ନେବାକୁ ହେବ । କୌଣସି ଦେଶର ରାଷ୍ଟ୍ର ବ୍ୟବସ୍ଥା ଏବଂ ରାଜନୈତିକ ଅବସ୍ଥାକୁ ବୁଝିବାକୁ ଗଲେ ପ୍ରଥମେ ବୁଝିବାକୁ ହେବ, ସେ ରାଷ୍ଟ୍ରର ଶ୍ରେଣୀ ଚରିତ୍ର କ'ଣ; ଅର୍ଥାତ୍ କେଉଁ ଶ୍ରେଣୀ ବା ଶ୍ରେଣୀଗୁଡ଼ିକ ରାଷ୍ଟ୍ର କ୍ଷମତାରେ ଆସୀନ ଏବଂ କେଉଁ ଶ୍ରେଣୀ ବା ଶ୍ରେଣୀଗୁଡିକର ସ୍ୱାର୍ଥରେ ରାଷ୍ଟ୍ର ପରିଚାଳିତ ହେଉଛି । ଏହାରି ସହିତ ସେହି ଦେଶର ଅର୍ଥନୈତିକ ବ୍ୟବସ୍ଥା ଅର୍ଥାତ ଢ଼ାଞ୍ଚାଟା କି ଧରଣର ଏବଂ ତା'ର ସ୍ୱରୂପ କ'ଣ ତାକୁ ମଧ୍ୟ ଆମକୁ ବୁଝିବାକୁ ପଡ଼ିବ ।

'ରାଷ୍ଟ୍ରର କୌଣସି ଶ୍ରେଣୀ ଚରିତ୍ର ନାହିଁ', 'ରାଷ୍ଟ୍ର ସବୁ ଲୋକଙ୍କର', ରାଷ୍ଟ୍ର ଶ୍ରେଣୀ ଉର୍ଦ୍ଧ୍ୱରେ' ଅର୍ଥାତ୍ (Supra class)-ଏକଥା ଯେଉଁମାନେ କହନ୍ତି, ସେମାନେ ମହା ଧପ୍‌ପାବାଜ । ସେମାନେ ରାଷ୍ଟ୍ର ବିପ୍ଳବର ଇତିହାସକୁ ଲୋକଙ୍କ ପାଖରେ ଗୋପନ ରଖିବାକୁ ଚାହାନ୍ତି । ରାଷ୍ଟ୍ର ଆକାଶରୁ ଖସି ପଡ଼ିନି କିମ୍ବା ସ୍ୱୟଂ ଭଗବାନ ଆସି ରାଷ୍ଟ୍ରକୁ ଗଢ଼ି ଦେଇଯାଇ ନାହାନ୍ତି । ମଣିଷ ସଭ୍ୟତାର ବିକାଶ ଅର୍ଥାତ୍ ସମାଜ ବିକାଶର ଧାରାରେ, ଉତ୍ପାଦନର ଗୋଟିଏ ବିଶେଷ ଐତିହାସିକ ପର୍ଯ୍ୟାୟରେ ପହଞ୍ଚିବା ପରେ ହିଁ, ରାଷ୍ଟ୍ରର ଅଭ୍ୟୁତ୍‌ଥାନ ହୋଇଛି । ରାଷ୍ଟ୍ରର ଅଭ୍ୟୁତ୍‌ଥାନ ବା ରାଷ୍ଟ୍ର ଗଢ଼ି ଉଠିବାର ଇତିହାସ ଯେଉଁମାନେ ଜାଣନ୍ତି, ସେମାନେ ଜାଣନ୍ତି ଯେ, ଆଦିମ ଗୋଷ୍ଠୀବଦ୍ଧ ସମାଜରେ ଗୋଷ୍ଠୀ ସମ୍ପତ୍ତି ଉପରେ ବଳପ୍ରୟୋଗ ଦ୍ୱାରା ବ୍ୟକ୍ତିଗତ ମାଲିକାନା ପ୍ରତିଷ୍ଠିତ ହେବା ପରେ ହିଁ, ତାକୁ ରକ୍ଷା କରିବାର ସ୍ୱାର୍ଥରେ ମାଲିକ ଶ୍ରେଣୀକୁ ଯେଉଁ ଶାସନ ଏବଂ ଶୋଷଣ ଶକ୍ତି ଗଢ଼ି ତୋଳିବାକୁ ହୋଇଥିଲା, ତାହା କାଳକ୍ରମେ ବିକାଶ ଲାଭ କରି, ରାଷ୍ଟ୍ର ବିପ୍ଳବର ମଧ୍ୟ ଦେଇ, ଆଜିକାର ଆଧୁନିକ ରାଷ୍ଟ୍ର ବ୍ୟବସ୍ଥାରେ ପର୍ଯ୍ୟବସିତ ହୋଇଛି । ଏଇ ଐତିହାସିକ ସତ୍ୟକୁ ଫାଙ୍କି ଦେବାର କ୍ଷମତା କାହାରି ହେଲେ ନାହିଁ ।

ଭାରତବର୍ଷର ରାଷ୍ଟ୍ରର ଶ୍ରେଣୀ ଚରିତ୍ର କ'ଣ ତାହା ଯଦି ଆମେ ବୁଝି ନପାରୁ, ଅର୍ଥନୈତିକ ବ୍ୟବସ୍ଥାର ମୌଳିକ ଚରିତ୍ର ଏବଂ ତା'ର ବିଶେଷ ବୈଶିଷ୍ଟ୍ୟଗୁଡ଼ିକୁ ଯଦି ଆମେ ସଠିକ୍ ଭାବେ ଧରି ନପାରୁ, ତା'ହେଲେ ବର୍ତ୍ତମାନ ସମାଜରେ ଶୋଷଣର ପ୍ରକୃତିକୁ ମଧ୍ୟ ଆମେ ଯଥାର୍ଥ ଭାବେ ଉପଲବ୍ଧି କରି ପାରିବା ନାହିଁ ଏବଂ ବେକାର ସମସ୍ୟା, ସାଂସ୍କୃତିକ ଅବକ୍ଷୟ, ନୈତିକ ଅଧଃପତନ-ଏସବୁର ସଠିକ୍ କାରଣ ନିର୍ଣ୍ଣୟ କରିବାକୁ ମଧ୍ୟ ସକ୍ଷମ ହେବା ନାହିଁ । ଆମ ଦେଶରେ ଲକ୍ଷ ଲକ୍ଷ ଯୁବକଙ୍କର କାମ ପାଇବାର ସମସ୍ୟା, ଅର୍ଥାତ୍ ବେକାର ସମସ୍ୟାର ଅସଲ କାରଣ କେଉଁଠି, କାହା ସହିତ ଓ କେଉଁ ପ୍ରଶ୍ନ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ଅଛି, ତାହା ଆମେ ଧରି ପାରିବା ନାହିଁ ଏବଂ କୌଣସି ସମସ୍ୟାର ସମାଧାନର ପଥ ନିର୍ଦ୍ଦେଶ ମଧ୍ୟ କରିପାରିବା

ନାହିଁ । ଫଳରେ ଆମେ କେବଳ ସ୍ଲୋଗାନ ଦେବା, ଆନ୍ଦୋଳନ କରିବା ବୋଲି ସଙ୍ଗଠିତ ହେବା, କେବେ କେମିତି ହୁଏତ ଜୋରଦାର ଆନ୍ଦୋଳନ କରିବା; କିନ୍ତୁ ଆନ୍ଦୋଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଆମର ଠିକ୍ ରହିବ ନାହିଁ । କେଉଁଠି ଆଘାତ କରିବାକୁ ହେବ, କିଏ ଶତ୍ରୁ, କିଏ ମିତ୍ର, କେଉଁ ଜାଗାରେ ଆଘାତ କଲେ, କେଉଁ ଜାଗାରେ ଚୋଟ ପକାଇଲେ ଏବଂ କେଉଁ ରାସ୍ତାରେ ଓ କିଭାବେ ଆନ୍ଦୋଳନ କଲେ, ଶେଷରେ ଆମମାନଙ୍କର ସମସ୍ୟାର ସମାଧାନ ହେବ, ତା’ ଯଦି ଆମେ ଜାଣି ନପାରୁ, ତେବେ ଖାଲି ‘ଆଘାତ କର’, ‘ଆଘାତ କର’ ବୋଲି ଚିତ୍କାର କରି ଏଠି ସେଠି ଆଘାତ କଲେ କୌଣସି ଲାଭ ହେବ ନାହିଁ । ବରଂ ଏହା ଫଳରେ ମଣିଷର ଆଘାତ କରିବାର ଯେଉଁ ଶକ୍ତି ରହିଛି, ତାହାକୁ ସଙ୍ଗଠିତ ନ କରି ଖାଲି ବିପଥଗାମୀ କରାଯାଏ; ପୁନଶ୍ଚ ଯେଉଁଠି ଆଘାତ କଲେ କୌଣସି ଲାଭ ହେବ ନାହିଁ, ସେମିତି ଜାଗାରେ ଆଘାତ କରି ଗୋଟିଏ ଦିଗରେ ଶକ୍ତିର ଅପଚୟ ହୁଏ ଓ ସାମୟିକ ଭାବରେ ହେଲେ ମଧ୍ୟ ଆଘାତ କରିବାର ଶକ୍ତି ନଷ୍ଟ ହୁଏ ଏବଂ କାର୍ଯ୍ୟତଃ କିଛି ଲାଭ ହୁଏ ନାହିଁ । ଅନ୍ୟ ଦିଗରେ ତା’ର ମାରାତ୍ମକ ପ୍ରତିକ୍ରିୟା ହିସାବରେ- ଯେଉଁମାନେ ଲଢ଼େଇ କଲେ ସେମାନଙ୍କ ଭିତରେ ଚରମ ହତାଶ ଭାବ ଦେଖାଦିଏ । ଏପରି ହତାଶାଗ୍ରସ୍ତ ହୋଇ ସେମାନେ ଭାବନ୍ତି ଯେ, ଅନେକ ତ ଲଢ଼େଇ ହେଲା, ଅନେକ ପରିଶ୍ରମ କରାଗଲା, ଅନେକ ଜେଲ ଭୋଗ କରାଗଲା, ଅନେକ ଆତ୍ମତ୍ୟାଗ ହେଲା, କୁରବାନୀ ହେଲା, କିନ୍ତୁ ଶେଷରେ ହେଲା କ’ଣ ? ଯୁବ ସମସ୍ୟା ଯେଉଁଠି ଥିଲା, ସେଇଠି ରହିଯାଇଛି, ବେକାରୀ ସମସ୍ୟା ଯେଉଁଠି ଥିଲା, ସେଇଠି ସେମିତି ରହିଛି- ତା’ର କେଶାଗ୍ର ସୁଦ୍ଧା ଆମ୍ଭେମାନେ ସ୍ପର୍ଶକରି ପାରିଲୁ ନାହିଁ; ବରଂ ସେଗୁଡ଼ିକ ଦିନକୁ ଦିନ ବଢ଼ି ଚାଲିଛି । ଫଳରେ ଲଢ଼େଇ ଫଢ଼େଇ କରି କିଛି ଲାଭ ନାହିଁ । ସବୁ ପାର୍ଟିକୁ ଦେଖିଲୁ । ଜନସାଧାରଣଙ୍କ ମନରେ ଯଦି ଏଭଳି ହତାଶା ଓ ପ୍ରତିକ୍ରିୟା ଦେଖାଦିଏ, ତେବେ ଶାସକଗୋଷ୍ଠୀ ଓ ପ୍ରତିକ୍ରିୟାଶୀଳ ଶକ୍ତିଗୁଡ଼ିକ ସେମାନଙ୍କ ଶାସନର ଯନ୍ତ୍ରକୁ ଆହୁରି ପାକଲେଇ ମଜବୁତ କରିବାର ସୁଯୋଗ ପାଆନ୍ତି ଏବଂ ଦେଶରେ ପ୍ରଗତିଶୀଳ ଆନ୍ଦୋଳନ କିଛିଦିନ ପାଇଁ ହେଲେ ମଧ୍ୟ ଏହାଦ୍ୱାରା ବାଧାପ୍ରାପ୍ତ ହୁଏ । ସେଥିପାଇଁ ଦେଖାଯାଉଛି ଯେ, ଆଦର୍ଶ, ନୀତି ଏବଂ ରାଜନୈତିକ ଲାଇନ୍ ଠିକ୍ ନହେଲେ ‘ବେକାର ସମସ୍ୟାର ସମାଧାନ କରିବାକୁ ହେବ’, ‘ଯୁବକମାନଙ୍କର ନୈତିକମାନ ଗଢ଼ି ତୋଳିବାକୁ ହେବ’, ‘ଯୁବକମାନଙ୍କୁ ଆଦର୍ଶବାନ କରି ଗଢ଼ି ତୋଳିବାକୁ ହେବ’, ଜାତିକୁ କେବଳ ଯୁବକମାନେ ହିଁ ଗଢ଼ିବାକୁ ସକ୍ଷମ’, ଏଇ ସବୁ ଭଲ ଭଲ ଅଥଚ

କେତେକ ଅର୍ଥହୀନ ଅମୂଳକ କଥା କହି କିଛିଦିନ ପାଇଁ ହୁଏତ ଆମେ ଯୁବକମାନଙ୍କୁ ତତେଇ ପାରୁ, ଦଳବଦ୍ଧ କରିପାରୁ, କିମ୍ବା ଗୋଟିଏ ସଙ୍ଗଠନ ଭିତରେ ଅଟକେଇ ରଖିବାର ଚେଷ୍ଟା କରିପାରୁ; କିନ୍ତୁ ଶେଷଯାଏଁ ଆମେ ଯୁବକ ସମସ୍ୟାଗୁଡିକୁ କୌଣସି ମତେ ସମାଧାନ କରି ପାରିବା ନାହିଁ । ଯୁବ ସମସ୍ୟା, ବେକାର ସମସ୍ୟା ଓ ସାଂସ୍କୃତିକ ଅଧଃପତନ ପ୍ରଭୃତି ସମସ୍ୟାଗୁଡ଼ିକର ସମାଧାନର ସଠିକ୍ ରାସ୍ତା ପାଇବାକୁ ହେଲେ, ଯେଉଁ ଦୁଇଟି ମୂଳ ପ୍ରଶ୍ନ ଏଡ଼େଇ ଗଲେ ବା ତା'ର ଗୁରୁତ୍ୱକୁ ଲାଘବ କରି ଦେଖିଲେ ଚଳିବ ନାହିଁ, ସେଥିରୁ ଗୋଟିଏ ହେଲା- ଭାରତବର୍ଷର ବର୍ତ୍ତମାନ ରାଷ୍ଟ୍ରର ଶ୍ରେଣୀ ଚରିତ୍ର କ'ଣ, ଅର୍ଥାତ୍ କେଉଁ ଶ୍ରେଣୀ ବା ଶ୍ରେଣୀଗୁଡ଼ିକ ରାଷ୍ଟ୍ର କ୍ଷମତାରେ ରହିଛନ୍ତି ? ଏବଂ ଅନ୍ୟଟି ହେଲା, ଭାରତବର୍ଷର ଅର୍ଥନୈତିକ ବ୍ୟବସ୍ଥାର ଚରିତ୍ର କ'ଣ ଏବଂ ତା'ର ବିଶେଷ ବୈଶିଷ୍ଟ୍ୟଗୁଡ଼ିକ କ'ଣ ? ଏଇ ଦୁଇଟି ପ୍ରଶ୍ନର ସଠିକ୍ ସମାଧାନ କରିପାରିଲେ ହିଁ ଆମେମାନେ ସବୁ ରକମର ସଂଶୋଧନବାଦ ଏବଂ ବୁର୍ଜୁଆ ସଂସ୍କାରବାଦୀ ଚିନ୍ତାର ପ୍ରଭାବରୁ- ମୁକ୍ତ ହୋଇ ସଠିକ୍ ବିପ୍ଳବୀ ଲାଇନର ସନ୍ଧାନ ପାଇପାରିବୁ ।

ବର୍ତ୍ତମାନ ଦେଖାଯାଉ, ଆମ ଦେଶରେ ଯେଉଁ ରାଷ୍ଟ୍ର ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଛି ତା'ର ରୂପରେଖ ଏବଂ ଚରିତ୍ର କ'ଣ ? ରାଜନୈତିକ ପରିଭାଷାରେ ତାକୁ କେଉଁ ଧରଣର ରାଷ୍ଟ୍ର ବୋଲି କୁହାଯାଇପାରେ ? ଇତିହାସର ଛାତ୍ର ହିସାବରେ ଆମେ ଜାଣୁ ଯେ, ରାଷ୍ଟ୍ର ହେଉଛି ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାର ଏକ ବର୍ହିଗଠନ (super structure) ଏବଂ ଏହା ଶ୍ରେଣୀ ହାତରେ, ଶ୍ରେଣୀ ଶାସନ ଏବଂ ଶ୍ରେଣୀ ଆଧିପତ୍ୟ ବିସ୍ତାରର ସବୁଠାରୁ ଶକ୍ତିଶାଳୀ ସଶସ୍ତ୍ର ହତିଆର । କିନ୍ତୁ ଏଠି ଯେଉଁ କଥାଟିକୁ ସଙ୍ଗେ ସଙ୍ଗେ ମନେରଖିବାକୁ ହେବ, ତା' ହେଲା ଶ୍ରେଣୀ ସଂଗ୍ରାମ ଏବଂ ବିପ୍ଳବର ଅଙ୍କାବଙ୍କା ରାସ୍ତା ହେତୁ (turn and twist) ଏବଂ ପୁଞ୍ଜିବାଦର ଅସମ (uneven) ବିକାଶ ଯୋଗୁ, ରାଷ୍ଟ୍ରର ଚରିତ୍ର ନିର୍ଦ୍ଧାରଣ କରିବା କ୍ଷେତ୍ରରେ କେଉଁ ଶ୍ରେଣୀଟି ରାଷ୍ଟ୍ର କ୍ଷମତାରେ ଅଧିଷ୍ଠିତ-ତାହା ହିଁ ମୁଖ୍ୟ ବିଚାର୍ଯ୍ୟ ବିଷୟ ।

ଏଇ କଥାଟି ବୁଝି ନ ପାରିଲେ ଅର୍ଥନୈତିକ ନିଶ୍ଚୟତାବାଦ (economic determinism) ବା ନାନା ରକମର ସଂଶୋଧନବାଦୀ ଚିନ୍ତାର ଜାଲରେ ପଡ଼ିଯିବାର ଆଶଙ୍କା ସବୁ ସମୟରେ ରହିଥାଏ ଏବଂ ରାଜନୈତିକ ଘଟଣାବଳୀ ଯେ ପ୍ରାୟ ଅଧିକାଂଶ କ୍ଷେତ୍ରରେ ଅର୍ଥନୈତିକ ପରିସ୍ଥିତି ଉପରେ ପ୍ରାଧାନ୍ୟ ବିସ୍ତାର କରିଥାଏ-ଏଇ ଐତିହାସିକ ସତ୍ୟକୁ ହିଁ ଅସ୍ୱୀକାର କରାଯିବ । ଏଇ ଦୃଷ୍ଟିଭଙ୍ଗୀ ନେଇ ବିଚାର କଲେ, ଅର୍ଥନୈତିକ ବ୍ୟବସ୍ଥା ସମ୍ପର୍କରେ ଖୁଣ୍ଟିନାଣ୍ଟି ବିଶ୍ଳେଷଣ ନକରି ମଧ୍ୟ ନିଃସନ୍ଦେହରେ କୁହାଯାଇ ପାରିବ ଯେ, ଭାରତବର୍ଷରେ ବୁର୍ଜୁଆ ଶ୍ରେଣୀ ରାଷ୍ଟ୍ର କ୍ଷମତାରେ ଅଧିଷ୍ଠିତ ।

ବର୍ତ୍ତମାନ, ଆମ ଦେଶର ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାଟି କି ଧରଣର, ସେ ସମ୍ପର୍କରେ ବର୍ତ୍ତମାନ କିଛି ଆଲୋଚନା କରି ଦେଖାଯାଉ । ସିଧାସଳଖ କଥାରେ ସମସ୍ତେ ବୁଝନ୍ତି ଯେ, ଏଇଟା ଗୋଟାଏ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା । କିନ୍ତୁ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା କହିଲେ କ'ଣ ବୁଝାଏ ? ପୁଞ୍ଜିବାଦ ସମ୍ପର୍କରେ ଓ ତା'ର ସବୁ ପ୍ରକାର ଜଟିଳ ନିୟମକାନୁନ ଏବଂ ପ୍ରକ୍ରିୟା ଗୁଡ଼ିକ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରି ବୁଝେଇବା ଏଭଳି ଏକ ବକ୍ତୃତାରେ ସମ୍ଭବ ନୁହେଁ । ମାତ୍ର ଯେଉଁ କଥାଗୁଡ଼ିକ ବୁଝି ନପାରିଲେ ପୁଞ୍ଜିବାଦର ମୌଳିକ ଚରିତ୍ର ଏବଂ ମୂଳ ନିୟମଗୁଡ଼ିକୁ ଆପଣମାନେ ବୁଝିପାରିବେ ନାହିଁ, ସେହି କଥାଗୁଡ଼ିକୁ ହିଁ ମୁଁ କେବଳ ଏଠି ଉଲ୍ଲେଖ କରିବି । ସାଧାରଣ ଭାବେ ଆପଣମାନେ ନିଜେ ହିଁ ଜାଣନ୍ତି ଯେ ମୋଟାମୋଟି ଭାବେ ପୁଞ୍ଜିବାଦ କହିଲେ ଏମିତି ଏକ ଅର୍ଥନୈତିକ ବ୍ୟବସ୍ଥାକୁ ବୁଝାଏ ଯେଉଁଠି ମାଲିକ ମଜଦୁର ଅଛନ୍ତି ଏବଂ ମାଲିକ-ମଜଦୁର ସମ୍ପର୍କ ଭିତ୍ତିରେ ସର୍ବୋଚ୍ଚ ମୁନାଫା ଅର୍ଜନ ଉଦ୍ଦେଶ୍ୟରେ ହିଁ ଉତ୍ପାଦନ ହେଉଛି । ଅର୍ଥାତ୍ ଯେଉଁଠି ବି ଉତ୍ପାଦନ ହେଉଛି, ସେଠି ଉତ୍ପାଦନ ସମ୍ପର୍କର ପ୍ରଧାନ ରୂପଟି ହେଉଛି, ମାଲିକ ଓ ମଜଦୁରର ସମ୍ପର୍କ- ଜଣେ ମାଲିକ ଓ ଜଣେ ଶ୍ରମିକ (wage earner) । ଶ୍ରମିକ ତାର ଶ୍ରମ ବିକ୍ରିକରି ମଜୁରୀ ପାଏ, ଆଉ ମାଲିକ ତାକୁ ଯେଉଁ ମଜୁରୀ ଦିଏ ତାହା ନ୍ୟାଯ୍ୟ କି ନୁହେଁ- ସାମାଜିକ ନ୍ୟାୟ-ନୀତି ଅନୁଯାୟୀ ତା' ନିର୍ଣ୍ଣୟ କରିବାର ଏଠି କୌଣସି ନିର୍ଦ୍ଦିଷ୍ଟ ମାପକାଠି ନାହିଁ । ତାହା ମୁଖ୍ୟତଃ ମାଲିକର ଇଚ୍ଛା ଏବଂ ଅନେକାଂଶରେ ତା'ର ଖିଆଲ-ଖୁସି ଉପରେ ନିର୍ଭର କରେ । ନ୍ୟାଯ୍ୟ ମଜୁରୀ ନିର୍ଣ୍ଣୟର ମାପକାଠି କେବଳ ମାତ୍ର ସେତେବେଳେ ହିଁ ନିର୍ଦ୍ଧାରିତ ହୋଇପାରିବ, ଯେତେବେଳେ ଉତ୍ପାଦନ ଉପରେ ବ୍ୟକ୍ତିଗତ ମାଲିକାନା ବଦଳରେ ସାମାଜିକ ମାଲିକାନା ପ୍ରତିଷ୍ଠିତ ହେବ ଏବଂ ମଜଦୁର ମାନଙ୍କର ପରିଶ୍ରମ ଫଳରେ ଉତ୍ପାଦନରୁ ଯେଉଁ ଲାଭ ଓ ସମାଜର ମୋଟ ସମ୍ପଦ ସୃଷ୍ଟି ହେଉଛି, ତା'ର ଗୋଟିଏ ଅଂଶ ଦେଶର ସର୍ବାଙ୍ଗୀନ ବିକାଶ ଓ ଶିଳ୍ପୋନ୍ନୟନରେ ବିନିଯୋଗ କରାଯାଇ ବାକି ଅଂଶଟିକୁ ମଜଦୁରର ପ୍ରାପ୍ୟ ହିସାବରେ ଦିଆଯିବ । ଏଭଳି ଅବସ୍ଥାରେ ଅର୍ଥାତ୍ ଏକମାତ୍ର ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥାରେ ହିଁ, ସାମାଜିକ ନ୍ୟାୟ-ନୀତିର ଭିତ୍ତିରେ ମଜଦୁର ତା'ର ନ୍ୟାଯ୍ୟ ମଜୁରୀ ପାଇପାରିବ ବୋଲି କୁହାଯାଇପାରେ । ଏଭଳି ଗୋଟିଏ ବ୍ୟବସ୍ଥା ଯେତେଦିନ ଯାଏ ପ୍ରବର୍ତ୍ତିତ ନହୋଇଛି, ବ୍ୟକ୍ତିଗତ ମାଲିକାନା ଅର୍ଥାତ୍ ମାଲିକି ବ୍ୟବସ୍ଥା ବା ପୁଞ୍ଜିବାଦୀ ବ୍ୟବସ୍ଥା ଯେତେଦିନ ଯାଏ ପ୍ରଚଳିତ ରହିଛି, ସେତେଦିନ ପର୍ଯ୍ୟନ୍ତ ଶ୍ରମିକର ମଜୁରୀରୁ ମାଲିକ ଗୋଟାଏ ମୋଟା ଅଂଶ ନେବ ହିଁ ନେବ । ମଜଦୁରର ପରିଶ୍ରମ ଫଳରେ ଦେଶର ସମସ୍ତ ସମ୍ପଦ ସୃଷ୍ଟି ହେଉଛି । ଅଥଚ

ମାଲିକଶ୍ରେଣୀ ବିନା ପରିଶ୍ରମରେ ସେଥିରୁ ଗୋଟାଏ ମୋଟାଭାଗ ଲୁଟି ନିଏ । ଏହିଭଳି ତା'ର ପୁଞ୍ଜିର ପରିମାଣ କ୍ରମାଗତ ଭାବେ ବଢ଼ି ବଢ଼ି ଚାଲେ, ଆଉ ମଜଦୁରର ଦାରିଦ୍ର୍ୟ ଜୀବନ ସାରା କେବେ ବି ଦୂର ହୁଏ ନାହିଁ । ଏମିତି କି ତା'ର ଚାକିରୀର ସ୍ଥାୟିତ୍ୱ ବି ନଥାଏ । ଏଭଳି ବ୍ୟବସ୍ଥାକୁ ସହଜ ସରଳ କଥାରେ ଆମେ ପୁଞ୍ଜିବାଦ ବୋଲି କହୁ । ଏହି ପୁଞ୍ଜିବାଦୀ ରାଷ୍ଟ୍ରରେ ବୁର୍ଜୁଆ ଶ୍ରେଣୀ ଶିଳ୍ପର ଜାତୀୟକରଣ (Nationalisation) ଭଳି କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରି ଥାଏ । କିନ୍ତୁ ତା' ଫଳରେ ମାଲିକ ଶ୍ରମିକ ସମ୍ପର୍କର ଅବସାନ ତ ହୁଏନା, ବରଂ ତାହା ଆହୁରି ଚୂଡ଼ାନ୍ତ ରୂପ ଧାରଣ କରେ । ଏହାଦ୍ୱାରା ସର୍ବୋଚ୍ଚ ମୁନାଫା ଅର୍ଜନ କରିବାର ପୁଞ୍ଜିବାଦୀ ଅର୍ଥନୈତିକ ନିୟମଟିର ମଧ୍ୟ ଅବଲୁପ୍ତି ଘଟେନା । ବରଂ ଜାତୀୟ ସମ୍ପତ୍ତିର ଦ୍ୱାହି ଦେଇ ଏ କ୍ଷେତ୍ରରେ ଶୋଷଣ ଆହୁରି ନିର୍ମମ ଆକାର ଧାରଣ କରେ । ତା'ହେଲେ ଦେଖାଯାଉଛି ଯେ, ଯେଉଁଠି ମାଲିକ-ଶ୍ରମିକ ସମ୍ପର୍କର ଭିତ୍ତିରେ ଉତ୍ପାଦନ ହୁଏ ଏବଂ ଯେଉଁ ଉତ୍ପାଦନର ଉଦ୍ଦେଶ୍ୟ ହେଉଛି ସର୍ବୋଚ୍ଚ ମୁନାଫା ଅର୍ଜନ, ତାକୁ ହିଁ ପୁଞ୍ଜିବାଦୀ ବ୍ୟବସ୍ଥା କୁହାଯାଏ ।

ଗୋଟିଏ ଦିଗରେ ଶ୍ରମିକମାନଙ୍କୁ ନ୍ୟାଯ୍ୟ ମଜୁରୀ ଦେବା ଏବଂ ଉତ୍ପାଦନ ଓ ସମ୍ପଦ ବୃଦ୍ଧି ସହିତ ତାଳ ରଖି ଶ୍ରମିକମାନଙ୍କ ରୋଜଗାର କ୍ରମାଗତ ବଢ଼ାଇ ଚଳିବା ଏବଂ ଅନ୍ୟ ଦିଗରେ ସମାଜ ବିକାଶର ସାମଗ୍ରିକ ପ୍ରୟୋଜନକୁ ଲକ୍ଷ୍ୟ ରଖି, ମଣିଷର ଯାହା କିଛି ପ୍ରୟୋଜନ, ଅର୍ଥାତ୍ ସମାଜର ସାମଗ୍ରିକ ପ୍ରୟୋଜନକୁ ହିସାବ କରି ପରିକଳ୍ପନା ଅନୁଯାୟୀ ଉତ୍ପାଦନ କରିବା ଏବଂ ଜନସାଧାରଣଙ୍କ କ୍ରୟ କ୍ଷମତା ସହିତ ସଂଗତି ରଖି, ଜିନିଷପତ୍ରର ମୂଲ୍ୟ ଧାର୍ଯ୍ୟ କରି, ସୁଷମ ବଣ୍ଟନ ବ୍ୟବସ୍ଥାର ପ୍ରବର୍ତ୍ତନ କରିବା ପ୍ରଭୃତି ସାମାଜିକ ଉଦ୍ଦେଶ୍ୟ ନେଇ କ'ଣ ଆମ ଦେଶରେ ଉତ୍ପାଦନ ହୁଏ ? ନା' ହୁଏନା । ଯାହା ହୁଏ, ତାହା ହେଲା ଶ୍ରମିକକୁ ଗୋଟିଏ ନ୍ୟୂନତମ ମଜୁରୀ ଦିଆଯାଏ ଅର୍ଥାତ୍, ଯେତିକି ନ ଦେଲେ, ଶ୍ରମିକ ବଞ୍ଚି ରହି ମାଲିକର ମୁନାଫା ଲୁଟିବାର ଯନ୍ତ୍ର ହିସାବରେ କାମ କରି ପାରିବ ନାହିଁ, କେବଳ ସେତିକି ମାତ୍ର ଦେବାପରେ, ଏ ଦେଶର ଉତ୍ପାଦିତ ସମ୍ପଦର ବାକି ଅଂଶତକ, କିଛି ଅମଲା ପୋଷଣ ପାଇଁ ଖର୍ଚ୍ଚ ହେବା ପରେ, ମାଲିକର ବ୍ୟକ୍ତିଗତ ଲାଭ ହିସାବରେ ତା'ର ପକେଟକୁ ଚାଲିଯାଏ । ଫଳରେ ନା ବଢ଼େ ମଣିଷର କ୍ରୟ କ୍ଷମତା, ନା ହୁଏ ବଜାର ସଂପ୍ରସାରଣ, ନା ହୁଏ ଦେଶର କ୍ରମାଗତ ଶିଳ୍ପ ବିକାଶ । କାରଣ ଏଠି ଉତ୍ପାଦନର ମୂଳ ଉଦ୍ଦେଶ୍ୟ ହେଉଛି, ସର୍ବୋଚ୍ଚ ମୁନାଫା ଅର୍ଜନ । ସିଧା କଥାରେ, ଲାଭ ନ ହେଲେ ଏଠି ପୁଞ୍ଜିପତିମାନେ ପୁଞ୍ଜି ବିନିଯୋଗ କରନ୍ତି ନାହିଁ । ଫଳରେ କଳ କାରଖାନା ଗଢ଼ିଉଠେନି କି ଉତ୍ପାଦନ ମଧ୍ୟ ହୁଏନି । ଏଭଳି ବ୍ୟବସ୍ଥାକୁ ଆମେ ପୁଞ୍ଜିବାଦୀ ବ୍ୟବସ୍ଥା; ଯାହାର ମୂଳ

କଥା ହେଲା, ପୁଞ୍ଜିବାଦୀ ଉତ୍ପାଦନ ସମ୍ପର୍କ ଅର୍ଥାତ୍; ମାଲିକ ଶ୍ରମିକ ସମ୍ପର୍କର ଭିତ୍ତିରେ ଉତ୍ପାଦନ ଏବଂ ସର୍ବୋଚ୍ଚ ମୁନାଫା ଉଦ୍ଦେଶ୍ୟରେ ଉତ୍ପାଦନ-ସାମାଜିକ ପ୍ରୟୋଜନ ମେଣ୍ଟାଇବା କଥାଟି ଖାଲି ଏକ ବାହାନା । ଏଠି ସମାଜର କ୍ରମୋନ୍ନତି ଏବଂ ପ୍ରୟୋଜନ ପ୍ରତି ଲକ୍ଷ୍ୟ ରଖି ଉତ୍ପାଦନର ନୀତି ନିର୍ଦ୍ଧାରିତ ହୁଏନା, ବଜାର ଲାଭକୁ ଦୃଷ୍ଟିରେ ରଖି ଉତ୍ପାଦନର ନୀତି ନିର୍ଦ୍ଧାରିତ ହୁଏ ।

ଆମ ଦେଶରେ ଏହିଭଳି ଏକ ବ୍ୟବସ୍ଥା ପ୍ରଚଳିତ । ଏଇ ବ୍ୟବସ୍ଥାର ଅବଶ୍ୟମ୍ଭାବୀ ପରିଣତିରେ ହିଁ ଏଠି ଶୋଷଣ ଚାଲିଛି । ଅର୍ଥାତ୍ ଶ୍ରମଜୀବୀମାନଙ୍କର ନ୍ୟାଯ୍ୟ ପ୍ରାପ୍ୟର ଏକ ବିରାଟ ଅଂଶକୁ ଶ୍ରମିକକୁ ଫାଙ୍କି ଦେଇ ଆତ୍ମସାତ କରି, ମୁନାଫା ହିସାବରେ ରାଘବ ବାଳିଆ ଅର୍ଥାତ୍ ମାଲିକମାନେ ପକେଟସ୍ଥ କରି ନେଉଛନ୍ତି । ଆଉ ବଜାର ଯଦି ଚଢ଼ାଥାଏ, ଅର୍ଥାତ୍ ଉତ୍ପାଦିତ ପଣ୍ୟ ବିକ୍ରି କରିବାର ବଜାର ଯଦି ରହିଥାଏ, ତା'ହେଲେ ମୁନାଫାର ସାମାନ୍ୟ ଅଂଶକୁ ବି ମାଲିକମାନେ ଅଧିକ ଲାଭର ଆଶାରେ ଶିଳ୍ପୋନ୍ନୟନ କ୍ଷେତ୍ରରେ ବ୍ୟୟ କରନ୍ତି, କିନ୍ତୁ ତା'ର ଏକ ବଡ଼ ଭାଗ ହିଁ ଲାଭ ଆକାରରେ ଏବଂ ବିଭିନ୍ନ ଭାବରେ ମାଲିକର ପକେଟକୁ ଚାଲିଯାଏ । ଏଭଳି ଅବସ୍ଥାରେ, ଦେଶର ଲୋକମାନଙ୍କର କ୍ରୟ କ୍ଷମତା ଓ ଶ୍ରମଜୀବୀମାନଙ୍କର ପ୍ରକୃତ ରୋଜଗାର କମିଯିବାକୁ ବାଧ୍ୟ । ଆଉ ଯଦି ଜନସାଧାରଣଙ୍କର କ୍ରୟ କ୍ଷମତା କମିଯିବାକୁ ଲାଗେ, ତେବେ କ୍ରମାଗତ ଶିଳ୍ପୋଦ୍ୟୋଗ ପଥରେ ପାଦେ ବି ଆଗେଇବା ସମ୍ଭବପର ନୁହେଁ ଏବଂ ତା ଫଳରେ କୃଷିର ଆଧୁନିକୀକରଣ ଏବଂ ଯାନ୍ତ୍ରିକୀକରଣ କରାଯାଇ ପାରିବ ନାହିଁ, ତଥା ଗ୍ରାମ୍ୟ ଜୀବନର ଦାରିଦ୍ର୍ୟ ଓ ଦୁର୍ଦ୍ଦଶା ମଧ୍ୟ କୌଣସି ପ୍ରକାରେ ଘୁଞ୍ଚିବ ନାହିଁ । ଏପରି ଅବସ୍ଥାରେ ଲୋକମାନେ କାମଧନ୍ଦା ପାଇବେ ବା କେଉଁଠି ? ସେମାନଙ୍କୁ କାମ ବା ଦେବ କିଏ ? ଘରେ ବସେଇ ତ ଆଉ କେହି କାମ ଦେବେ ନାହିଁ, ବ୍ୟକ୍ତି ମାଲିକମାନେ (ଘରୋଇ ଉଦ୍ୟୋଗ) ଦେଇପାରିବେ ନାହିଁ କିମ୍ବା ପୁଞ୍ଜିବାଦୀ ରାଷ୍ଟ୍ର (ସରକାରୀ ଉଦ୍ୟୋଗ) ମଧ୍ୟ ଦେଇପାରିବ ନାହିଁ ।

ଆମର ଏଇ ବ୍ୟବସ୍ଥାଟା ଯେ ଖାଲି ପୁଞ୍ଜିବାଦୀ ବ୍ୟବସ୍ଥା ତା' ନୁହେଁ; ଆଜିର ଏହି ପୁଞ୍ଜିବାଦୀ ବ୍ୟବସ୍ଥାରେ ଉତ୍ପାଦନର ଅବାଧ ବିକାଶର ଆଉ କୌଣସି ସମ୍ଭାବନା ନାହିଁ । ପଛୁଆ ପୁଞ୍ଜିବାଦ ହେଲେ ମଧ୍ୟ ଏହା ଏକ ସଙ୍କଟ ଜର୍ଜରିତ ପୁଞ୍ଜିବାଦ । ତେବେ ଏହି ବ୍ୟବସ୍ଥାରେ ବି ଯେ କିଛି କିଛି ଶିଳ୍ପ ବିକାଶ ହେଉନାହିଁ ବା କିଛି କିଛି ବଜାର ସଂପ୍ରସାରଣ ହେଉନାହିଁ, ସେ କଥା ନୁହେଁ । ମାତ୍ର ସଙ୍ଗେ ସଙ୍ଗେ ପୁଣି ବଜାର ସଙ୍କଟ ଦେଖାଦେଉଛି । ପାଞ୍ଚଟା କାରଖାନା ଗଢ଼ି ଉଠୁଛି ତ ଦଶଟା କାରଖାନା ବନ୍ଦ ହୋଇଯାଉଛି । ଲାଇସେନ୍‌ସ ବା ପରମିଟ ନେଇ ହୁଏତ କେହି ଜଣେ ଗୋଟାଏ ନୂଆ କରି ଉଦ୍ୟୋଗ

ବା କାରଖାନା ଖୋଲୁଛି, ରାଷ୍ଟ୍ର ଉଦ୍ୟୋଗରେ କୌଣସି କୌଣସି କ୍ଷେତ୍ରରେ କିଛି କିଛି ଉଦ୍ୟମ ମଧ୍ୟ ହେଉଛି । କିନ୍ତୁ ଯେଉଁ କାରଖାନା ସବୁ ସୀମିତ ଉତ୍ପାଦିକା ଶକ୍ତିନେଇ ଚାଲୁଥିଲା, ସେଗୁଡ଼ିକ ହୁଏତ କଞ୍ଚାମାଲର ଅଭାବରେ କିମ୍ବା ବଜାର ଅଭାବରେ ଉତ୍ପାଦିକା ଶକ୍ତିର ପୂର୍ଣ୍ଣ ବିନିଯୋଗ କରି ନପାରି କାରଖାନା ବନ୍ଦ କରିଦେଉଛି, ସିଫ୍ଟ୍ ବନ୍ଦ କରି ଦେଉଛି, ଉତ୍ପାଦନ ବନ୍ଦ କରିଦେବାକୁ ବାଧ୍ୟ ହେଉଛି, ଫଳରେ କାମ ଅଭାବରେ ଶ୍ରମିକ ଛଟେଇ ହେଉଛି, ଲେ ଅଫ୍ ହେଉଛି ।

ଲେ-ଅଫ୍ ହୁଏ କାହିଁକି ? ଯେତେବେଳେ ବଜାର ଥାଏ, କ୍ରମାଗତ ପଣ୍ୟ ଉତ୍ପାଦନର ଚାହିଦା ଥାଏ, ସେତେବେଳେ କଦାପି କାରଖାନାରେ ଲେ-ଅଫ୍ ହୁଏ ନାହିଁ । ଯେଉଁ ଦେଶର ଉତ୍ପାଦିକା ଶକ୍ତି ଅଳସ ହୋଇ ପଡ଼ିଛି ବା ପଡୁଛି ସେଇ ଦେଶରେ ହିଁ କାରଖାନାରେ ଲେ-ଅଫ୍ ହୁଏ । ତା' ନହେଲେ ଲେ-ଅଫ୍ ହେବ କାହିଁକି ? ଶ୍ରମିକ କାମ କରିବାକୁ ଚାହୁଁଛି, ହେଲେ ତା'ର ଶ୍ରମ ଶକ୍ତିକୁ ଏମାନେ କାମରେ ଲଗାଇ ପାରୁ ନାହାନ୍ତି । ମହଜୁଦ ଥିବା ଉତ୍ପାଦିକା ଶକ୍ତିର ପୂରା ବ୍ୟବହାର କରିବାକୁ ଗଲେ ହିଁ, ପୁଞ୍ଜିବାଦୀ ଉତ୍ପାଦନର ନିୟମ ଅନୁଯାୟୀ ଉତ୍ପାଦନ ବଳକା ହୋଇ ପଡୁଛି, ଗୋଦାମରେ ଗଦା ହୋଇ ରହୁଛି । ଦେଶ ଭିତରେ ଲୋକମାନଙ୍କର କ୍ରୟ କ୍ଷମତା ଅଭାବ ହେତୁ ପଣ୍ୟ ବିକ୍ରି ପାଇଁ ବଜାର ନାହିଁ ଏବଂ ପ୍ରବଳ ପ୍ରତିଯୋଗିତା ତଥା ଅନ୍ୟାନ୍ୟ କାରଣ ଯୋଗୁଁ ବିଦେଶ ବଜାରରେ ମଧ୍ୟ ବିଶେଷ ସୁବିଧା ହେଉ ନାହିଁ । ଆଜିକାର ପୁଞ୍ଜିବାଦ, ଅତୀତଭଳି କ୍ରମାଗତ ଭାବେ ବଜାରର ସଂପ୍ରସାରଣ ଘଟାଇ, ଶିଳ୍ପ ବିପ୍ଳବର ରାସ୍ତାରେ ଅଗ୍ରସର ହେଲାଭଳି ପୁଞ୍ଜିବାଦ ନୁହେଁ । ଆଜିକାର ସାମ୍ରାଜ୍ୟବାଦ ଓ ସର୍ବହରା ବିପ୍ଳବ ଯୁଗରେ, ବିଶ୍ୱ ପୁଞ୍ଜିବାଦୀ ସଙ୍କଟ କାଳରେ-ବିଶେଷକରି, ବିଶ୍ୱ ପୁଞ୍ଜିବାଦର ତୃତୀୟ ତୀବ୍ର ବଜାର ସଙ୍କଟ ଯୁଗରେ କୌଣସି ଦେଶର ପୁଞ୍ଜିବାଦ, ଅଷ୍ଟାଦଶ ଶତାବ୍ଦୀର ପୁଞ୍ଜିବାଦୀ ବିପ୍ଳବ ଯୁଗ ଭଳି ନିରନ୍ତର ଓ ଧାରାବାହିକ ଭାବେ ବଜାରର ସଂପ୍ରସାରଣ ଘଟାଇପାରୁ ନାହିଁ । କ୍ଷୟିଷ୍ଣୁ ବିଶ୍ୱ ପୁଞ୍ଜବାଦୀ ବ୍ୟବସ୍ଥାର ଏକ ଅଂଶ ହିସାବରେ ଆମ ଦେଶରେ ପୁଞ୍ଜିବାଦ ହେଲା ପ୍ରତିକ୍ରିୟାଶୀଳ ପୁଞ୍ଜିବାଦ । ଏପରି ଅବସ୍ଥାରେ ଭାରତ ଭଳି ଗୋଟିଏ ପଛୁଆ ପୁଞ୍ଜିବାଦୀ ଦେଶ ପକ୍ଷରେ ବଜାର ସମ୍ପ୍ରସାରଣ ତଥା ଶିଳ୍ପ ବିପ୍ଳବ ଘଟାଇବା ସମ୍ଭବ ହେଉ ନାହିଁ । ଫଳରେ କୃଷି କ୍ଷେତ୍ରରେ ବ୍ୟାପକ ଯାନ୍ତ୍ରିକୀକରଣ ଓ ଆଧୁନିକୀକରଣ କରିବା ସମ୍ଭବ ହେଉ ନାହିଁ ଏବଂ ସାମନ୍ତତାନ୍ତ୍ରିକ ସମ୍ପର୍କର ଅବସାନ ହେବା ସତ୍ତ୍ୱେ ବି ଗ୍ରାମ୍ୟ ଜୀବନରେ ସାମନ୍ତତାନ୍ତ୍ରିକ ଏବଂ ଅର୍ଦ୍ଧସାମନ୍ତତାନ୍ତ୍ରିକ ଅଭ୍ୟାସ ଗୁଡ଼ିକ ଏବେ ବି ତିଷ୍ଠି ରହିଛି । ଏହା ବୋଲି 'ଫିଉଡ଼ାଲିଜ୍‌ମ ବା ସାମନ୍ତତାନ୍ତ୍ରିକ ଶୋଷଣ ଏଠାରେ ରହିଛି'-ଏଭଳି ଗୋଳମାଳିଆ କରି କହିଲେ ଚଳିବ ନାହିଁ ।

ଆମ ଦେଶରେ 'ସାମନ୍ତତାନ୍ତ୍ରିକ ଭୂମି ସମ୍ପର୍କ' ଅଛି କି ? ମୋର ଯେତିକି ବି ବିଦ୍ୟା ବୁଦ୍ଧି ଅଛି, ତାହାଦ୍ୱାରା କହିପାରେ ଯେ, ଆମ ଦେଶରେ ଭୂମି ବ୍ୟବସ୍ଥାରେ 'ସାମନ୍ତତାନ୍ତ୍ରିକ ଭୂମି ସମ୍ପର୍କ' ଟିକିଏ ହେଲେ ନାହିଁ । ଦେଶ କାଳ ଭେଦରେ ତା'ର ରୂପ ଯାହା ହେଉନା କାହିଁକି, ପୁଞ୍ଜିବାଦୀ କୃଷି ଉତ୍ପାଦନ ସମ୍ପର୍କ ତାର ସ୍ଥାନ ଦଖଲ କରିଛି । ଅଷ୍ଟାଦଶ ଶତାବ୍ଦୀ ଭଳି ସାମନ୍ତତନ୍ତ୍ର ବିରୁଦ୍ଧରେ ଆପୋଷହୀନ ସଂଗ୍ରାମ ମଧ୍ୟ ଦେଇ ଯେହେତୁ ଏଠି କୃଷି ଅର୍ଥନୀତିରେ ପୁଞ୍ଜିବାଦର ଅନୁପ୍ରବେଶ ଘଟି ନାହିଁ ଏବଂ ଯେହେତୁ ଆମ ଦେଶର କୃଷି ଅର୍ଥନୀତିରେ ଆଧୁନିକୀକରଣ ଓ ଯାନ୍ତ୍ରିକୀକରଣ ସମ୍ଭବ ହୋଇ ନାହିଁ ସେହେତୁ ଆମ ଦେଶର ଭୂମି ସମ୍ପର୍କ ପୁଞ୍ଜିବାଦୀ ନୁହେଁ, ସାମନ୍ତତାନ୍ତ୍ରିକ-ଏହିଭଳି ଯେଉଁ ପଣ୍ଡିତମାନେ ବିଚାର କରୁଛନ୍ତି, ସେମାନେ ଆଉ ଯାହା ହୁଅନ୍ତୁ ନା କାହିଁକି ବର୍ତ୍ତମାନ ଯୁଗରେ ପଛୁଆ ଦେଶଗୁଡ଼ିକରେ ପୁଞ୍ଜିବାଦର ଚରିତ୍ରକୁ ସଠିକଭାବେ ବୁଝିପାରୁ ନାହାନ୍ତି । ତୀବ୍ର ବଜାର ସଙ୍କଟ, ତା'ର କ୍ଷୟିଷ୍ଣୁ ଚରିତ୍ର ଏବଂ ସର୍ବୋପରି ଉତ୍ପାଦନ ସମ୍ପର୍କର ପ୍ରତିକ୍ରିୟାଶୀଳ ରୂପ ଯୋଗୁଁ ଏ ଯୁଗର ପୁଞ୍ଜିବାଦ ଧାରାବାହିକ ଭାବେ ଶିଳ୍ପ ବିକାଶର ରାସ୍ତାରେ ଆଗେଇ ପାରୁ ନାହିଁ । ଖାସ ସେଇଥିପାଇଁ ପଛୁଆ ଦେଶ ଗୁଡ଼ିକରେ ଆଜିକାର ପୁଞ୍ଜିବାଦ କୃଷି ଅର୍ଥନୀତିର ଆଧୁନିକୀକରଣ ଏବଂ ଯାନ୍ତ୍ରିକୀକରଣ କରିପାରୁ ନାହିଁ । କଳକାରଖାନା ଓ ଶିଳ୍ପ ପ୍ରତିଷ୍ଠାର ରାସ୍ତା ଯଦି କ୍ରମାଗତ ଭାବେ ଖୋଲି ଦିଆ ନଯାଏ, ତେବେ ଟ୍ରାକ୍ଟର, ମେସିନ୍ ପ୍ରଭୃତି ନେଇ କୃଷି କ୍ଷେତ୍ରରେ ପୁଞ୍ଜିବାଦର ଅନୁପ୍ରବେଶ ଘଟାଇବାକୁ ଗଲେ ହିଁ, ଗୋଟାଏ ଧକ୍କାରେ ଗାଁ ଗହଳିର ଲକ୍ଷ ଲକ୍ଷ ଲୋକ ବେକାର ହୋଇଯିବେ ଏବଂ ବେକାରମାନଙ୍କ ଚାପରେ ପୁଞ୍ଜିବାଦୀ ବ୍ୟବସ୍ଥା ଭାଙ୍ଗି ପଡ଼ିବାର ଉପକ୍ରମ ହେବ ।

ଏହିଭଳି ଭାବେ ହିଁ ଗୋଟିଏ ଦିଗରେ ବେକାର ସମସ୍ୟା ତୀବ୍ରରୁ ତୀବ୍ରତର ରୂପ ଧାରଣ କରୁଥିବାବେଳେ ପୁଞ୍ଜିବାଦ ତା'ର ନିଜର ବଞ୍ଚି ରହିବାର ତାଗିଦରେ ହିଁ ଏହି କାମ କରିପାରୁ ନାହିଁ । ସୀମିତ ପରିମାଣର ଜମି ଉପରେ ହଜାର ହଜାର ଗ୍ରାମର କ୍ଷେତମଜୁରିଆ, ଭାଗଚାଷୀ ଏବଂ ଗରିବ ଚାଷୀ ଗାଁ ଗହଳିରେ ଅଟକି ରହିଛନ୍ତି, ଅର୍ଦ୍ଧମୃତ ଅବସ୍ଥାରେ ହେଲେ ବି ସେହି ଜମି ଉପରେ ନିର୍ଭର କରି କୌଣସି ପ୍ରକାରେ ସେମାନେ ଜୀବନଯାପନ କରୁଛନ୍ତି; ସେଠି ଯଦି ଟ୍ରାକ୍ଟର ଓ ଅନ୍ୟାନ୍ୟ ମେସିନ ସାହାଯ୍ୟରେ ପୁଞ୍ଜିବାଦୀ ଉପାୟରେ ଚାଷବାସ କରିବା ଆରମ୍ଭ କରାହୁଏ ତେବେ ସେମାନେ ବଳକା ବା "ସରପ୍ଲସ" ହୋଇଯିବେ । ଆଜି ଟ୍ରାକ୍ଟର ଓ ଅନ୍ୟାନ୍ୟ ମେସିନ ଦ୍ୱାରା ଚାଷବାସ ଆରମ୍ଭ ହେବା ପୂର୍ବରୁ ହିଁ ଯେଉଁ ଦେଶରେ କାମ ନାହିଁ ବୋଲି ବେକାରୀଙ୍କ ସଂଖ୍ୟା କ୍ରମାଗତ

ଭାବେ ବୃଦ୍ଧି ପାଉଛି; କଳକାରଖାନାରେ ସେମାନଙ୍କୁ କାମ ଦିଆଯାଇ ପାରୁନି, ପୁଣି ଯେଉଁମାନେ କଳକାରଖାନାରେ କାମ କରୁଛନ୍ତି ସେମାନଙ୍କୁ ଛଟେଇ କରି ଦିଆ ହେଉଛି, 'ଲେ-ଅଫ୍' ହେଉଛି ଏବଂ ବହୁ କାରଖାନା ବନ୍ଦ ହୋଇଯାଉଛି । ଯେଉଁଠି ଶିଳ୍ପ କ୍ଷେତ୍ରରେ ଏଇଭଳି ଅବସ୍ଥା, ତା'ଛଡ଼ା ଗାଁ ଗହଳିରେ କାମ ନାହିଁ ବୋଲି ଲୋକେ ସହରକୁ ପଳେଇ ଆସୁଛନ୍ତି, ସେଠି ଟ୍ରାକ୍ଟର ଓ ମେସିନ ଦେଇ କୃଷିର ଆଧୁନିକୀକରଣ କରିବାକୁ ଗଲେ, ପୁଞ୍ଜିବାଦ ନିଜେ ନିଜକୁ ସମ୍ଭାଳି ପାରିବ ନାହିଁ । ସେଥିପାଇଁ ଦେଶର ଶାସକ ବୁର୍ଜୁଆ ଶ୍ରେଣୀ, ଏଇ କ୍ଷୟିଷ୍ଣୁ ଏବଂ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଯେତେଦିନ ସମ୍ଭବ, ବଞ୍ଚାଇ ରଖିବା ପାଇଁ, 'ସବୁଜ ବିପ୍ଳବ', 'ଜାପାନୀ ପ୍ରଥାରେ ଚାଷ', 'ତାଇଚୁଂ', 'ଆଇ-ଆର-୮' ପ୍ରଭୃତି କୃଷି ଉତ୍ପାଦନ ବୃଦ୍ଧି ନାମରେ ନାନା ରକମର ତୁଟୁକା ବ୍ୟବସ୍ଥା କରୁଛନ୍ତି । ଟୁକୁରା ଟୁକୁରା ଜମିରେ ଭଳିକି ଭଳି ପରିକଳ୍ପନା କରି, ସେଥିରେ କେତେ ରକମର ଓ କେତେ ବେଶୀ ଫସଲ ଫଳା ଯାଇପାରେ, ସେଥିନେଇ ଭେଳିକି ଦେଖାଇବାର ନାନା ରକମ ପ୍ରଚେଷ୍ଟା ଚାଲିଛି ଏବଂ ଏଥିପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାହେଉଛି । କିନ୍ତୁ ଟ୍ରାକ୍ଟର ମେସିନ୍ ଜରିଆରେ କୃଷିର ଆଧୁନିକୀକରଣ କରାଯାଇ ପାରୁନାହିଁ । ଆଉ ଏକଥା କରିପାରୁ ନାହାନ୍ତି ବୋଲି ଯେ 'ଗ୍ରାମ୍ୟ ଅର୍ଥନୀତି ପୁଞ୍ଜିବାଦୀ ଅର୍ଥନୀତି ନୁହେଁ'- ଏହା କୁହାଯାଇପରିବ ନାହିଁ । ସାମନ୍ତତାନ୍ତ୍ରିକ ସମ୍ପର୍କ ଭାଙ୍ଗି ପଛୁଆ ବା ଅନଗ୍ରସର କୃଷି ଅର୍ଥନୀତି ମଧ୍ୟରେ ପୁଞ୍ଜିବାଦର ଅନୁପ୍ରବେଶ ଘଟିଛି । ମାତ୍ର ପୁଞ୍ଜିବାଦ ତା' ନିଜର ସ୍ୱାର୍ଥ ଯୋଗୁଁ ହିଁ, ଗାଁର ସଂଖ୍ୟାଧିକ ଲୋକଙ୍କୁ ଜମିରେ ଅଟକେଇ ରଖିବାକୁ ଚାହୁଁଛି, ଯେମିତିକି ବେକାର ସମସ୍ୟା ଏଭଳି ରୂପଧାରଣ ନକରୁ, ଯାହାର ଚାପରେ ରାଷ୍ଟ୍ରବିପ୍ଳବ ଘଟିଯିବ । ଲକ୍ଷ ଲକ୍ଷ କୋଟି କୋଟି ଲୋକ ଯଦି ଗୋଟାଏ ଧକ୍କାରେ ବେକାର ହୋଇଯାଆନ୍ତି, ତା'ହେଲେ ଏହି ବିଶାଳ ବେକାର ବାହିନୀ; କି ସହର କି ଗାଁ, ଚାରିଆଡ଼େ ବାରୁଦଭଳି ଫାଟି ପଡ଼ିବେ ଏବଂ ତା'ର ଧକ୍କା ସମ୍ଭାଳିବା କୌଣସି ରାଷ୍ଟ୍ର ପକ୍ଷରେ ଆଦୌ ସମ୍ଭବ ହେବ ନାହିଁ । ତେଣୁ ଆମ ଦେଶର ଏଇ ପୁଞ୍ଜିବାଦୀ ବ୍ୟବସ୍ଥାରେ, ଶିଳ୍ପ ବିକାଶର ପରିପୂରକ ହିସାବରେ, କୃଷି ବ୍ୟବସ୍ଥାର ସମ୍ପୂର୍ଣ୍ଣ ଆଧୁନିକୀକରଣ ଏବଂ ଯାନ୍ତ୍ରିକୀକରଣ କରିବା ସମ୍ଭବ ନୁହେଁ । ସେଥିପାଇଁ ଆଜି ଗ୍ରାମ୍ୟ-ଅର୍ଥନୀତିରେ ଅଧିକାଂଶ ଲୋକଙ୍କୁ ଅର୍ଦ୍ଧଭୁକ୍ତ ଏବଂ ଅର୍ଦ୍ଧନଗ୍ନ ଅବସ୍ଥାରେ ଅଟକେଇ ରଖିବାର ଚକ୍ରାନ୍ତ ଚାଲିଛି । ଶାସକ ବୁର୍ଜୁଆ ଶ୍ରେଣୀର ଦଳ କଂଗ୍ରେସ, ଜାତୀୟ ଗଣତାନ୍ତ୍ରିକ ଓ ଜନଗଣତାନ୍ତ୍ରିକ ବିପ୍ଳବର ଉଦ୍‌ଗାତାମାନଙ୍କ ଭୂମି ସଂସ୍କାର ସଂକ୍ରାନ୍ତୀୟ ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟକ୍ରମ ଏହି ଚକ୍ରାନ୍ତର ହିଁ ଜ୍ୱଳନ୍ତ ନମୂନା ।

ଏଭଳି ଅବସ୍ଥାରେ, ଗାଁ ଗହଳିର ଅଧିକାଂଶ ଲୋକଙ୍କୁ ତିନିମାସରୁ ବେଶି କାମ ମିଳିବାର ଉପାୟ ନାହିଁ । ଯେତିକି ବି କାମ ମିଳେ ଓ ସେଥିରୁ ଯାହାକିଛି ବି ଆୟ ହୁଏ, ତାହା ଦୁଇବେଳା ଦୁଇ ମୁଠା ଭାତ ଆଉ ପିନ୍ଧିବାକୁ ଚିରାଫଟା ଲୁଗା ଖଣ୍ଡେ ଯୋଗାଡ଼ କରିବାରେ ହିଁ ଶେଷ ହୋଇଯାଏ । ଫଳରେ ଶିଳ୍ପଜାତ ଦ୍ରବ୍ୟ ଆଉ ସେମାନେ କିଣିବେ ବା କେମିତି ? ଆମ ଦେଶର ଶତକଡ଼ା ୭୫ ଭାଗ ଲୋକ ଗାଁରେ ବାସ କରନ୍ତି । ସେଥି ମଧ୍ୟରୁ ୭୫ ରୁ ୮୦ ଭାଗ ହେଉଛନ୍ତି କ୍ଷେତମଜୁରିଆ, ଭୂମିହୀନ ଏବଂ ଗରିବ ଚାଷୀ । ଗୋଟିଏ ଗରିବ ଚାଷୀ କହିଲେ ଆମେ ଏମିତି ଗୋଟାଏ ଚାଷୀ ପରିବାରକୁ ବୁଝୁ, ଯାହା ଘରେ ଖାଇବାକୁ ଅତି କମ୍‌ରେ ଚାରି ଛ' ପ୍ରାଣୀ କୁଟୁମ୍ବ, ହେଲେ ତା'ର ଜମି ଥାଏ, ପାଏ ବା ମାଣେ । ଭୂମିହୀନର ତ ଆଦୌ ଜମି ନାହିଁ, କ୍ଷେତ ମଜୁରିଆଙ୍କ ଅବସ୍ଥା ମଧ୍ୟ ତଦୃପ । ଅଥଚ ସାରା ବର୍ଷ ପାଇଁ ଏମାନଙ୍କ ସକାଶେ କୌଣସି ଧରାବନ୍ଧା କାମ ନାହିଁ । ଏମାନଙ୍କ ମଧ୍ୟରୁ ଥୋକେ ଚାଷ କାମବେଳେ ଓ ଫସଲ ଅମଳ ସମୟରେ ବୁଣାବୁଣି, ରୁଆ ବଛା ଓ କଟାକଟି କାମ କରିବା ଛଡ଼ା, ଘର ଛାଇବା, ମୋଟିଆଗିରି କରିବା ଓ ବେଳେ ବେଳେ ମାଟି କାମ କରନ୍ତି । ସେମାନେ ଯେ କି ବିଚିତ୍ର ଧାରାରେ ଜୀବନ ନିର୍ବାହ କରନ୍ତି; ଏ ଦେଶର ଗାଁ ଗହଳି ନ ବୁଲିଲେ ସେ କଥା ବୁଝି ହେବ ନାହିଁ । ଏଇ କ୍ଷେତ ମଜୁରିଆ, ଭୂମିହୀନ ଚାଷୀ, ଗରିବ ଚାଷୀ ଏବଂ ପାଞ୍ଚ ମାଣରୁ ଅଧିକ ଜମି ନଥିବା ଅଳ୍ପ କିଛି ନିମ୍ନ ମଧ୍ୟବିତ୍ତ ଚାଷୀଙ୍କ ସଂଖ୍ୟା ଗ୍ରାମାଞ୍ଚଳ ଜନସଂଖ୍ୟାର ଶତକଡ଼ା୮୦ ରୁ ୮୩ ଭାଗ । ଗ୍ରାମୀଣ ଜନସଂଖ୍ୟାର ବାକି ଶତକଡ଼ା କୋଡ଼ିଏ ଭାଗ ହେଉଛନ୍ତି ପାଞ୍ଚ ମାଣରୁ ଆରମ୍ଭ କରି, ଶହ ଶହ ହଜାର ହଜାର ମାଣ ବେନାମୀ ଜମିର ମାଲିକ । ଏଇମାନେ ହିଁ ସାରା ଦେଶରେ ଜମି ମାଲିକ ହୋଇ ବସିଛନ୍ତି । ଏହା ଭିତରୁ ପୁଣି ମଧ୍ୟବିତ୍ତ ଚାଷୀ ଅର୍ଥାତ୍ ପାଞ୍ଚ ମାଣରୁ କୋଡ଼ିଏ ମାଣ ପର୍ଯ୍ୟନ୍ତ ଜମି ଥିବା ମାଲିକଙ୍କୁ ବାଦଦେଲେ, ଖୁବ ଅଳ୍ପ ସଂଖ୍ୟକ ଲୋକ ଅଛନ୍ତି ଯେଉଁମାନେ କି ବୃହତ୍ ଜମି ମାଲିକଶ୍ରେଣୀ, ଧନୀ ଚାଷୀ ରାଘବ ବାଳିଆ ସଦୃଶ ବେନାମୀ ଜମିର ମାଲିକ । ଯେଉଁମାନେ ଆଇନକୁ ଫାଙ୍କି ଯା ତା ନାଁରେ ଦେଶର ବେଶୀ ଭାଗ ଜମିକୁ ନିଜେ ଦଖଲ କରି ରଖିଛନ୍ତି । ଫଳରେ ଦେଖାଯାଉଛି ଯେ ପୁଞ୍ଜିବାଦର ଅମୋଘ ନିୟମରେ ଦେଶର ଅଧିକାଂଶ ଜମି ମୁଷ୍ଟିମେୟ କେଇଜଣ ଲୋକଙ୍କ ହାତରେ ଠୁଳ ହୋଇଯାଇଛି । ଏଇସବୁ ଜମି ମାଲିକମାନେ ଧନୀ ଚାଷୀ ବା ଗ୍ରାମ୍ୟ ବୁର୍ଜୁଆ ଶ୍ରେଣୀରେ (Capitalist landlord class) ରୂପାନ୍ତରିତ ହୋଇଛନ୍ତି ଏବଂ ଗ୍ରାମ୍ୟ ଜନସଂଖ୍ୟାର ଶତକଡ଼ା ଅଶି ଭାଗ ଲୋକ ସର୍ବହରା ଏବଂ ଅର୍ଦ୍ଧ ସର୍ବହରା ସ୍ତରକୁ ଖସି ଆସିଛନ୍ତି ।

ଥରେ ଭାବି ଦେଖନ୍ତୁ ତ ! ଆମ ଦେଶର ବାଉନ କୋଟି (ତତ୍‌କାଳୀନ ଜନସଂଖ୍ୟା) (ବର୍ତ୍ତମାନର ଜନସଂଖ୍ୟା ପ୍ରାୟ ଶହେ ପାଞ୍ଚ କୋଟି) ଲୋକଙ୍କ ଭିତରୁ ଶତକଡ଼ା ପଞ୍ଚସ୍ତରୀ ଭାଗ ଗାଁରେ ରହନ୍ତି । ପୁଣି ସେହି ଗ୍ରାମ୍ୟ ଜନସଂଖ୍ୟାର ଶତକଡ଼ା ଅଶିଭାଗ ଲୋକଙ୍କର କିଣିବାର କୌଣସି କ୍ଷମତା ନାହିଁ । ସେମାନେ ଅର୍ଦ୍ଧଭୁକ୍ତ ଏବଂ ଅଭୁକ୍ତ । ବର୍ଷଯାକ ତାଙ୍କୁ କାମ ମିଳେ ନାହିଁ । ଯାହାକିଛି କାମ ବା ପାଆନ୍ତି, ସେ ଆୟରେ ସାରାବର୍ଷ ତ ଚଳିବା ସମ୍ଭବ ହୁଏନା, ଏପରିକି ବର୍ଷରେ ଅଧେ ସମୟ ବି ଚଳେନା । ସହର ଆଡ଼େ ଦେଖନ୍ତୁ, ସେଠି ବି ପ୍ରାୟ ଏକ ପ୍ରକାର ଅବସ୍ଥା । ସହରର ଶ୍ରମିକ ତା'ର ନ୍ୟାଯ୍ୟ ମଜୁରୀ ପାଇବାରୁ ବଞ୍ଚିତ । ଟଙ୍କା ହିସାବରେ ଧରିଲେ ସେମାନଙ୍କ ବର୍ତ୍ତମାନର ଆୟ ହୁଏତ କିଛି ବଢ଼ିଛି, କିନ୍ତୁ ଜିନିଷପତ୍ରର କ୍ରମବର୍ଦ୍ଧିତ ମୂଲ୍ୟ ଅନୁପାତରେ ହିସାବ କଲେ ଦେଖାଯିବ ଯେ, ସେମାନଙ୍କର ପ୍ରକୃତ ଆୟ କ୍ରମଶଃ କମି ଯାଉଛି । ଫଳରେ ପୂର୍ବରୁ ଶ୍ରମିକମାନଙ୍କର ଯେଉଁ ସାମନ୍ୟ କ୍ରୟ କ୍ଷମତା ଥିଲା, ତାହା ମଧ୍ୟ ଦିନକୁ ଦିନ କମି ଯାଉଛି । ତା'ଛଡ଼ା ମଧ୍ୟବିତ୍ତ ପରିବାରମାନଙ୍କରେ ବେକାର, ଅର୍ଦ୍ଧ ବେକାର ଯୁବକ ଭର୍ତ୍ତି । ତା'ହେଲେ, ଦେଶର ଅଧିକାଂଶ ଲୋକଙ୍କର ଅବସ୍ଥା ଯଦି ଏଇୟା ହୁଏ, ତେବେ ସେମାନଙ୍କ କ୍ରୟ କ୍ଷମତା ଆସିବ ବା କୁଆଡୁ ? ମଣିଷର କ୍ରୟ କ୍ଷମତା ହେଉଛି ବଜାରର କ୍ରୟ କ୍ଷମତା । ଦେଶର ଲୋକମାନଙ୍କର ଯଦି କ୍ରୟ କରିବାର କ୍ଷମତା ନଥାଏ, ତା'ହେଲେ ମାଲିକମାନେ ମାଲ ଉତ୍ପାଦନ କରିବେ କାହିଁକି ? ବଜାର ଯଦି ନଥାଏ, ତା'ହେଲେ ସେମାନେ ଖାଉଟି ସାମଗ୍ରୀ ଉତ୍ପାଦନ କରିବେ କାହିଁକି ? ସେମାନେ ଯୁଦ୍ଧାସ୍ତ୍ର ଓ ମିଲିଟାରୀ ପାଇଁ ସାଜ ସରଞ୍ଜାମ ତିଆରି କରିବେ-ସ୍ୱୟଂ ରାଷ୍ଟ୍ର ସେସବୁ କିଣିବ । ତେଣୁ ଦେଖାଯାଉଛି ଯେ, ପ୍ରତିବର୍ଷ ଆମ ଦେଶର ବଜେଟରେ ପ୍ରତିରକ୍ଷା ବାବଦରେ ଖର୍ଚ୍ଚ ବଢୁଛି ଓ ପ୍ରତିରକ୍ଷା ଶିଳ୍ପରେ ଅନେକ ବେଶୀ ପୁଞ୍ଜି ବିନିଯୋଗ କରାଯାଉଛି; କିନ୍ତୁ ଅନ୍ୟ କୌଣସି ଶିଳ୍ପ କ୍ଷେତ୍ରରେ ସେଭଳି ବିକାଶ ସାଧିତ ହେଉ ନାହିଁ । ଏହାର କାରଣ ହେଲା– ଆମ ଦେଶର ଅବକ୍ଷୟୀ ପୁଞ୍ଜିବାଦୀ ବ୍ୟବସ୍ଥା ।

ପୁଞ୍ଜିବାଦୀ ସମ୍ପର୍କରେ ଯେ କେବଳ ଘୁଣ ଲାଗିଛି ତା' ନୁହେଁ; ଆମ ଦେଶର ପୁଞ୍ଜିବାଦ- ଏକଚାଟିଆ ପୁଞ୍ଜିବାଦକୁ ରୂପାନ୍ତରିତ ହୋଇଛି । ଏକଚାଟିଆ ପୁଞ୍ଜିବାଦରେ ରୂପାନ୍ତରିତ ହୋଇ ଏହା ଲଗ୍ନି ପୁଞ୍ଜିକୁ ମଧ୍ୟ ଜନ୍ମ ଦେଇଛି । ଅର୍ଥନୀତିର ଏଇ ଜଟିଳ ବିଷୟଗୁଡ଼ିକୁ ଆପଣମାନଙ୍କୁ ବୁଝିବାକୁ ହେବ । ବ୍ୟାଙ୍କ ପୁଞ୍ଜି ଏବଂ ଶିଳ୍ପ ପୁଞ୍ଜିର ମିଳନ (merger) ଘଟାଇ ଏକଚାଟିଆ ପୁଞ୍ଜି ଲଗ୍ନି ପୁଞ୍ଜିକୁ ଜନ୍ମ ଦେଇଛି । ଏହାଫଳରେ ଭାରତବର୍ଷରେ ଲଗାଣକାରୀ ଧନ କୁବେର ଗୋଷ୍ଠୀ (financial oligarchy) ଗଢ଼ି ଉଠିଛି । ସେଇ

ଗୋଷ୍ଠୀଟି ଦେଶର ଜନସଂଖ୍ୟା ତୁଳନାରେ ନିତାନ୍ତ ମୁଷ୍ଟିମେୟ ହେଲେ ମଧ୍ୟ, ବ୍ୟାଙ୍କ, ସେୟାର ମାର୍କେଟ, ଷ୍ଟକ ଏକ୍ସଚେଞ୍ଜ ଇତ୍ୟାଦିକୁ ନିୟନ୍ତ୍ରଣ କରିବା ମଧ୍ୟ ଦେଇ ସମଗ୍ର ଅର୍ଥନୈତିକ ଓ ସାମାଜିକ ଜୀବନକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ (control) କରୁଛି । କୃଷିକ୍ଷେତ୍ରରେ ଉତ୍ପାଦିତ ସମସ୍ତ ପଣ୍ୟକୁ ମଧ୍ୟ ସେମାନେ ନିୟନ୍ତ୍ରଣ କରୁଛନ୍ତି । ସମସ୍ତ ପ୍ରକାର ଦ୍ରବ୍ୟ, ଛୋଟ ଛୋଟ କଳକାରଖାନା ଏବଂ ସ୍ୱଳ୍ପ ପୁଞ୍ଜିକୁ ଭିତ୍ତି କରି ହେଉଥିବା ଉତ୍ପାଦନ ସମେତ– ସମସ୍ତ ପ୍ରକାର ଶିଳ୍ପଜାତ ପଣ୍ୟଦ୍ରବ୍ୟ ଉପରେ ମଧ୍ୟ ସେମାନେ ଆଧିପତ୍ୟ ବିସ୍ତାର କରିଛନ୍ତି । ଏହିଭଳି ସମଗ୍ର ଦେଶର ପୂରା ବଜାରଟିକୁ ସେମାନେ କରାୟତ୍ତ କରି ରଖିଛନ୍ତି । ଅର୍ଥାତ୍ ସମ୍ପୂର୍ଣ୍ଣ ଅର୍ଥନୈତିକ ଜୀବନ ଉପରେ ଏହି ମୁଷ୍ଟିମେୟ ପୁଞ୍ଜି ଲଗାଣକାରୀ ଧନକୁବେର ଗୋଷ୍ଠୀ (financial oligarchy) ର ରାଜତ୍ୱ ଚାଲିଛି; ଏମାନଙ୍କର ନାଗଫାଶରୁ ଛୋଟ ଛୋଟ କଳକାରଖାନାର ମାଲିକମାନେ ମଧ୍ୟ ନିସ୍ତାର ପାଉ ନାହାନ୍ତି । ଆମ ଦେଶର ଯୁବକମାନଙ୍କୁ ଗଳ୍ପ ଛଳରେ କୁହାଯାଏ ଯେ, ଜଣେ ଲୋକ ମାତ୍ର ପାଞ୍ଚ ଟଙ୍କାର ପୁଞ୍ଜି ନେଇ ଚୁଡ଼ାମୁଢ଼ି ଖାଇ, ଲକ୍ଷ ଲକ୍ଷ ଟଙ୍କା ଜମେଇ, ଦିନେ ସେ ଜଣେ ବଡ଼ ଶିଳ୍ପପତି ହୋଇଥିଲା । ଭାରତବର୍ଷର ଯୁବକମାନଙ୍କୁ ଏହିଭଳି ଗପ କହି ଉପଦେଶ ଦିଆଯାଏ ଯେ, ତୁମେମାନେ ବି ଯଦି ଚେଷ୍ଟା କରିବ ତେବେ ଦିନେ ଏହିଭଳି ବଡ଼ ଶିଳ୍ପପତି ହୋଇପାରିବ । କାରଣ ଆମ ଦେଶରେ ଦିନେ ଗଳିକନ୍ଦିରେ ବୁଲି ଯେଉଁମାନେ ଲୁଗା ବିକ୍ରି ବ୍ୟବସାୟ ଆରମ୍ଭ କରିଥିଲେ, ଆଜି ସେମାନେ ବଡ ବଡ ଗଦି ବା ଗୋଦାମର ମାଲିକ ଏବଂ ସେମାନଙ୍କ ଭିତରୁ ଅନେକ ଗୋଟାଏ ଗୋଟାଏ ବଡ଼ ଶିଳ୍ପ କଳକାରଖାନାର ମାଲିକ ବୋଲି ଉଦାହରଣ ଦିଆଯାଏ । ଆଜିକାଲି 'ତୁମ ଯୁବକମାନଙ୍କର ବ୍ୟବସାୟରେ ଆଦୌ ମନ ନାହିଁ ଏବଂ ସେଥିପାଇଁ ତୁମେ ସବୁ ବେକାର ହୋଇ ରହିଛ' । ଏହିସବୁ ଧପ୍ପାବାଜମାନେ କ'ଣ ଜାଣନ୍ତି ନାହିଁ ଯେ, ସେ ଦିନ ଆଉ ନାହିଁ ! ଆଜି ପାଞ୍ଚଟଙ୍କାର ପୁଞ୍ଜି ନେଇ ଚୁଡ଼ା ମୁଢ଼ି ହିଁ ଖିଆଯାଇ ପାରେ । କିନ୍ତୁ ପାଞ୍ଚଟଙ୍କା ନେଇ ବ୍ୟବସାୟ ଆରମ୍ଭ କରି, ସେଥିରୁ କିଛି କିଛି ବଞ୍ଚେଇ, ପୁଞ୍ଜି ଜମେଇ ରଖି ତା' ପରେ ଦିନେ ବିରଳା, କି ମୁନ୍ଦ୍ରା ହେବାକୁ ହେଲେ– ଜାଲିଆତି କରିବା ଛଡ଼ା ଆଉ ଦିତୀୟ ରାସ୍ତା ନାହିଁ । ହଁ ଆଉ ଗୋଟିଏ ରାସ୍ତା ଅଛି, ତା ହେଲା ୱାଗନ୍ ବ୍ରେକର୍‌ଙ୍କ ଦଳରେ ନାମ ଲେଖାଇବା । ୱାଗନ୍ ବ୍ରେକର୍ ଦଳଟିଏ ଗଢ଼ି ପାରିଲେ, ଆଉ ବ୍ୟବସାୟ ଫେବସାୟ କରିବା ଦରକାର ନାହିଁ । ପରଧନ ଅପହରଣ କରି ତେଣିକି ପୁଞ୍ଜି ସଂଗ୍ରହ କରାଯାଇପାରେ, ତାପରେ ଚାହିଁଲେ ରାଜା ମନ୍ତ୍ରୀ ହୋଇ ଏହି ସମାଜରେ ଜଣେ ସମ୍ମାନିତ ବ୍ୟକ୍ତିର ଆସନ ଲାଭ କରିପାରେ । କିନ୍ତୁ ପାଞ୍ଚ ଟଙ୍କାର ପୁଞ୍ଜି ନେଇ ଗାଁ ଗଣ୍ଡା ବୁଲି ବୁଲି ଲୁଗା ବିକି ଚୁଡ଼ା ମୁଢ଼ି ଖାଇ ପୁଞ୍ଜି

ସଞ୍ଚୟ କରି, ତା'ପରେ ଜଣେ ବ୍ୟବସାୟୀରେ ରୂପାନ୍ତରିତ ହେବା ଏ ଯୁଗରେ ଆଉ ସମ୍ଭବ ନୁହେଁ । ଏହା ଅସମ୍ଭବ । ଏଗୁଡ଼ା ତୁଚ୍ଛା କଥା ! ଏ'ସବୁ ବାଜେ କଥା କହି ଯୁବ ସମାଜକୁ ବିଭ୍ରାନ୍ତ କରାଯାଉଛି । ବାଣିଜ୍ୟ ବ୍ୟବସାୟର ରାସ୍ତାଟା ଆଜି ଆଉ ସାଧାରଣ ମଣିଷ ପାଇଁ ଖୋଲା ନାହିଁ । ପୁଞ୍ଜିବାଦର ସେ ଯୁଗଟା ଆଉ ନାହିଁ । ଯେଉଁମାନଙ୍କର ଅଳ୍ପ କିଛି ପୁଞ୍ଜି ରହିଛି, ସେମାନେ ବି ତିଷ୍ଠି ରହି ପାରୁ ନାହାନ୍ତି । ଅବସ୍ଥା ଏମିତି ହୋଇଛି ଯେ, ସରକାର ଉପଯୁକ୍ତ ସବ୍‌ସିଡ଼ି ନ ଦେଲେ...ଗୋଟାଏ ନିର୍ଦ୍ଦିଷ୍ଟ ପରିମାଣରେ ମାଲ କିଣିବା ପାଇଁ ଅର୍ଡ଼ର ନଦେଲେ, ଛୋଟ ଛୋଟ ଶିଳ୍ପଗୁଡ଼ିକ ତିଷ୍ଠି ରହିପାରୁ ନାହାନ୍ତି । ଆମ୍ଭମାନଙ୍କର ଜାଣିବା ଦରକାର ଯେ, ଏକଚାଟିଆ ପୁଞ୍ଜିବାଦ ଲଗ୍ନି ପୁଞ୍ଜି ଏବଂ ଧନ କୁବେର ଗୋଷ୍ଠୀ ଫାଇନାନ୍‌ସିଆଲ ଓଲିଗାର୍କିର ଜନ୍ମ ହେବା ମାନେ ହିଁ ଭାରତବର୍ଷର ଅର୍ଥନୈତିକ ବ୍ୟବସ୍ଥାଟିର ଚରିତ୍ର କେବଳ ପୁଞ୍ଜିବାଦୀ ହୋଇ ରହି ନାହିଁ ବରଂ ଇତି ମଧ୍ୟରେ ଏହି ପୁଞ୍ଜିବାଦ ତା'ର ଜାତୀୟ ବୈଶିଷ୍ଟ୍ୟ କିଛି ପରିମାଣରେ ହରାଇ, ସାମ୍ରାଜ୍ୟବାଦୀ ଚରିତ୍ର ଏବଂ ବୈଶିଷ୍ଟ୍ୟ ବି ଅର୍ଜନ କରିଛି । ୟୁରୋପର ସାମ୍ରାଜ୍ୟବାଦୀ ଦେଶଗୁଡ଼ିକର ତୁଳନାରେ ହୋଇପାରେ ଏହା ପଛୁଆ ଏବଂ ଦୁର୍ବଳ କିନ୍ତୁ ପୁଞ୍ଜି ଲଗାଣ କରିବା ଅର୍ଥ ହିଁ ହେଲା ସାମ୍ରାଜ୍ୟବାଦ । ଯେପରି ଆମେରିକା ବା ବ୍ରିଟେନ୍ ଆମ ଦେଶରେ ପୁଞ୍ଜି ଲଗାଣ କରୁଛି ଯାହାର ଉଦ୍ଦେଶ୍ୟ ହେଲା ଏ ଦେଶର ଶ୍ରମଶକ୍ତି ଓ କଞ୍ଚା ମାଲକୁ ବ୍ୟବହାର କରି ଏଠାରୁ ମୁନାଫା ଲୁଟି ନେଇ, ନିଜ ଦେଶର ପୁଞ୍ଜିପତିମାନଙ୍କର ମେଦ ବୃଦ୍ଧି କରିବା । ଠିକ୍ ସେମିତି, ଭାରତବର୍ଷର ଯେଉଁ ଲଗ୍ନି ପୁଞ୍ଜି ଏସିଆ ଏବଂ ଆଫ୍ରିକାର ବିଭିନ୍ନ ଦେଶରେ ଖଟୁଛି ତା' କ'ଣ ଗାନ୍ଧି ଆଶ୍ରମର କମ୍ବଳ ବାଣ୍ଟିବା ପାଇଁ ? ନା, ଏହିସବୁ ଦେଶର ଶସ୍ତା ଶ୍ରମଶକ୍ତି ଏବଂ ଶସ୍ତା କଞ୍ଚା ମାଲକୁ ବ୍ୟବହାର କରି ମୁନାଫା ଲୁଟି ଏବଂ ଭାରତବର୍ଷର ପୁଞ୍ଜି ଲଗାଣକାରୀ ଧନ କୁବେର ଗୋଷ୍ଠୀ (financial oligarchy) ର ଧନକୁ ଅଧିକ ସ୍ଫୀତ କରିବା ପାଇଁ ? କାର୍ଯ୍ୟତଃ ସେମାନଙ୍କର ଧନ ଏହି ପ୍ରକ୍ରିୟାରେ ହିଁ ବଢ଼ି ବଢ଼ି ଚାଲିଛି । ଦେଶର ବଜାର ଲୁଣ୍ଠନ ଓ ବିଦେଶକୁ ପୁଞ୍ଜି ରପ୍ତାନୀ ତଥା ବିଭିନ୍ନ କାରବାର ଦ୍ୱାରା ଦେଶ ମଧ୍ୟରେ ଯେଉଁ ପରିମାଣର ପୁଞ୍ଜି ସଂଚିତ ହେଉଛି, ତା'ଦ୍ୱାରା କ'ଣ ନୂଆ ନୂଆ ଉଦ୍ୟୋଗ ଗଢ଼ିଉଠି ପାରୁଛି ? ଦେଶ ଭିତରେ ଶିଳ୍ପୋନ୍ନୟନର କୌଣସି ଉଲ୍ଲେଖଯୋଗ୍ୟ ଉଦ୍ୟମ ଦେଖିବାକୁ ମିଳୁଛି କି ? ବେକାର ସମସ୍ୟାର ସମାଧାନ ହେଉଛି କି ? ନା ହେଉ ନାହିଁ । କିନ୍ତୁ ଟଙ୍କା ବଢୁଛି, ସମ୍ପଦ ତ ବଢୁଛି ? ସେଇଟା ତା'ହେଲେ କା' ଘରେ ବଢୁଛି ? କାହାର ସମ୍ପଦ ବଢୁଛି ? ଧନ କୁବେର ମାନଙ୍କର ହିଁ ଧନ ବଢୁଛି । ଏହାକୁ ହିଁ ମୁଁ କହେ ପୁଞ୍ଜିବାଦ । ଏ କେବଳ ପୁଞ୍ଜିବାଦ ନୁହେଁ, ଏ ପୁଞ୍ଜିବାଦ ଇତି ମଧ୍ୟରେ ଏକଚାଟିଆ ପୁଞ୍ଜିବାଦକୁ ରୂପାନ୍ତରିତ

ହୋଇ ସାମ୍ରାଜ୍ୟବାଦୀ ଚରିତ୍ର ଏବଂ ବୈଶିଷ୍ଟ୍ୟ ଅର୍ଜନ କରିଛି ।

ଅର୍ଥନୀତିରେ ସାମ୍ରାଜ୍ୟବାଦ କାହାକୁ କୁହାଯାଏ, ସେ ସମ୍ପର୍କରେ ଯେଉଁମାନଙ୍କର ସଠିକ୍ ଧାରଣା ଅଛି, ସେମାନେ ବୁଝିପାରିବେ ଯେ, ସାମ୍ରାଜ୍ୟବାଦ କାହାକୁ କହନ୍ତି । ଲଗ୍ନୀ ପୁଞ୍ଜି ବା ଇଂରାଜୀରେ ଯାହାକୁ ଫିନାନ୍ସ କ୍ୟାପିଟାଲ କହନ୍ତି, ସେଇ ଫିନାନ୍ସ କ୍ୟାପିଟାଲର କାରବାରକୁ ଆମେ ସାମ୍ରାଜ୍ୟବାଦ କହୁ । ଏହା ଯଦି ହୁଏ ତା' ହେଲେ ଭାରତବର୍ଷରେ ଯେ କେବଳ ଏକଚାଟିଆ ପୁଞ୍ଜିର ଜନ୍ମ ହୋଇଛି ତା' ନୁହେଁ, ଭାରତର ଶିଳ୍ପ ପୁଞ୍ଜି, ବୃହତ୍ ଶିଳ୍ପ ପୁଞ୍ଜି ଅର୍ଥାତ୍ ଏକଚାଟିଆ ପୁଞ୍ଜିରେ ରୁପାନ୍ତରିତ ହୋଇ ଇତି ମଧ୍ୟରେ ଗୋଟିଏ ଧନକୁବେର ଗୋଷ୍ଠୀର ଜନ୍ମ ଦେଇଛି, ଯାହାକୁ ଆମେ ଇଂରାଜୀରେ ଫିନାନ୍ସିଆଲ ଓଲିଗାର୍କୀ (financial oligarchy) କହୁ । ଏହି ଧନକୁବେର ଗୋଷ୍ଠୀ ବା ଫିନାନ୍ସିଆଲ ଓଲିଗାର୍କୀ କଥାଟାର ମାନେ କ'ଣ ? ପୂର୍ବରୁ ବ୍ୟାଙ୍କ ପୁଞ୍ଜି ଏବଂ ଶିଳ୍ପ ପୁଞ୍ଜି ଅଲଗା ଅଲଗା ଥିଲା । ଏକ ଅପରକୁ ସାହାଯ୍ୟ ସହଯୋଗ କରୁଥିଲା; କିନ୍ତୁ ଏହି ଦୁଇଟାକୁ ମିଳିତ (Integrated) ଅବସ୍ଥାରେ ଗୋଟାଏ ଗୋଷ୍ଠୀ ପରିଚାଳିତ କରୁ ନଥିଲା । କିନ୍ତୁ ଆଜି ପୁଞ୍ଜିବାଦ ଏକଚାଟିଆ ପୁଞ୍ଜିବାଦରେ ରୂପାନ୍ତରିତ ହେବା ପରେ ହିଁ, ବ୍ୟାଙ୍କ ପୁଞ୍ଜି ଏବଂ ଶିଳ୍ପ ପୁଞ୍ଜିର ଚୂଡ଼ାନ୍ତ ମିଶ୍ରଣ ଘଟିଛି ଏବଂ ଏହି ମିଳନ ଭିତର ଦେଇ, ପୁଞ୍ଜିବାଦ ଯେଉଁ ଶକ୍ତିଶାଳୀ ଧନକୁବେର ଗୋଷ୍ଠୀର ଜନ୍ମ ଦେଇଛି; ତାହାକୁ ଆମେ ଅର୍ଥନୀତିର ପରିଭାଷାରେ ଫିନାନ୍ସିଆଲ ଓଲିଗାର୍କୀ କହୁ । ରାଷ୍ଟ୍ରୀୟ ଏକଚାଟିଆ ପୁଞ୍ଜିର ମଧ୍ୟ ଜନ୍ମ ହୋଇଛି । ଏଇଭଳିଭାବେ ରାଷ୍ଟ୍ରକୁ ଏକଚାଟିଆ ପୁଞ୍ଜିର ଅଧିକରୁ ଅଧିକ ଗୋଡ଼ାଣିଆ କରିଦିଆଯାଉଛି । ଏହି ସମସ୍ତ ଲକ୍ଷଣ ଓ ଭାରତବର୍ଷର ଧନକୁବେର ଗୋଷ୍ଠୀର ଲଗ୍ନୀ ପୁଞ୍ଜିର କାରବାର ଆଦିକୁ ଏକ ସଙ୍ଗେ ବିଚାରକୁ ନେଇ, ଭାରତବର୍ଷର ଅର୍ଥନୈତିକ ବ୍ୟବସ୍ଥାର ଚରିତ୍ରଟିକୁ ବୁଝିବାକୁ ହେବ । ଭାରତବର୍ଷର ପୁଞ୍ଜିବାଦ ଯେ ଇତିମଧ୍ୟରେ କିଛିଟା ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରିଛି, ତାହାକୁ ସମ୍ୟକ୍ ଭାବରେ ବୁଝିବାକୁ ହେଲେ, ଏଠାରେ ଆପଣମାନଙ୍କୁ ଆଉ ଗୋଟିଏ ବିଷୟକୁ ମଧ୍ୟ ଭଲଭାବେ ବୁଝିବାକୁ ହେବ । ତା' ହେଲା, ପୁଞ୍ଜିର ରପ୍ତାନୀ ବା (export of capital)-ଏହି କଥାଟିକୁ ଅର୍ଥନୀତିରେ କ'ଣ ବୋଲି ବୁଝାଯାଏ । ଆମ ଦେଶରେ ଯେଉଁ ସବୁ ପଣ୍ୟ ଉତ୍ପାଦିତ ହୁଏ, ସେସବୁକୁ ରପ୍ତାନୀ କରିବା ହେଲା ଗୋଟିଏ କଥା । ସବୁ ଦେଶ ଏଭଳି କରନ୍ତି । ନିଜ ଦେଶରେ ଶିଳ୍ପର ବିକାଶ ପାଇଁ ଏଇଟା ତା'ର ପ୍ରୟୋଜନ । ପୁଞ୍ଜିବାଦର ଏଇଟା ଗୋଟାଏ ବିଶେଷ ଚରିତ୍ର । କେବଳ ଏଇ ଚରିତ୍ରଟି ଥିଲେ ହିଁ ଗୋଟାଏ ପୁଞ୍ଜିବାଦୀ ରାଷ୍ଟ୍ର ତତ୍କ୍ଷଣାତ୍ ସାମ୍ରାଜ୍ୟବାଦୀ ହୋଇଯାଏ ନାହିଁ । ପୁଞ୍ଜିବାଦର ବିକାଶର ପଥଦେଇ ଏପରି

ଏକ ପର୍ଯ୍ୟାୟରେ ଆସି ପହଞ୍ଚେ, ଯେତେବେଳେ କେବଳ ପଣ୍ୟ ରପ୍ତାନୀ ହୁଏ ନାହିଁ, ପୁଞ୍ଜି ମଧ୍ୟ ରପ୍ତାନୀ ହୁଏ । ସେତେବେଳେ ଆମେ ଅର୍ଥନୀତିର ପରିଭାଷାରେ ବିଦେଶ ବଜାରରେ ତାହାକୁ ଲଗ୍ନୀ ପୁଞ୍ଜିର କାରବାର ବା ସାମ୍ରାଜ୍ୟବାଦୀ ଶୋଷଣ ବୋଲି କହୁ । ପଣ୍ୟ ରପ୍ତାନୀ ସହିତ ପୁଞ୍ଜି ରପ୍ତାନୀର ଗୋଟିଏ ମୌଳିକ ଚରିତ୍ରଗତ ପାର୍ଥକ୍ୟ ରହିଛି । ବିଦେଶ ବଜାରରେ ଲଗ୍ନୀ ପୁଞ୍ଜିର କାରବାର କରି; ରପ୍ତାନୀକାରୀ ଦେଶର ପୁଞ୍ଜିପତିମାନେ, ସେ ଦେଶର ଶ୍ରମଶକ୍ତି ଏବଂ ପ୍ରାକୃତିକ ସମ୍ପଦ ଲୁଣ୍ଠନ କରନ୍ତି; ଯାହା ପଣ୍ୟ ରପ୍ତାନୀ କ୍ଷେତ୍ରରେ ହୁଏ ନାହିଁ । ଏଇଠି ହିଁ, ପଣ୍ୟ ରପ୍ତାନୀ ସହିତ ପୁଞ୍ଜି ରପ୍ତାନୀର ଚରିତ୍ରଗତ ପାର୍ଥକ୍ୟ ନିହିତ ଥାଏ । ସେଥିପାଇଁ ବିଦେଶ ବଜାରରେ ପୁଞ୍ଜିର ରପ୍ତାନୀକୁ ଅର୍ଥନୈତିକ ପରିଭାଷାରେ ସାମ୍ରାଜ୍ୟବାଦ କୁହାଯାଏ । ଭାରତବର୍ଷରୁ ମଧ୍ୟ ପୁଞ୍ଜି ରପ୍ତାନୀ ହେଉଛି । ତାହା ସେ ବହୁରାଷ୍ଟ୍ରୀୟ କମ୍ପାନୀ (Multinational corporation) ନାମରେ ହୋଇପାରେ ବା ଅନ୍ୟକୌଣସି ନାମରେ ହୋଇପାରେ । ନାମ ଯାହା ହେଉନା କାହିଁକି, ଭାରତୀୟ ଏକଚାଟିଆ ପୁଞ୍ଜିପତିମାନେ ମଧ୍ୟ ବିଦେଶ ବଜାରକୁ ପୁଞ୍ଜି ରପ୍ତାନୀ କରୁଛନ୍ତି; ବିଦେଶ ବଜାରରେ ଲଗ୍ନୀ ପୁଞ୍ଜିର କାରବାର କରୁଛନ୍ତି– ଏଇଟା ହିଁ ଅସଲ କଥା ବା ମୂଳ କଥା ।

ଆଜି ଛୋଟ ଛୋଟ ରାଷ୍ଟ୍ରଗୁଡ଼ିକୁ ବଡ଼ ବଡ଼ ରାଷ୍ଟ୍ର ବିରୁଦ୍ଧରେ ଏବଂ ବଡ଼ ବଡ଼ ରାଷ୍ଟ୍ରଗୁଡ଼ିକୁ ଅତି ବୃହତ୍ ରାଷ୍ଟ୍ର ବିରୁଦ୍ଧରେ ମିଳିମିଶି ଲଢ଼େଇ କରିବାକୁ ହେଉଥିବାରୁ ଏହି ସବୁ ରାଷ୍ଟ୍ରମାନେ ଗୋଟିଏ ନୂଆ ଢ଼ଙ୍ଗରେ (Form) ସମସ୍ତ ଦେଶର ପୁଞ୍ଜିର ସମ୍ମିଶ୍ରଣ ଘଟାଇବାକୁ ଚାହୁଁଛନ୍ତି । ଜାତୀୟ ଗଣ୍ଡି ବାହାରେ ଗୋଟିଏ ଦେଶର ପୁଞ୍ଜି ଅନ୍ୟ ଗୋଟିଏ ଦେଶକୁ ରପ୍ତାନୀ ହେବା ଏବଂ ଗୋଟିଏ ଦେଶର ପୁଞ୍ଜି ସହିତ ଅନ୍ୟ ଗୋଟିଏ ଦେଶର ପୁଞ୍ଜିର ମିଶ୍ରଣ ଘଟିବା ପ୍ରକ୍ରିୟାକୁ ହିଁ ଇଂରାଜୀରେ କସ୍‌ମୋପୋଲିଟାନିଜମ୍ (Cosmo-politanism) କୁହାଯାଏ । ଆଜି ଏହି କସ୍‌ମୋପୋଲିଟାନିଜମ୍‌କୁ ହିଁ ମଲ୍‌ଟି ନ୍ୟାସନାଲ୍ କର୍ପୋରେସନ୍ (Multinational corporation) ର ଆଖ୍ୟା ଦିଆଯାଇଛି । କିନ୍ତୁ ଯେତେଦିନ ଯାଏ ପୁଞ୍ଜିବାଦ ଏହାର ମୂଳଭିତ୍ତି ହୋଇ ରହିଛି ଅର୍ଥାତ୍ ଯେତେଦିନ ଯାଏ ଏକଚାଟିଆ ପୁଞ୍ଜି ଓ ଫିନାନସିଆଲ ଓଲିଗାର୍କୀ କାମ କରୁଥିବ, ସେତେଦିନଯାଏ ଏହାର ନାମ ଯାହା ବି ଦିଆଯାଉନା କାହିଁକି, ଲଗ୍ନୀ ପୁଞ୍ଜି ଭିତରେ ଏଇଟା ସେହି ପୁରୁଣା 'ଇଣ୍ଟରନେସ୍‌ନାଲ ଟ୍ରଷ୍ଟ ଏଣ୍ଡ କାର୍ଟେଲ' ଅନୁରୂପ ଗୋଟିଏ ନୂତନ ବନ୍ଦୋବସ୍ତ (Ar-rangement) ଯହାକି, ସାମ୍ରାଜ୍ୟବାଦୀ ଚରିତ୍ରକୁ ହିଁ ପ୍ରତିଫଳିତ କରେ । ଏ କଥାକୁ ଅସ୍ୱୀକାର କରିବା ପାଇଁ କାହାରି କୌଣସି ଉପାୟ ନାହିଁ ।

ତା'ହେଲେ ଦେଖାଯାଉଛି ଯେ, ଏ ଦେଶର ପୁଞ୍ଜିବାଦ କେବଳ ପ୍ରତିକ୍ରିୟାଶୀଳ ନୁହେଁ, ଇତି ମଧ୍ୟରେ ତାହା କେତେକାଂଶରେ ସାମ୍ରାଜ୍ୟବାଦୀ ଚରିତ୍ର ମଧ୍ୟ ଅର୍ଜନ କରିଛି । ଅଧିକନ୍ତୁ ଏହା ଏଭଳି ଧରଣର ପୁଞ୍ଜିବାଦ ଯିଏକି ପ୍ରଗତିର ତଣ୍ଟି ଚିପି ଧରିଛି । ଜ୍ଞାନ ବିଜ୍ଞାନ ଅର୍ଥନୀତି, ରାଜନୀତି ଠାରୁ ଆରମ୍ଭ କରି ଶିକ୍ଷ, ସାହିତ୍ୟ, ନୀତି ନୈତିକତା; ସବୁ କ୍ଷେତ୍ରରେ ଆଜି ଏହି ପୁଞ୍ଜିବାଦ ଯୋଗୁଁ ହିଁ ବିପର୍ଯ୍ୟୟ ଦେଖା ଦେଇଛି । ଏହାକୁ କେବଳ ମାତ୍ର କ୍ଷୟିଷ୍ଣୁ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦ କହିଦେଲେ କଥାଟିକୁ ସମ୍ପୂର୍ଣ୍ଣ ଭାବେ ବୁଝି ହେବ ନାହିଁ । ଏହା ସହିତ ଆମ ଦେଶର ପୁଞ୍ଜିବାଦର ବିଶେଷ ଚରିତ୍ରଗତ ବୈଶିଷ୍ଟ୍ୟକୁ ମଧ୍ୟ ଆପଣମାନଙ୍କର ଲକ୍ଷ୍ୟ କରିବା ଦରକାର । ବିଶ୍ୱର ସବୁ ସ୍ଥାନରେ ପୁଞ୍ଜିବାଦ ଆଜି କ୍ଷୟିଷ୍ଣୁ ଏବଂ ଚରମ ପ୍ରତିକ୍ରିୟାଶୀଳ ରୂପ ଧାରଣ କରିଛି । ପୁଞ୍ଜିବାଦ ସାମ୍ରାଜ୍ୟବାଦ ସ୍ତରରେ ପହଞ୍ଚିବା ପରେ ଏକଦା ପୁଞ୍ଜିବାଦ ଗଢ଼ି ତୋଳିଥିବା ମାନବତା, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଗଣତନ୍ତ୍ରର ଆଦର୍ଶକୁ ନିଜେ ହିଁ କ୍ରମାଗତଭାବେ ପଦଦଳିତ କରି ଚାଲିଛି ଏବଂ ଦିନକୁ ଦିନ ବ୍ୟୁରୋକ୍ରାସି, ଦମନ ନୀତି, ଜୋରଜୁଲମ ଏବଂ ସମରବାଦ ପ୍ରତି କ୍ରମଶଃ ଅଧିକରୁ ଅଧିକ ପକ୍ଷପାତି ହୋଇପଡୁଛି । ଶକ୍ତି ଏବଂ ଅବସ୍ଥାର ତାରତମ୍ୟ ଅନୁସାରେ ଆଜିକାଲି ଏହିଭଳି ଘଟଣା ସମସ୍ତ ପୁଞ୍ଜିବାଦୀ ଦେଶ ମାନଙ୍କରେ ଅଳ୍ପେ ବହୁତେ ଘଟୁଛି । କିନ୍ତୁ ଆପଣମାନଙ୍କୁ ମୁଁ ଯେଉଁ କଥାଟି କହିବାକୁ ଚାହୁଁଛି, ତା' ହେଲା, ଆଜି ଭାରତବର୍ଷର ଜାତୀୟ ଜୀବନରେ, ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ପ୍ରକାର ମୂଲ୍ୟବୋଧ ପ୍ରତି ଯେଉଁ ଘୋର ଅବଜ୍ଞା ପରିଲକ୍ଷିତ ହେଉଛି; ବିଶେଷ କରି ବ୍ୟବସାୟ ବାଣିଜ୍ୟ ଏବଂ ପ୍ରଶାସନିକ କାର୍ଯ୍ୟକଳାପ କ୍ଷେତ୍ରରେ ଯେଉଁ ଚରମ ଦୁର୍ନୀତି ସର୍ବାତ୍ମକ ରୂପ ଧାରଣ କରିଛି, ଇଉରୋପର ଚୂଡ଼ାନ୍ତ ପ୍ରତିକ୍ରିୟାଶୀଳ ପୋଖତ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକରେ ମଧ୍ୟ ତା'ର ନଜିର ଖୋଜିଲେ ମିଳିବ ନାହିଁ । ଆଭ୍ୟନ୍ତରୀଣ ଶାସନ କ୍ଷେତ୍ରରେ ମଧ୍ୟ ନିଜ ଦ୍ୱାରା ତିଆରି ଆଇନ୍ କାନୁନ ପ୍ରତି ଏଇଭଳି ଅମର୍ଯ୍ୟାଦା ପ୍ରଦର୍ଶନର ଦୃଷ୍ଟାନ୍ତ ଅନ୍ୟ କେଉଁଠି ଦେଖିବାକୁ ମିଳିବ ନାହିଁ । ଆଇନ ଶୃଙ୍ଖଳାର ରକ୍ଷକ, ଏଦେଶର ପୋଲିସ୍ ଓ ପ୍ରଶାସନ ଦ୍ୱାରା ଆଇନର ମର୍ଯ୍ୟାଦା ଲଙ୍ଘନ ଘଟଣା ଏକ ନିତ୍ୟ ନୈମିତ୍ୟିକ ବ୍ୟାପାରରେ ପରିଣତ ହୋଇଛି । ପ୍ରଶାସନିକ ଓ ପୋଲିସ ବିଭାଗର ଅଧିକାଂଶ ଲୋକ ବ୍ୟକ୍ତିଗତ ସ୍ୱାର୍ଥ, ଆକ୍ରୋଶ ଏବଂ ଶାସକ ଦଳର ପ୍ରରୋଚନାରେ ଯେଉଁଭଳି ଭାବେ ନିର୍ଦ୍ୱିଧାରେ ବେଆଇନ୍ କାର୍ଯ୍ୟ କଳାପରେ ଲିପ୍ତ ହୁଅନ୍ତି ଏବଂ ମିଥ୍ୟା ମାମଲା ସଜେଇ ଗଣତାନ୍ତ୍ରିକ ଆନ୍ଦୋଳନ ଓ ବିଭିନ୍ନ ରାଜନୈତିକ ଦଳର କର୍ମୀମାନଙ୍କୁ ହଇରାଣ କରିଥାଆନ୍ତି ତା'ର ଦୃଷ୍ଟାନ୍ତ କୌଣସି ଚରମ

ପ୍ରତିକ୍ରିୟାଶୀଳ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରରେ ମଧ୍ୟ ଦେଖିବାକୁ ମିଳିବ ନାହିଁ । ଏହା ଫଳରେ ସମାଜର ସବୁ ସ୍ତରରେ କର୍ତ୍ତବ୍ୟବୋଧ ଏବଂ ଦାୟିତ୍ୱବୋଧ ପ୍ରତି ଏକପ୍ରକାର ସର୍ବାତ୍ମକ ଅବଜ୍ଞାଭାବ ସମାଜ ଜୀବନରେ ପରିବ୍ୟାପ୍ତ ହେଉଛି । ନିଜର ସାମ୍ରାଜ୍ୟବାଦୀ ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ଯେଉଁ ଆମେରିକାରେ ସାମ୍ରାଜ୍ୟବାଦୀ ପୁଞ୍ଜିପତିଶ୍ରେଣୀ, ସମସ୍ତ ପ୍ରକାର ନ୍ୟାୟନୀତିବୋଧକୁ ପଦଦଳିତ କରି, ଚରମ ପାଶବିକ ଉପାୟରେ ସମଗ୍ର ଭିଏତ୍‌ନାମକୁ ମାଟିରେ ମିଶାଇ ଦେବାର ହୀନ ଚକ୍ରାନ୍ତ କରିଥିଲା, ସେହି ଦେଶର ବୁର୍ଜୁଆମାନଙ୍କର ଜାତୀୟ ଚରିତ୍ରଗତ ବୈଶିଷ୍ଟଗୁଡ଼ିକ ସଙ୍ଗେ ଭାରତୀୟ ବୁର୍ଜୁଆମାନଙ୍କ ଜାତୀୟ ଜୀବନର ପୂର୍ବୋକ୍ତ ବିଶେଷ ବୈଶିଷ୍ଟ୍ୟଗୁଡ଼ିକର ପାର୍ଥକ୍ୟ ଲକ୍ଷଣୀୟ । ଏକଥା ଠିକ୍ ଯେ, ନିଜର ଶ୍ରେଣୀ ଶାସନ ଏବଂ ଶୋଷଣର ସ୍ୱାର୍ଥରେ ମଣିଷର ତଣ୍ଟି ଚିପି ପଦାନତ କରିବା ଏବଂ ମଣିଷର ସ୍ୱାଧୀନତାକୁ ଖର୍ବ କରିବା କ୍ଷେତ୍ରରେ, କୌଣସି ଦେଶର ଶାସକ ବୁର୍ଜୁଆ ଶ୍ରେଣୀ କେବେ ବି କୁଣ୍ଠିତ ହୁଏ ନାହିଁ । କିନ୍ତୁ ଏକଥା ମଧ୍ୟ ଠିକ୍ ଯେ, ବିଶ୍ୱବ୍ୟାପୀ 'ଅଣ୍ଡରୱାର୍ଲଡ୍ ଆକ୍‌ଟିଭିଟି'ର କାର୍ପେଟଦାର ଏବଂ ଦୁନିଆ ସାରା ନାନା ରକମର ଅପରାଧ ମୂଳକ କାର୍ଯ୍ୟକଳାପରେ ସର୍ବଦା ଲିପ୍ତ ଏଇସବୁ ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ପୁଞ୍ଜିବାଦୀ ଦେଶର ପୁଞ୍ଜିପତି ଓ ବୁର୍ଜୁଆଶ୍ରେଣୀ; ସେମାନେ କିନ୍ତୁ ଶିଶୁଖାଦ୍ୟ ଏବଂ ଔଷଧ ଭେଜାଲ କରିବା ଜାଣନ୍ତି ନାହିଁ ବା ନିଜ ଦେଶରେ ଏଭଳି କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ପରସ୍ପର ବିରୁଦ୍ଧରେ ସେମାନେ ହଜାରେ ଅପରାଧମୂଳକ କାର୍ଯ୍ୟକଳାପରେ ଲିପ୍ତ ଥିଲେ ମଧ୍ୟ କେହିହେଲେ ନିଜ ଦେଶରେ କର୍ତ୍ତବ୍ୟର ଅବହେଳା (Neglect of duty) କୁ ପ୍ରଶ୍ରୟ ଦିଅନ୍ତି ନାହିଁ । କିନ୍ତୁ ଆମ ଦେଶରେ ପୁଞ୍ଜିପତିଶ୍ରେଣୀ ଓ ବୁର୍ଜୁଆମାନେ ଶିଶୁଖାଦ୍ୟ ଏବଂ ଔଷଧ ଭଳି ଜିନିଷରେ ଭେଜାଲ କରିବାକୁ ତିଳେହେଲେ ବି ବିବେକର ଦଂଶନ ଅନୁଭବ କରନ୍ତି ନାହିଁ । ଯେଉଁ ଶିଶୁ ଖାଦ୍ୟକୁ ତା' ନିଜ ଘରର ପିଲା ବି ଖାଇବ, ଯେଉଁ ଔଷଧରେ ତା' ନିଜର ପ୍ରାଣ ମଧ୍ୟ ରକ୍ଷା ହେବ, ଏ ଦେଶର ବ୍ୟବସାୟୀମାନେ ସେସବୁ ମଧ୍ୟ ଭେଜାଲ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ ।

ତେବେ, ପାଶ୍ଚାତ୍ୟ ଦେଶର ବୁର୍ଜୁଆମାନେ ଚୂଡ଼ାନ୍ତ ପ୍ରତିକ୍ରିୟାଶୀଳ ହେବା ସତ୍ତ୍ୱେ ଏବଂ ଦୁନିଆସାରା ବିଭିନ୍ନ ଧରଣର ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ଥିବା ସତ୍ତ୍ୱେ ଏଇ ଧରଣର ଜଘନ୍ୟ କାର୍ଯ୍ୟ କରିବା କଥା ସେମାନେ କାହିଁକି ଚିନ୍ତାକରି ପାରନ୍ତି ନାହିଁ ? ଏହାର କାରଣ ହେଲା, ସାମନ୍ତତନ୍ତ୍ର ଏବଂ ସମସ୍ତ ପ୍ରକାରର ଧର୍ମୀୟ କୁସଂସ୍କାର ବିରୁଦ୍ଧରେ ଆପୋଷହୀନ ବିପ୍ଳବାତ୍ମକ ଲଢ଼େଇ ମଧ୍ୟଦେଇ ସେସବୁ ଦେଶରେ ପୁଞ୍ଜିବାଦ ବିକାଶଲାଭ କରିଥିଲା । ସେ ଯୁଗରେ ପୁଞ୍ଜିବାଦୀ ବିପ୍ଳବର ପରିପୂରକ ଭାବେ ଯେଉଁ ମାନବତାବାଦୀ

ଆଦର୍ଶକୁ ଭିତ୍ତିକରି ବୁର୍ଜୁଆ ସମାଜ ବ୍ୟବସ୍ଥା ବା ଗଣତାନ୍ତ୍ରିକ ବ୍ୟବସ୍ଥାର ଅଭ୍ୟୁତ୍‌ଥାନ ଘଟିଥିଲା, ତାହା ହେଉଛି, 'ସେକ୍ୟୁଲାର ମାନବତାବାଦ' । 'ମେନ୍‌ହୁଡ୍'କୁ ଭିତ୍ତିକରି ସେହି ସମାଜର ମୂଲ୍ୟବୋଧର ଛାଞ୍ଚଟି ଗଢ଼ି ଉଠିଥିଲା । ଯଦିଓ ପରବର୍ତ୍ତୀ କାଳରେ ୟୁରୋପୀୟ ମାନବତାବାଦ ଖ୍ରୀଷ୍ଟ ଧର୍ମର ମୂଳ ସ୍ୱର (Essence of Christanity) ସହିତ ଏକ ପ୍ରକାର ଆପୋଷ କରି ନେଇଥିଲା, ତଥାପି ରାଷ୍ଟ୍ରନୀତି, ସମାଜନୀତି, ଅର୍ଥନୀତି ଓ ପ୍ରାତ୍ୟହିକ ଜୀବନଯାତ୍ରା କ୍ଷେତ୍ରରେ ସେ ଦେଶରେ ଜାତୀୟ ଚରିତ୍ରର ବୈଶିଷ୍ଟ୍ୟଗୁଡ଼ିକ 'ସେକ୍ୟୁଲାର ମାନବତାବାଦ'ର ଭିତ୍ତିରେ ହିଁ ଗଢ଼ି ଉଠିପାରିଥିଲା । ଏତେ ଦୁଷ୍କର୍ମ ସତ୍ତ୍ୱେ ମଧ୍ୟ ୟୁରୋପ ଓ ଆମେରିକାର ଜାତୀୟ ବୁର୍ଜୁଆ ଶ୍ରେଣୀ ମଧ୍ୟରେ ଜାତୀୟ ଚରିତ୍ରର ଏହି ବୈଶିଷ୍ଟ୍ୟଗୁଡ଼ିକ ଆଜି ବି ପୂରାପୂରି ନିଃଶେଷ ହୋଇଯାଇ ନାହିଁ । ସେଥିପାଇଁ ଆମ ଦେଶ ଭଳି ସର୍ବତ୍ର, ବିଶେଷ କରି ପ୍ରଶାସନିକ କାର୍ଯ୍ୟକଳାପ କ୍ଷେତ୍ରରେ କର୍ତ୍ତବ୍ୟର ଅବହେଳାକୁ ଆଜି ମଧ୍ୟ ସେମାନେ ସେଠାରେ ପ୍ରଶ୍ରୟ ଦିଅନ୍ତି ନାହିଁ । ସେଥିପାଇଁ 'ଅଣ୍ଡର ୱାର୍ଲଡ୍ ଆକ୍‌ଟିଭିଟି' ଏବଂ ବିଶ୍ୱବ୍ୟାପୀ ଅପରାଧମୂଳକ କାର୍ଯ୍ୟକଳାପର ସର୍ଦ୍ଦାର ହେବା ସତ୍ତ୍ୱେ ମଧ୍ୟ ଶିଶୁଖାଦ୍ୟ ଏବଂ ଔଷଧ ଭେଜାଲ କରିବା ଭଳି ହୀନ ପନ୍ଥା ଅବଲମ୍ବନ କରି ମୁନାଫା ଲୁଟିବା କଥା ଆଜି ବି ସେମାନେ ଭାବି ପାରନ୍ତି ନାହିଁ । ଆପଣମାନେ ଜାଣନ୍ତି ଯେ, ପଶ୍ଚିମ ଜର୍ମାନୀକୁ ଆମେ ସମସ୍ତେ ଗୋଟାଏ ଫାସିଷ୍ଟ ପୁଞ୍ଜିବାଦୀ ଦେଶ ବୋଲି ମନେକରୁ । କିଛିଦିନ ପୂର୍ବେ ଖବର କାଗଜରେ ପ୍ରକାଶିତ ସମ୍ବାଦରୁ ଜଣାପଡ଼ିଛି ଯେ, ଆମ ଦେଶର ଜଣେ ବ୍ୟବସାୟୀ ସେଇ ପଶ୍ଚିମ ଜର୍ମାନୀର କୌଣସି ଗୋଟିଏ ବ୍ୟବସାୟୀ ପ୍ରତିଷ୍ଠାନକୁ ପଥରରେ ଚାଉଳ ତିଆରି କରିବାର ଗୋଟାଏ ମେସିନ୍ ତିଆରି କରିବା ପାଇଁ ବରାଦ ଦେଇଥିଲେ । ପଶ୍ଚିମ ଜର୍ମାନୀର ବ୍ୟବସାୟୀମାନେ ଚାହିଁଥିଲେ ଟଙ୍କା ବିନିମୟରେ ଏଇ ମେସିନ୍ ତିଆରି କରି ଦେଇ ପାରିଥାନ୍ତେ । କିନ୍ତୁ ସେମାନେ ତାହା କରି ନାହାନ୍ତି । କାରଣ ଅନେକ ଦୁଷ୍କର୍ମ କଲେ ମଧ୍ୟ ଏ ଧରଣର ଅପକର୍ମ କଥା ସେମାନେ କେବେ ଶୁଣିନଥିଲେ । ଖାଦ୍ୟ ଭେଜାଲ କରିବା ଉଦ୍ଦେଶ୍ୟରେ ପଥରରେ ଚାଉଳ ତିଆରି କରିବା ପାଇଁ ଗୋଟିଏ ମେସିନ୍ ତିଆରି କରି ଦେବାକୁ ହେବ, ଏଭଳି ଦୁଷ୍କର୍ମର ଗୋଟାଏ ବିଚିତ୍ର ବରାଦ ଯେ ମିଳିପାରେ, ଏକଥା ସେମାନେ କେବେ ଭାବି ପାରିନାହାନ୍ତି । ସେଥିପାଇଁ ଆମ ଦେଶର ସରକାରଙ୍କୁ ସେମାନେ ଘଟଣାଟି ଜଣେଇ ଦେଇଥିଲେ । ଏହି ଘଟଣାରୁ କ'ଣ ପ୍ରମାଣ ହୁଏ ? ପ୍ରମାଣ ହୁଏ ଯେ, ସେମାନେ ବି ବ୍ୟବସାୟ କରନ୍ତି, ଲାଭ କରନ୍ତି, ମଣିଷକୁ ଠକାନ୍ତି, ସେମାନଙ୍କର ବି 'ଅଣ୍ଡର ୱାର୍ଲଡ୍ ଆକ୍‌ଟିଭିଟି' ରହିଛି, କିନ୍ତୁ ତା' ସତ୍ତ୍ୱେ ବି ପଥରରେ ଚାଉଳ ତିଆରି କରିବାର ମେସିନ୍ ବନେଇ ବିକ୍ରି କଲାଭଳି ଦୁର୍ବୁଦ୍ଧି ଆଜି ମଧ୍ୟ

ସେମାନଙ୍କ ମୁଣ୍ଡରେ ଢୁକି ନାହିଁ । ଆଉ ଖାଦ୍ୟରେ ଭେଜାଲ କରିବା ସକାଶେ ପଥରରେ ଚାଉଳ ତିଆରି କରିବାର ମେସିନ୍ ବନେଇବା ପାଇଁ ଯିଏ ବରାଦ ଦେଇଥିଲା ଆମ ଦେଶର ସରକାର ତାକୁ ଗିରଫ କରି ପ୍ରକାଶ୍ୟ ଅଦାଲତରେ ତା'ର ବିଚାର କରିବା ପରିବର୍ତ୍ତେ ଘଟଣାଟିକୁ ଘଣ୍ଟ ଘୋଡ଼େଇ କେଉଁଠି ଚପେଇଦେଲା । ଅଧିକନ୍ତୁ ହୁଏତ ତାକୁ ଏଥିପାଇଁ ଘରକୁ ଡ଼ାକି ନେଇ ଭୁରି ଭୋଜନ ଦେଇଛନ୍ତି ଏବଂ ଭାବିଛନ୍ତି, ଏତେ ବଡ଼ ଗୋଟାଏ ବ୍ରେନକୁ (ବିଚକ୍ଷଣ ମସ୍ତିଷ୍କକୁ) କୌଣସି ଏକ ପ୍ରଶାସନିକ କାମରେ ବ୍ୟବହାର କରାଯାଇ ପାରିବ କି ନାହିଁ । ଏହା ହିଁ ହେଲା ଆମ ଦେଶର ବୁର୍ଜୁଆମାନଙ୍କର ଚରିତ୍ର । ଏମାନଙ୍କୁ ଖାଲି 'ବୁର୍ଜୁଆ' ବୋଲି କହିଲେ ବୁଝିହେବ ନାହିଁ । ବିଚିତ୍ର ଏମାନଙ୍କର ପ୍ରକୃତି–ଯାହା ସହିତ ୟୁରୋପର ବୁର୍ଜୁଆମାନଙ୍କର ମେଳ ନାହିଁ । ଏଇସବୁ ଦେଶର ପୁଞ୍ଜିପତି ଓ ବ୍ୟବସାୟୀ ଏବଂ ଆମ ଦେଶର ପୁଞ୍ଜିପତି ବ୍ୟବସାୟୀ ମାନଙ୍କର ହୀନତା ମଧ୍ୟରେ ଏଇ ଯେଉଁ ପାର୍ଥକ୍ୟ ଟିକକ ରହିଛି, ତା' ଅବଶ୍ୟ ଲକ୍ଷ୍ୟ କରିବାର କଥା ।

ଆମ ଦେଶର ବୁର୍ଜୁଆମାନଙ୍କର ଜାତୀୟ ଚରିତ୍ର ଏବଂ ଏସବୁ ଦେଶର ବୁର୍ଜୁଆମାନଙ୍କର ଜାତୀୟ ଚରିତ୍ର ମଧ୍ୟରେ ଏଇ ଯେଉଁ ପାର୍ଥକ୍ୟ ଦେଖିବାକୁ ମିଳେ, ତା'ର କାରଣ କ'ଣ ? କାରଣ, ଅଷ୍ଟାଦଶ ଶତାବ୍ଦୀରେ ପାଶ୍ଚାତ୍ୟ ଦେଶର ପୁଞ୍ଜିବାଦ ଭଳି, ସାମନ୍ତତନ୍ତର ଧର୍ମ ଏବଂ ଧର୍ମୀୟ କୁସଂସ୍କାର ବିରୁଦ୍ଧରେ ଆପୋଷହୀନ ବିପ୍ଳବାତ୍ମକ ସଂଗ୍ରାମ ମଧ୍ୟ ଦେଇ ଏ ଦେଶର ପୁଞ୍ଜିବାଦ ଗଢ଼ିଉଠି ନାହିଁ । ଏହି କାରଣରୁ ହିଁ, ଆମ ଦେଶର ବୁର୍ଜୁଆମାନଙ୍କ ଜାତୀୟ ଚରିତ୍ରର କୌଣସି ଦୃଢ଼ ଭିତ୍ତିଭୂମି ଗଢ଼ି ଉଠିପାରି ନାହିଁ । ପ୍ରଥମତଃ, ବିଶ୍ୱ ପୁଞ୍ଜିବାଦର ଚୂଡ଼ାନ୍ତ ପ୍ରତିକ୍ରିୟାଶୀଳ ଯୁଗରେ ଆମ ଦେଶର ପୁଞ୍ଜିବାଦ ଗଢ଼ି ଉଠିଛି । ଦ୍ୱିତୀୟତଃ, ସାମ୍ରାଜ୍ୟବାଦ ଓ ସାମନ୍ତତନ୍ତ୍ର ସହିତ ଆପୋଷ କରି ଏବଂ ସେମାନଙ୍କ ସହିତ ମିଳିମିଶି ଆମ ଦେଶରେ ପୁଞ୍ଜିବାଦର ଅଭ୍ୟୁତ୍‌ଥାନ ଘଟିଛି । ଫଳରେ ସୁଦୂର ଅତୀତ କାଳରୁ ବ୍ରାହ୍ମଣ୍ୟ ଧର୍ମର ଅନୁଶାସନ, ଜାତିପ୍ରଥା ଓ ନାନା ରକମର ଧର୍ମୀୟ କୁସଂସ୍କାର ଯୋଗୁଁ ଏ ଦେଶର ଲୋକମାନଙ୍କର ମେରୁଦଣ୍ଡ ଏମିତି ହିଁ ଦୁର୍ବଳ ଅବସ୍ଥାରେ ଥିଲା, ସେଠି ପୁଞ୍ଜିବାଦର ଅଭ୍ୟୁତ୍‌ଥାନକୁ କେନ୍ଦ୍ରକରି, ଜାତିପ୍ରଥା ଓ କୁସଂସ୍କାର ବିରୁଦ୍ଧରେ ସ୍ୱାଧୀନତା ଆନ୍ଦୋଳନର ଗୋଟିଏ ଅଂଶ ଭିତରେ କେତେକାଂଶରେ ପରିବର୍ତ୍ତନ ଦେଖାଦେବା ସତ୍ତ୍ୱେ ବି ସେଇ ଧାରାଟି କିଛିବାଟ ଆଗେଇବା ପରେ ଅଣ୍ଟା ଭାଙ୍ଗି ପଡ଼ି ଯାଇଥିଲା । ଫଳରେ ସମାଜ ଜୀବନର ଅଭ୍ୟନ୍ତରରେ ଯେଉଁ ଆବର୍ଜନା ଜମି ରହିଥିଲା ଏବଂ ସ୍ୱାଧୀନତା ଆନ୍ଦୋଳନ ଆପୋଷମୁଖୀ ହେବା ଫଳରେ ଯାହା ଦୂର କରିବା ସମ୍ଭବ ହୋଇ ନଥିଲା; ଦେଶରେ ସ୍ୱାଧୀନ ବୁର୍ଜୁଆ ରାଷ୍ଟ୍ର ପ୍ରତିଷ୍ଠିତ ହେବାପରେ ଏହି କ୍ଳେଦ ଚୂଡ଼ାନ୍ତଭାବେ ଆତ୍ମ ପ୍ରକାଶ କରିଛି । ଏହା ହିଁ ହେଲା ଭାରତୀୟ ପୁଞ୍ଜିବାଦର ବିଶେଷ

ଚରିତ୍ରଗତ ବୈଶିଷ୍ଟ୍ୟର ଦିଗ ।

ରାଷ୍ଟ୍ର ଯଦି ବର୍ତ୍ତମାନ, ଅର୍ଥନୈତିକ ବ୍ୟବସ୍ଥାର ହିଁ ରକ୍ଷକ ହୋଇଥାଏ, ତେବେ ଭାରତୀୟ ରାଷ୍ଟ୍ରର ଗଣତନ୍ତ୍ର ଓ ସମ୍ବିଧାନର ମହିମା ଯେତେ ପ୍ରଚାର କରାଯାଉନା କାହିଁକି, ଅସଲରେ ସେଇଟା ଭାରତର ଦୁର୍ଦ୍ଧର୍ଷ ଓ ଦୁର୍ନୀତିପୂର୍ଣ୍ଣ ଏକଚାଟିଆ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ତଥା ପୁଞ୍ଜିବାଦୀ ଶୋଷଣମୂଳକ ବ୍ୟବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଏହାକୁ ରକ୍ଷା କରିବାର ସଶସ୍ତ୍ର ରାଷ୍ଟ୍ରଯନ୍ତ୍ର ଛଡ଼ା ଆଉ କ'ଣ ହୋଇପାରେ ? ତ'ଛଡ଼ା ପୁଞ୍ଜିବାଦୀ ଶୋଷଣମୂଳକ ବ୍ୟବସ୍ଥାକୁ ରକ୍ଷା କରିବାର ଯନ୍ତ୍ରକୁ ଇତିହାସରେ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟତୀତ ଆଉ କ'ଣ ବା କୁହାଯାଇ ପାରେ ? ଏଥିପାଇଁ, ଆମେ ଭାରତୀୟ ରାଷ୍ଟ୍ର ବ୍ୟବସ୍ଥାଟିକୁ ଗୋଟିଏ ଆଧୁନିକ ଧରଣର ପୁଞ୍ଜିବାଦୀ ରାଷ୍ଟ୍ରଯନ୍ତ୍ର ବୋଲି କହୁ ।

ଏଇଟା ଗୋଟାଏ ପୁଞ୍ଜିବାଦୀ ରାଷ୍ଟ୍ର-ଯେଉଁ ରାଷ୍ଟ୍ର କି ପୁଞ୍ଜିବାଦକୁ ସଂରକ୍ଷଣ କରିବା ସହିତ ପରିବର୍ଦ୍ଧନରେ ବି ସାହାଯ୍ୟ କରୁଛି । ଆଉ ଏଇଟା କି ଧରଣର ପୁଞ୍ଜିବାଦ ? ଯେଉଁ ପୁଞ୍ଜିବାଦ ଆଜି ଆଉ ଶିଳ୍ପ ବିପ୍ଳବ ଘଟାଇପାରେନା, ବେକାର ସମସ୍ୟାର ସମାଧାନ କରିପାରେନା କି କୃଷିର ଆଧୁନିକୀକରଣ କରି ପାରେନା; କେବଳ ମାତ୍ର ଲଗ୍ନି ପୁଞ୍ଜି ଖଟେଇ ବିଦେଶ ବଜାରକୁ ଲୁଣ୍ଠନ କରିପାରେ ଏବଂ ଅଳ୍ପ ଜିନିଷ ତିଆରି କରି କୃତ୍ରିମ ଉପାୟରେ ଜିନିଷପତ୍ରର ଦାମ ବଢ଼େଇ ଦେଶ ଲୋକଙ୍କର ରକ୍ତ ଶୋଷି ହାଡ଼ ମାଉଁସ ଝୁଣି ପକାଏ । ଯଦି ବୁଝିଥାନ୍ତି ଏଇଟା ପୁଞ୍ଜିବାଦୀ ବିପ୍ଳବ ଯୁଗର ପୁଞ୍ଜିବାଦ- ଯିଏକି ଶିଳ୍ପ ବିପ୍ଳବ ଘଟାଉଛି, କୃଷିର ଆଧୁନିକୀକରଣ କରୁଛି ଏବଂ ଗ୍ରାମର ବେକାରମାନଙ୍କୁ ସହରକୁ ନେଇଆସି କଳକାରଖାନାରେ ନିଯମିତ ନୂତନ କାମ ଦେଉଛି ଓ ଶିଳ୍ପ, ସଂସ୍କୃତି, ଜ୍ଞାନ-ବିଜ୍ଞାନର ଅଗ୍ରଗତି ସାଧନ କରୁଛି- ତା'ହେଲେ ତ ଭିନ୍ନ କଥା । କିନ୍ତୁ ଏ ହେଉଛି ସେଇ ପୁଞ୍ଜିବାଦ, ଯିଏକି ପ୍ରଗତିର ଗଳା ଚିପି ଧରିଛି । ଜ୍ଞାନ ବିଜ୍ଞାନ, ଅର୍ଥନୀତି, ରାଜନୀତି, ଶିଳ୍ପ, ସାହିତ୍ୟ, ନୀତି ନୈତିକତା, ଆଦର୍ଶବାଦ ସବୁକିଛିର ତଣ୍ଟି ଚିପି ମାରୁଛି । ଏ ହେଲା କ୍ଷୟିଷ୍ଣୁ ଏବଂ ଅତ୍ୟନ୍ତ ଦୁର୍ନୀତିଗ୍ରସ୍ତ ଗୋଟାଏ ଚରମ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦ । ଏଥିପାଇଁ ଆମ ସମାଜ ଜୀବନରେ ଏତେ ଅବକ୍ଷୟ ଓ ସବୁ କ୍ଷେତ୍ରରେଏତେ ଦୁର୍ଦ୍ଦଶା ଦେଖା ଦେଉଛି । କାର୍ଯ୍ୟତଃ, ଭାରତବର୍ଷର ପୁଞ୍ଜିବାଦକୁ ଶଙ୍କରାଚାର୍ଯ୍ୟଙ୍କର ମାୟା ବୋଲି କହି ଉଡ଼େଇ ଦେଇ ଏ ଦେଶର ଯୁବକମାନେ ବଞ୍ଚି ପାରିବେ ନାହିଁ । ଯଦି ସେମାନେ ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ କରିବାକୁ ଚାହାନ୍ତି ଏବଂ ଏଇ ସର୍ବଗ୍ରାସୀ ସଙ୍କଟର ହାତରୁ ମୁକ୍ତି ପାଇବାକୁ

ଚାହାନ୍ତି, ତେବେ ସେମାନଙ୍କୁ ଏଇ ପ୍ରଶ୍ନଟିର ସିଧାସଳଖ ସାମ୍ନା କରିବାକୁ ହେବ ।

ବିଭିନ୍ନ ମତାଦର୍ଶ ଦ୍ୱାରା ପରିଚାଳିତ, ଆହୁରି ବେଶ୍ କେତୋଟି ଯୁବ ସଙ୍ଗଠନ ମଧ୍ୟ ଏ ଦେଶରେ ରହିଛି । ସେ ଭିତରୁ ଶାସକ ବୁର୍ଜୁଆଶ୍ରେଣୀର ଦଳ କଂଗ୍ରେସର ଯୁବ ସଙ୍ଗଠନକୁ ବାଦଦେଲେ, ସି.ପି.ଆଇ. ଏବଂ ସି.ପି.ଆଇ.(ଏମ୍) ଦ୍ୱାରା ପରିଚାଳିତ ଦୁଇଟି ଯୁବସଙ୍ଗଠନର କଥା ସ୍ୱତଃ ମନକୁ ଆସେ । ସେମାନଙ୍କର ବକ୍ତବ୍ୟରେ ଥିବା କେତେକ ଶବ୍ଦଗତ ପାର୍ଥକ୍ୟକୁ ବାଦ୍‌ଦେଲେ ଏଇ ଦୁଇଟିଯାକ ସଙ୍ଗଠନର ମୂଳ ବକ୍ତବ୍ୟ ହେଲା 'ଜନଗଣତାନ୍ତ୍ରିକ ବିପ୍ଳବ'ର ପରିପ୍ରେକ୍ଷୀରେ ଯୁବକମାନଙ୍କର ଗଣତାନ୍ତ୍ରିକ ଆନ୍ଦୋଳନ ଓ ଯୁବ ସମସ୍ୟା ସମାଧାନର ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ ନିର୍ଦ୍ଧାରିତ ହେବ । ଜନଗଣତାନ୍ତ୍ରିକ ବିପ୍ଳବର କଥା ଯେଉଁମାନେ କହୁଛନ୍ତି, ମୂଳତଃ ଏହି ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥା ଏବଂ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥାର ବାସ୍ତବ ସତ୍ୟଟାକୁ ସେମାନେ ଅନ୍ଧଭାବେ ଅସ୍ୱୀକାର କରିବାକୁ ଚାହୁଁଛନ୍ତି । ସେମାନଙ୍କ ମତରେ ଆମ ଦେଶର ପ୍ରଥମ ଏବଂ ପ୍ରଧାନ କାର୍ଯ୍ୟ ହେଲା ସାମନ୍ତତନ୍ତ୍ର ଏବଂ ସାମ୍ରାଜ୍ୟବାଦକୁ ହଟାଇବା । ଅର୍ଥାତ୍ କ୍ଷମତାସୀନ ବୁର୍ଜୁଆ ଶ୍ରେଣୀକୁ ରାଷ୍ଟ୍ର କ୍ଷମତାରୁ ଉଚ୍ଛେଦ କରିବା ବର୍ତ୍ତମାନ ଆମ ଦେଶର ରାଷ୍ଟ୍ରବିପ୍ଳବର ପ୍ରଥମ ଏବଂ ପ୍ରଧାନ କାମ ନୁହେଁ । ପ୍ରଥମ ଏବଂ ପ୍ରଧାନ କାମ ହେଲା ବିଦେଶୀ ସାମ୍ରଜ୍ୟବାଦର ଯେଉଁ ଅର୍ଥନୈତିକ ଶୋଷଣ ଓ ସାମନ୍ତତନ୍ତ୍ରର ଯେଉଁ ଟିକକ ଶୋଷଣ (କେତେଟିକେରହିଛି, ତାହା ସେମାନେ ହିଁ ଜାଣନ୍ତି) ତାକୁ ହଟାଇବା । କିନ୍ତୁ ବାସ୍ତବରେ ଆଜି ଆମ ଦେଶର ଭୂମି ବ୍ୟବସ୍ଥାରେ ସାମନ୍ତତାନ୍ତ୍ରିକ ଶୋଷଣ ନାହିଁ । ବୈଜ୍ଞାନିକ ପ୍ରଣାଳୀରେ ଚାଷବାଷ ହେଉ ନାହିଁ ଓ କୃଷି ବ୍ୟବସ୍ଥାର ଯାନ୍ତ୍ରିକୀକରଣ ହୋଇ ନାହିଁ ବୋଲି ଯଦି ଆମ ଦେଶରେ ସାମନ୍ତତାନ୍ତ୍ରିକ ଶୋଷଣ ରହିଛି ବୋଲି ସେମାନେ ମନେକରନ୍ତି, ତା'ହେଲେ ସାମ୍ରାଜ୍ୟବାଦ ଓ ସର୍ବହରା ବିପ୍ଳବର ବର୍ତ୍ତମାନ ଯୁଗରେ ବିଶେଷ କରି ବିଶ୍ୱ ପୁଞ୍ଜିବାଦର ବିଶ୍ୱବ୍ୟାପୀ ତୃତୀୟ ତୀବ୍ର ସଙ୍କଟ ଯୁଗରେ ପଛରେ ପଡ଼ିଥିବା ପୁଞ୍ଜିବାଦ କିଭଳି କୃଷିରେ ଅନୁପ୍ରବେଶ କରିଛି, ତାହା ସେମାନେ ବୁଝି ପାରନ୍ତି ନାହିଁ । ମୁଁ କହିବାକୁ ବାଧ୍ୟ ହେଉଛି ଯେ, ଜନଗଣତାନ୍ତ୍ରିକ ଏବଂ ଜାତୀୟ ଗଣତାନ୍ତ୍ରିକ ବିପ୍ଳବର ଏହିସବୁ ପ୍ରବକ୍ତାମାନେ, ଅଷ୍ଟାଦଶ ଶତାବ୍ଦୀର ପୁଞ୍ଜିବାଦୀ ବିପ୍ଳବର ଯୁଗରେ ପୁଞ୍ଜିବାଦ ଯେଭଳି କୃଷିରେ ଅନୁପ୍ରବେଶ କରିଥିଲା, ତା' ସହିତ ସାମ୍ରାଜ୍ୟବାଦ ଓ ସର୍ବହରା ବିପ୍ଳବର ଯୁଗରେ, ବିଶେଷକରି ବର୍ତ୍ତମାନ ବିଶ୍ୱ ପୁଞ୍ଜିବାଦର ତୃତୀୟ ଘନୀଭୂତ ସଙ୍କଟର ଯୁଗରେ ଆମ ଦେଶରେ ପଛୁଆ ପୁଞ୍ଜିବାଦ, ଆଜି ଯେଭଳି ଅଗ୍ରସର ହେଉଛି– ତାକୁ ମିଳାଇ ମିଶାଇ ବିଚାର କରିବାକୁ ଯାଇ ପୂରା ବିଷୟଟାକୁ ହିଁ ସେମାନେ ଗୋଳମାଳିଆ କରି ପକାଇଛନ୍ତି ଏବଂ ଏହା ଫଳରେ ସେମାନେ ଆଧୁନିକ ସଂଶୋଧନବାଦ ବା ବୁର୍ଜୁଆ ସଂସ୍କାରବାଦର ଖାପ୍‌ଚାରେ ଯାଇ ପଡୁଛନ୍ତି ।

ଯଦିଓ କୃଷି ଅର୍ଥନୀତିର ବାସ୍ତବ ସ୍ଥିତି ସମ୍ପର୍କରେ ବିଚାର କରିବାକୁ ଯାଇ, କୃଷି ଅର୍ଥନୀତିରେ ଧନତନ୍ତ୍ରର ଚୂଡ଼ାନ୍ତ ଅନୁପ୍ରବେଶ ଘଟିଛି ବୋଲି ସେମାନେ ସ୍ୱୀକାର କରୁଛନ୍ତି ।* ପୁଣି ତା ସହିତ ସେମାନେ ସ୍ଲୋଗାନ ଦେଉଛନ୍ତି ଯେ, ଟ୍ରାକ୍ଟର ମେସିନ ଦ୍ୱାରା ଚାଷବାସ କରିବା ଅର୍ଥାତ୍ କୃଷିର ଯାନ୍ତ୍ରିକୀକରଣ ଓ ଆଧୁନିକୀକରଣ କରିବା ଚଳିବ ନାହିଁ । କାରଣ କୃଷକମାନେ ବେକାର ହୋଇଯିବେ । ସେଥିପାଇଁ କୃଷକମାନଙ୍କୁ ସଙ୍ଗଠିତ କରି ଟ୍ରାକ୍ଟର ମେସିନ୍ ପ୍ରଚଳନ ବିରୁଦ୍ଧରେ ଆନ୍ଦୋଳନ ଗଢ଼ି ତୋଳିବାକୁ ହେବ । କି ଅଦ୍ଭୁତ ଯୁକ୍ତି !*

ଠିକ୍ ଏଇ କଥାଟା ହିଁ ଭାରତବର୍ଷର ବୁର୍ଜୁଆ ଶାସକଶ୍ରେଣୀ ଓ ତା'ର ଦଳ କଂଗ୍ରେସ ମଧ୍ୟ କହୁଛି । କାରଣ ବେକାର ସମସ୍ୟାର ସମାଧାନ କରି ନପାରି, ସେମାନେ ଗ୍ରାମର ବେଶୀ ଭାଗ ଲୋକଙ୍କୁ ଚାଷ ଭିତରେ ବାନ୍ଧି ରଖିବାକୁ ଚାହାନ୍ତି । ତେଣୁ ଶାସକ ବୁର୍ଜୁଆ ଶ୍ରେଣୀ ଆଜି ଏଇ ଉପାୟରେ ସମସ୍ୟା ସମାଧାନର ପଥ ଖୋଜୁଛି । ଅଥଚ ଯେଉଁମାନେ ଜନଗଣତାନ୍ତ୍ରିକ ବିପ୍ଲବର କଥା କହୁଛନ୍ତି, ସେମାନେ ମଧ୍ୟ ସେମାନଙ୍କର ଜନଗଣତାନ୍ତ୍ରିକ ବିପ୍ଲବର ପ୍ରୋଗ୍ରାମରେ ଟ୍ରାକ୍ଟର ମେସିନ୍ ପ୍ରଚଳନକୁ ବନ୍ଦ କରିବା ପାଇଁ ଚାଷୀମାନଙ୍କୁ ସଙ୍ଗଠିତ ହେବାକୁ କହୁଛନ୍ତି । କାରଣ ସେମିତି ହେଲେ କାଳେ ବେକାରୀ ବୃଦ୍ଧି ହେବ । ମୁଁ କହୁଛି, ହେବ ତ ! କିନ୍ତୁ ତା ବୋଲି ମାର୍କ୍ସବାଦୀ-ଲେନିନ୍‌ବାଦୀ ହୋଇ 'ଟ୍ରାକ୍ଟର ମେସିନ୍ ପ୍ରଚଳନ ବନ୍ଦ କରିବାକୁ ହେବ' ଏମିତି ସ୍ଲୋଗାନ ଦେବାର ମାନେ କ'ଣ ? ବର୍ତ୍ତମାନ ଅବସ୍ଥାରେ ଗ୍ରାମ୍ୟ ଅର୍ଥନୀତିରେ କ୍ରମବର୍ଦ୍ଧମାନ ବେକାର ସମସ୍ୟାର ଚାପରୁ ପୁଞ୍ଜିବାଦକୁ ରକ୍ଷା କରିବା ସ୍ୱାର୍ଥରେ ଯେତେଦୂର ସମ୍ଭବ ଟ୍ରାକ୍ଟର ମେସିନ୍ ପ୍ରଚଳନକୁ ପ୍ରତିରୋଧ କରି ଟୁକୁରା ଟୁକୁରା ଜମିରେ ବେଶୀ ଭାଗ ଲୋକଙ୍କୁ ଅଟକାଇ ରଖିବା ହେଉଛି ପୁଞ୍ଜିପତି ଶ୍ରେଣୀ କରିଥିବା ପରିକଳ୍ପନାର ନାମାନ୍ତର ମାତ୍ର । ଗାଁ ଗହଳିରେ ଗରିବ ଚାଷୀ ଓ କ୍ଷେତ ମଜୁରିଆ ମାନଙ୍କର ଦୈନନ୍ଦିନ ସଂଗ୍ରାମ ଏବଂ ସେମାନଙ୍କୁ ନେଇ ବେକାରୀ ବିରୋଧୀ ସଂଗ୍ରାମ ପରିଚାଳନା କରିବାକୁ ଗଲାବେଳେ ଟ୍ରାକ୍ଟର ମେସିନ୍ ପ୍ରଚଳନ ବିରୁଦ୍ଧରେ ଚାଷୀକୁ ଯଦି ସାମୟିକ ଭାବେ କେଉଁଠି କେମିତି ସଙ୍ଗଠିତ କରିବାକୁ ହୁଏ, ତା'ହେଲେ ବି ଚାଷୀମାନଙ୍କୁ ଏଇକଥା ବୁଝେଇବାକୁ ହେବ ଯେ, କୃଷିର ଯାନ୍ତ୍ରିକୀକରଣ ସହିତ ଜନସାଧାରଣଙ୍କ ସ୍ୱାର୍ଥର କୌଣସି ବିରୋଧ ନାହିଁ ବରଂ ଏଇଟା ସମାଜର ଅଗ୍ରଗତି ପାଇଁ ଅପରିହାର୍ଯ୍ୟ । କିନ୍ତୁ ପୁଞ୍ଜିବାଦୀ ଅର୍ଥନୈତିକ ଢାଞ୍ଚା ଭିତରେ ଆଜି ଆଉ ଏହା କରିବାର ଉପାୟ ନାହିଁ । ଫଳରେ କୃଷି ଅର୍ଥନୀତିକୁ ଯଦି ଏଇ ପୁଞ୍ଜିବାଦୀ ଶୋଷଣର

* ସି.ପି.ଆଇ(ଏମ) କର୍ମସୂଚୀରେ ଦ୍ରଷ୍ଟବ୍ୟ

* *Central Committee Resolution on certain agrarian issue-8-15 March 1973 Muzaffarpur. p-41*

ଯନ୍ତାରୁ ମୁକ୍ତ କରାଯାଇ ନପାରେ, ପୁଞ୍ଜିବାଦୀ ସମ୍ପର୍କରୁ ଯଦି ଶିଳ୍ପକୁ ମୁକ୍ତ କରାଯାଇ ନପାରେ ଏବଂ ଏଇ ରାସ୍ତାରେ ଯଦି ଶିଳ୍ପ ବିପ୍ଳବର ଦ୍ୱାର ଖୋଲି ଦିଆଯାଇ ନପାରେ ତା'ହେଲେ କୌଣସି ପ୍ରକାରେ କୃଷିର ଆଧୁନିକୀକରଣ ଓ ସାମଗ୍ରିକ ଭାବେ ଯାନ୍ତ୍ରିକୀକରଣ ମଧ୍ୟ କରାଯାଇ ପାରିବ ନାହିଁ ତଥା ଗ୍ରାମ୍ୟ ଜୀବନରେ ଜନସାଧାରଣଙ୍କର ଦୁର୍ଦ୍ଦଶା ଏବଂ ଦାରିଦ୍ର୍ୟ ବି ଲାଘବ ହେବ ନାହିଁ । ସେଥିପାଇଁ, ବର୍ତ୍ତମାନ ଅବସ୍ଥାରେ ବିକଳ୍ପ କର୍ମ ସଂସ୍ଥାନର ବନ୍ଦୋବସ୍ତ ନ କରି ମେସିନ୍ ଟ୍ରାକ୍ଟର ପ୍ରଚଳନ କରିବାକୁ ଗଲେ, ଗାଁର କ୍ଷେତ ମଜୁରିଆ, ଭାଗଚାଷୀ ଏବଂ ଗରିବ ଚାଷୀମାନଙ୍କର ଗୋଟିଏ ବିରାଟ ଅଂଶ କର୍ମଚ୍ୟୁତ ହେବା ସହିତ ସେମାନଙ୍କର ବିକଳ୍ପ କର୍ମସଂସ୍ଥାନର ଅନ୍ୟ କୌଣସି ବନ୍ଦୋବସ୍ତ ନାହିଁ ବୋଲି- 'ହୁଏତ ବିକଳ୍ପ କାମ ଦିଅ, ନ ହେଲେ ମେସିନ୍ ଟ୍ରାକ୍ଟର ଚାଲୁ କରିବାକୁ ଦେବୁନି-' ଏହାରି ଭିତ୍ତି ଉପରେ କେବଳ ଗୋଟିଏ ପ୍ରତିରୋଧ ଆନ୍ଦୋଳନ କରାଯାଇ ପାରିବ । କିନ୍ତୁ 'ମେସିନ୍ ଟ୍ରାକ୍ଟର ପ୍ରଚଳନକୁ ପ୍ରତିରୋଧ କରିବୁ'- ଏଭଳି ଆନ୍ଦୋଳନ ଶେଷ ପର୍ଯ୍ୟନ୍ତ ଶ୍ରମଜୀବୀ ଜନସାଧାରଣଙ୍କ ସ୍ୱାର୍ଥର ଅନୁକୂଳ ହୋଇ ପାରିବ ନାହିଁ । କାର୍ଯ୍ୟତଃ ଯଦି କେଉଁଠି ଦୈନନ୍ଦିନ ସଂଗ୍ରାମର କାର୍ଯ୍ୟସୂଚୀ ହିସାବରେ ମେସିନ୍ ଟ୍ରାକ୍ଟର ପ୍ରଚଳନ ବିରୁଦ୍ଧରେ ଏହି ଉଦ୍ଦେଶ୍ୟ ରଖି ଗ୍ରାମର ଶ୍ରମଜୀବୀ ଜନସାଧାରଣ ଓ ଚାଷୀମାନଙ୍କୁ ଆନ୍ଦୋଳନ ପାଇଁ ସଙ୍ଗଠିତ କରିବାକୁ ହୁଏ, ଏହି ଉଦ୍ଦେଶ୍ୟ ରଖି ଚାଷୀଙ୍କୁ ସଚେତନ କର, 'ତୁମେ ଯଦି ପୁଞ୍ଜିବାଦ ବିରୋଧୀ ବିପ୍ଳବକୁ ତ୍ୱରାନ୍ୱିତ କରି ନପାର, ତା'ହେଲେ ତୁମମାନଙ୍କ ସମସ୍ୟାର ସମାଧାନ ହୋଇପାରିବ ନାହିଁ' । ଆଜି ହେଉ ବା କାଲି ହେଉ ଏହା ପ୍ରଚଳନ ତ ହେବ । କିନ୍ତୁ ସେମାନେ କହୁଛନ୍ତି ଯେ, ମେସିନ୍ ଟ୍ରାକ୍ଟର ପ୍ରଚଳନ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ହେବ ଏବଂ ଏହାକୁ ସାମନ୍ତତନ୍ତ୍ର ଉଚ୍ଛେଦ କରିବାର ଆନ୍ଦୋଳନ ସହିତ ଯୁକ୍ତ କରିବାକୁ ହେବ;* ମାତ୍ର ପୁଞ୍ଜିବାଦ ଉଚ୍ଛେଦ ଜନିତ ବିପ୍ଳବର କାର୍ଯ୍ୟସୂଚୀ ସହିତ ନୁହେଁ ! ସାମନ୍ତତନ୍ତ୍ର ପାଇଁ ମେସିନ୍ ଟ୍ରାକ୍ଟର ପ୍ରଚଳନ କରିବାକୁ ଅସୁବିଧା ହେଉଛି ନା' କ'ଣ ? ତା'ହେଲେ ମେସିନ୍ ଟ୍ରାକ୍ଟର ପ୍ରଚଳନ କରିଦେଲେ ତ ସାମନ୍ତତନ୍ତ୍ରର ଉଚ୍ଛେଦ ହେବ । ମେସିନ୍ ଟ୍ରାକ୍ଟର ପ୍ରଚଳନର ରାସ୍ତା ଦେଇତ ସାମନ୍ତତନ୍ତ୍ରର ଅବଲୁପ୍ତି ଦ୍ରୁତତର ହୁଏ । କି ଧରଣର ସ୍ୱବିରୋଧୀ କଥା ଦେଖନ୍ତୁ ତ । ସି.ପି.ଆଇ(ଏମ୍) ମେସିନ୍-ଟ୍ରାକ୍ଟର ଚାଲୁ କରେଇ ନ ଦେବାର ଆନ୍ଦୋଳନକୁ ଜମିଦାରତନ୍ତ୍ର (Landlordism) ଅର୍ଥାତ୍ ସେମାନଙ୍କ ପ୍ରୋଗ୍ରାମର ଭାଷାରେ ସାମନ୍ତତନ୍ତ୍ର ଉଚ୍ଛେଦ କରିବାର ଆନ୍ଦୋଳନ ସହିତ ଯୁକ୍ତ କରିବାକୁ ଚାହେଁ । କି ସବୁ ଅଦ୍ଭୁତ ଏ ତତ୍ତ୍ୱ ! ଏହାତ ଗ୍ରାମ୍ୟ ଜୀବନରେ କ୍ରମ ବର୍ଦ୍ଧମାନ ବେକାରୀର ଚାପକୁ

* *Task on the peasant front* ରେ ଦ୍ରଷ୍ଟବ୍ୟ

ପ୍ରଶମିତ କରିବା ଉଦ୍ଦେଶ୍ୟରେ କ୍ଷମତାସୀନ ବୁର୍ଜୁଆ ଶ୍ରେଣୀର ପୁଞ୍ଜିବାଦୀ ଭୂମି ସଂସ୍କାର କାର୍ଯ୍ୟକ୍ରମର ପ୍ରାୟ ଅନୁରୂପ । ସେଥିପାଇଁ କହୁଥିଲି ଏମାନଙ୍କର ଏଇ ଜନଗଣତାନ୍ତ୍ରିକ ବିପ୍ଲବର କର୍ମସୂଚୀ ନୂଆ ସଂଶୋଧନବାଦୀ ବା ବୁର୍ଜୁଆ ଜାତୀୟ ସଂସ୍କାରବାଦୀ କାର୍ଯ୍ୟକ୍ରମର ହିଁ ଭିନ୍ନରୂପ ମାତ୍ର । ଏହା ଫଳରେ ରାଷ୍ଟ୍ର ବିପ୍ଲବର ମୂଳ ପ୍ରଶ୍ନଟିକୁ ହିଁ ଗୋଳମାଳ କରି ଦିଆଯାଉଛି ।

ପୁଣି ଦେଖନ୍ତୁ, ଏମାନେ କହୁଛନ୍ତି, ଭାରତବର୍ଷ ଗୋଟିଏ ସ୍ୱାଧୀନ ଜାତୀୟ ରାଷ୍ଟ୍ର । ଭାରତ ଯଦି 'ସ୍ୱାଧୀନ ଜାତୀୟ ରାଷ୍ଟ୍ର' ହୁଏ, ତା'ହେଲେ ସେଇଟା ବୁର୍ଜୁଆ ରାଷ୍ଟ୍ର ଛଡ଼ା ଆଉ କ'ଣ ? ଏବଂ ଏଇଟା ଯଦି ଆଧୁନିକ ଧରଣର ରାଷ୍ଟ୍ର ହୁଏ, ତା'ହେଲେ ଏହା ପୁଞ୍ଜିବାଦୀ ରାଷ୍ଟ୍ରଛଡ଼ା ଆଉ କ'ଣ ହୋଇପାରେ ? କାର୍ଯ୍ୟତଃ ପୁଞ୍ଜିପତି ଶ୍ରେଣୀକୁ ଅର୍ଥାତ୍ ଶାସକ ବୁର୍ଜୁଆ ଶ୍ରେଣୀକୁ କ୍ଷମତାଚ୍ୟୁତ କରିବା ଏବଂ ପୁଞ୍ଜିବାଦୀ ରାଷ୍ଟ୍ରଯନ୍ତ୍ରକୁ ଭାଙ୍ଗି ପୁଞ୍ଜିବାଦୀ ଅର୍ଥନୈତିକ ସମ୍ପର୍କଠାରୁ ଉତ୍ପାଦନକୁ ମୁକ୍ତ କରିବାର ଏହିସବୁ ପ୍ରଶ୍ନଗୁଡ଼ିକ ସହିତ କୃଷିର ଆଧୁନିକୀକରଣ, ଯାନ୍ତ୍ରିକୀକରଣ ଏବଂ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ଦୁରୀକରଣର ପ୍ରଶ୍ନଗୁଡ଼ିକ ତଥା ଶିଳ୍ପ ବିପ୍ଲବର ପ୍ରଶ୍ନଟି ମଧ୍ୟ ଓତଃପ୍ରୋତଃ ଭାବେ ଜଡ଼ିତ । ଆଉ ଏଇ ସମସ୍ତ ପ୍ରଶ୍ନଗୁଡ଼ିକ ସହିତ ବେକାର ସମସ୍ୟା ସମାଧାନର ପ୍ରଶ୍ନଟି ବି ଜଡ଼ିତ ହୋଇ ରହିଛି । ଅଥଚ ସି.ପି.ଆଇ.(ଏମ୍) ଓ ସି.ପି.ଆଇ. ଦୁଇଟିଯାକ ଦଳ କହୁଛନ୍ତି, କୃଷିର ଆଧୁନିକୀକରଣ, ଯାନ୍ତ୍ରିକୀକରଣ, ଶିଳ୍ପ ବିପ୍ଲବ, ବେକାର ସମସ୍ୟାର ସମାଧାନ ଏବଂ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ଦୁରୀକରଣର ପ୍ରଶ୍ନଗୁଡ଼ିକ କୁଆଡ଼େ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥା ଉଚ୍ଛେଦ ଜନିତ ବିପ୍ଲବ ସହିତ ଜଡ଼ିତ ନୁହେଁ, ଏଗୁଡ଼ିକ କୁଆଡ଼େ ସାମ୍ରାଜ୍ୟବାଦ ଓ ସାମନ୍ତତନ୍ତ୍ର ଉଚ୍ଛେଦର ପ୍ରଶ୍ନ ସହିତ ଜଡ଼ିତ । ଏଇଭଳିଭାବରେ ସେମାନେ ଶାସକ ବୁର୍ଜୁଆ ଶ୍ରେଣୀକୁ ଜନସାଧାରଣଙ୍କ କ୍ରୋଧ ଓ ଘୃଣାର ଆଢୁଆଳରେ ରଖିବା ପାଇଁ ଲୋକଙ୍କର ଦୃଷ୍ଟିକୁ ଅନ୍ୟ ଆଡ଼କୁ ନେଇଯିବାକୁ ଚେଷ୍ଟା କରୁଛନ୍ତି ।

ଏମାନଙ୍କର ଅତୀତ ଇତିହାସ ସମ୍ପର୍କରେ ଆଲୋଚନା କଲେ ଦେଖାଯିବ ଯେ, ଏମାନେ ବାରମ୍ବାର ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଗୁଡ଼ିକ ପ୍ରତି ଅତ୍ୟାଧିକ ଗୁରୁତ୍ୱ ଦିଅନ୍ତି ଏବଂ କେବେ କେବେ ଏମିତିକି କାଳ୍ପନିକ ଶତ୍ରୁ ଛିଡ଼ା କରେଇ, ମୂଳ ଶତ୍ରୁ ଏବଂ ମୂଳ ପ୍ରଶ୍ନଗୁଡ଼ିକରୁ ଲୋକମାନଙ୍କର ଦୃଷ୍ଟିକୁ ଅନ୍ୟ ଆଡ଼େ ନେଇ ଯିବା ପାଇଁ ଚେଷ୍ଟା କରିଛନ୍ତି । ସେ ଯାହା ହେଉ, ଯେଉଁ ପ୍ରସଙ୍ଗରେ ଆଲୋଚନା କରୁଥିଲି ସେଇଠିକି ଫେରି ଆସିବା । ବେକାରମାନଙ୍କୁ ଆପଣ କେବେ କାମ ଦେଇ ପାରିବେ ? ଯେତେବେଳେ ଆପଣ ଶିଳ୍ପ ବିପ୍ଲବର ଦରଜା ଖୋଲି ଦେଇ ପାରିବେ । ଯେତେବେଳେ

କି ପୁଞ୍ଜିବାଦୀ ରାଷ୍ଟ୍ରକୁ ଉଚ୍ଛେଦ କରି ପୁଞ୍ଜିବାଦୀ ଉତ୍ପାଦନ ଉଦ୍ଦେଶ୍ୟ ଏବଂ ପୁଞ୍ଜିବାଦୀ ସମ୍ପର୍କରୁ ଉତ୍ପାଦନ ବ୍ୟବସ୍ଥାକୁ ମୁକ୍ତ କରି ପାରିବେ । ଏଇପରିଭାବେ ଯେତେବେଳେ ଶିଳ୍ପ ବିପ୍ଳବର ଅବରୁଦ୍ଧ ଦ୍ୱାର ଖୋଲି ଦେଇପାରିବେ, କେବଳମାତ୍ର ସେତିକିବେଳେ ହିଁ କୃଷିର ଆଧୁନିକୀକରଣ କରି ପାରିବେ ଓ ବ୍ୟାପକ ଭାବେ କର୍ମସଂସ୍ଥାନ ସୃଷ୍ଟି କରି ଘରେ ଘରେ ଯୁବକମାନଙ୍କୁ କାମ ଯୋଗାଇ ଦେଇ ପାରିବେ । ସେଥିପାଇଁ ଯେଉଁମାନେ ପୁଞ୍ଜିବାଦ ବିରୋଧୀ ବିପ୍ଳବର କଥା ଅର୍ଥାତ୍ ବୁର୍ଜୁଆ ଶ୍ରେଣୀକୁ ରାଷ୍ଟ୍ର କ୍ଷମତାରୁ ଉଚ୍ଛେଦ କରିବା କଥାଟିକୁ ଏଡ଼େଇ ଦେଇ, ଆବହାଓ୍ୱାକୁ ସରଗରମ କରି ରଖିବା ପାଇଁ ଏକଚାଟିଆ ପୁଞ୍ଜିବାଦ ବିରୁଦ୍ଧରେ ସ୍ଲୋଗାନ ଦେଉଛନ୍ତି, ସାମନ୍ତତନ୍ତ୍ର ଓ ବିଦେଶୀ ସାମ୍ରାଜ୍ୟବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ଅଥଚ ପୁଞ୍ଜିବାଦୀ ରାଷ୍ଟ୍ର ଯନ୍ତ୍ରର ପରିବର୍ତ୍ତନ ପାଇଁ ବିପ୍ଳବ କରିବାର କଥାଟିକୁ ଅସ୍ୱୀକାର କରୁଛନ୍ତି ଏବଂ ଭାରତବର୍ଷର ପୁଞ୍ଜିବାଦ ଯେ ଏହା ଭିତରେ କିଛିଟା ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରିଛି– ତାକୁ ମଧ୍ୟ ଅସ୍ୱୀକାର କରୁଛନ୍ତି; ସେମାନେ ଜନଗଣତାନ୍ତ୍ରିକ ବିପ୍ଳବ ବା "ଜାତୀୟ ଗଣତାନ୍ତ୍ରିକ ବିପ୍ଳବ", ଯେକୌଣସି ବିପ୍ଳବର ଉପାସକ ହୁଅନ୍ତୁ ନା କାହିଁକି ସେମାନଙ୍କ ବିପ୍ଳବର କାର୍ଯ୍ୟସୂଚୀ ବା ଷ୍ଟ୍ରାଟେଜିକ ପ୍ରୋଗ୍ରାମ, ଅସଲରେ ଗୋଟିଏ ବୁର୍ଜୁଆ ସଂସ୍କାରବାଦୀ ପ୍ରୋଗ୍ରାମ ଏବଂ ଜନସାଧାରଣଙ୍କର ଦୈନନ୍ଦିନ ଜୀବନର ବିଭିନ୍ନ ଦାବି ନେଇ ହେଉଥିବା ଲଢ଼େଇ ଗୁଡ଼ିକୁ ବିପ୍ଳବର ଆଖ୍ୟା ଦେଇ, ଶେଷ ପର୍ଯ୍ୟନ୍ତ ପାର୍ଲାମେଣ୍ଟାରୀ ନିର୍ବାଚନ ମାଧ୍ୟମରେ ଗାଦି ଦଖଲ କରିବାର କାର୍ଯ୍ୟସୂଚୀ ମାତ୍ର ।

ଦେଶର ସାଂସ୍କୃତିକ ଜୀବନରେ ଏବଂ ଗ୍ରାମ୍ୟ ସମ୍ପର୍କ କ୍ଷେତ୍ରରେ ଥିବା ପୁରୁଣା ସାମନ୍ତତାନ୍ତ୍ରିକ ଅଭ୍ୟାସ ଓ ଆଚାର ଆଚରଣ ପ୍ରଭୃତିକୁ ବାଦଦେଲେ, ଭୂମି ସମ୍ପର୍କ ଏବଂ କୃଷି ଉତ୍ପାଦନ ସମ୍ପର୍କ କ୍ଷେତ୍ରରେ, ସାମନ୍ତତାନ୍ତ୍ରିକ ସମ୍ପର୍କ ରହିଛି କେଉଁଠି ? ସଂଶୋଧନବାଦୀ ଏବଂ ନବ୍ୟ ସଂଶୋଧନବାଦୀ ଯେଉଁମାନେ 'ଜାତୀୟ ଗଣତାନ୍ତ୍ରିକ' ଏବଂ 'ଜନଗଣତାନ୍ତ୍ରିକ ବିପ୍ଳବ'ର କଥା କହୁଛନ୍ତି, ସେମାନେ ପୁଣି କୃଷିରେ ପୁଞ୍ଜିବାଦର ଚୂଡ଼ାନ୍ତ ଅନୁପ୍ରବେଶ ଘଟିଛି ବୋଲି କହୁଛନ୍ତି । ସମାଜତାନ୍ତ୍ରିକ ସମ୍ପର୍କ ନ ଭାଙ୍ଗି କୃଷିରେ ପୁଞ୍ଜିବାଦର ଚୂଡ଼ାନ୍ତ ଅନୁପ୍ରବେଶ ଘଟେ ନା' କ'ଣ ? ତେବେ ତ ସେମାନଙ୍କର ତତ୍ତ୍ୱ ଅନୁଯାୟୀ ଯାହା ଜଣାପଡୁଛି, ସାମନ୍ତତାନ୍ତ୍ରିକ ସମ୍ପର୍କ ଏବଂ ସାମନ୍ତତାନ୍ତ୍ରିକ ଶୋଷଣକୁ ବଞ୍ଚେଇ ରଖିବା ଭିତର ଦେଇ କୃଷିରେ ପୁଞ୍ଜିବାଦର ଚୂଡ଼ାନ୍ତ ଅନୁପ୍ରବେଶ ଘଟିପାରେ । ସି.ପି.ଆଇ.(ଏମ୍) ପୁଣି ଆହୁରି ଗୋଟିଏ ପାହୁଣ୍ଡ ଆଗେଇ ଯାଇଛି । ସେମାନେ ଆମକୁ ଜବାବ ଦେବାକୁ ଯାଇ ଏମିତି କଥା ବି କହିଛନ୍ତି ଯେ, ଏକଚାଟିଆ ପୁଞ୍ଜିପତିମାନଙ୍କର ଶୋଷଣ ଯେତେ ଜୋରଦାର ହେଉଛି ଏବଂ ସେମାନଙ୍କର ଧନସମ୍ପଦର ଯେତେ ବୃଦ୍ଧି ଘଟୁଛି, ସାମନ୍ତତନ୍ତ୍ର

କାଳେ ସେତେ ବେଶୀ ବଳବାନ ହେଉଛି ।* ଅଦ୍‌ଭୁତ ଏସବୁ ସ୍ୱବିରୋଧୀ କଥା ! ଅସଲ କଥା ହେଉଛି, ସେମାନେ ବୁର୍ଜୁଆମାନଙ୍କ ଦେହରେ ହାତ ଦେବେ ନାହିଁ ଏବଂ ସେମାନଙ୍କୁ ଲୋକମାନଙ୍କ ଆକ୍ରମଣରୁ ଆଢୁଆଳ କରି ରଖିବେ । କାରଣ ଜାତୀୟ ବୁର୍ଜୁଆମାନଙ୍କ ଗୋଟାଏ ଅଂଶର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସମର୍ଥନ ଦ୍ୱାରା ଦଳଟି ପରିପୁଷ୍ଟ ହୋଇଛି ଏବଂ ବର୍ତ୍ତମାନ ବି ପରିପୁଷ୍ଟ ହୋଇଚାଲିଛି । ସମାଜର ଉଚ୍ଚ ସ୍ତରର ଲୋକମାନଙ୍କ (highups) ସହିତ ସେମାନଙ୍କର ଯୋଗାଯୋଗ ଏବଂ ସମ୍ପର୍କକୁ ଲକ୍ଷ୍ୟ କଲେ ହିଁ ଏକଥା ପାଣିଭଳି ପରିଷ୍କାର ହୋଇଯିବ । ତେଣୁ ଜନସାଧାରଣ ଯେପରି ସମଗ୍ର ବୁର୍ଜୁଆ ସମାଜ ଉପରେ ଝାମ୍ପି ନ ପଡ଼ନ୍ତି, ସେଥିପାଇଁ ସେମାନଙ୍କୁ ସବୁ ସମୟରେ ଚେଷ୍ଟା କରିବାକୁ ହେବ, ପୁନର୍ବାର ଜନସାଧାରଣଙ୍କୁ ଦଳ ଭିତରକୁ ଟାଣିବାକୁ ହେଲେ, ବିପ୍ଳବର କଥାଟା ମଧ୍ୟ କହିବାକୁ ହେବ । ସେଥିପାଇଁ ଖାଲି 'ଏକଚାଟିଆ ପୁଞ୍ଜିପତି' ଏବଂ 'ବୃହତ୍ ବୁର୍ଜୁଆ', 'ବୃହତ୍ ବୁର୍ଜୁଆ' ବୋଲି ସେମାନେ ଚିତ୍କାର କରନ୍ତି ।

ଶାସକ ବୁର୍ଜୁଆ ଶ୍ରେଣୀର ଦଳ କଂଗ୍ରେସ ମଧ୍ୟ ପ୍ରାୟ ଠିକ୍ ଅନୁରୂପଭାବେ ମୁଷ୍ଟିମେୟ କେତେ ଜଣ ଏକଚାଟିଆ ପୁଞ୍ଜିପତିଙ୍କ ଉପରେ ବୁର୍ଜୁଆ ଶ୍ରେଣୀର ଶାସନ ଏବଂ ଶୋଷଣର ସବୁ ଦାୟଦାୟିତ୍ୱ ଲଦିଦେଇ ସମଗ୍ର ବୁର୍ଜୁଆ ଶ୍ରେଣୀଟାକୁ ଜନତାର ଆକ୍ରମଣ ହାତରୁ ଆଢୁଆଳ କରି ରଖିବା ଚେଷ୍ଟାରେ ବ୍ୟାପୃତ । ସେଥିପାଇଁ ଯୁବକଂଗ୍ରେସ ଓ ଛାତ୍ର ପରିଷଦ ମଧ୍ୟ ଏକଚାଟିଆ ପୁଞ୍ଜିପତିମାନଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇ ଚାଲିଛନ୍ତି । ସେ ଯାହା ହେଉନା କାହିଁକି, ସି.ପି.ଆଇ.(ଏମ୍) ନେତୃବୃନ୍ଦଙ୍କ ନିକଟରେ ମୋର ପ୍ରଶ୍ନ, ଆପଣମାନେ କହୁଛନ୍ତି ଏକଚାଟିଆ ପୁଞ୍ଜିପତି ବା ବୃହତ୍ ବୁର୍ଜୁଆମାନଙ୍କ ବିରୁଦ୍ଧରେ ବିପ୍ଳବ କରିବେ । ଖୁବ୍ ଭଲ କଥା । କିନ୍ତୁ ଆପଣମାନେ ନିଜେ ହିଁ ତ କହୁଛନ୍ତି ଏହି ବୃହତ୍ ବୁର୍ଜୁଆମାନେ ହେଉଛନ୍ତି–ବୃହତ୍ ଶିଳ୍ପ ପୁଞ୍ଜିପତି (Big industrial bourgeiosie), ଅର୍ଥାତ୍ ଏମାନେ ହିଁ ଆମ ଦେଶର ଏକଚାଟିଆ ପୁଞ୍ଜିପତି ଗୋଷ୍ଠୀ । ତା'ହେଲେ ଆମ ଦେଶର ଏଇସବୁ ଏକଚାଟିଆ ପୁଞ୍ଜିପତିମାନେ ତ ଆଉ ପ୍ରାକ୍ ବିପ୍ଳବ ଚୀନର 'କଂପ୍ରାଡ଼ର' ଭଳି ନୁହଁନ୍ତି । ଭାରତବର୍ଷର ଶିଳ୍ପ ପୁଞ୍ଜି ଏକଚାଟିଆ ପୁଞ୍ଜିରେ ରୂପାନ୍ତରିତ ହୋଇଛି । ଏଭଳି ଅବସ୍ଥାରେ ବୁର୍ଜୁଆ ଶ୍ରେଣୀକୁ କ୍ଷମତାଚ୍ୟୁତ କରିବା ଏବଂ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାର ଉଚ୍ଛେଦ ବିନା ଏକଚାଟିଆ ପୁଞ୍ଜିର ଶାସନ ଏବଂ ଶୋଷଣରୁ ମୁକ୍ତିର ଅନ୍ୟ କୌଣସି ପନ୍ଥାଅଛି କି ? ସି.ପି.ଆଇ.(ଏମ୍) କର୍ମୀ ଏବଂ ସମର୍ଥକମାନଙ୍କୁ ମଧ୍ୟ ଏ କଥାଗୁଡ଼ିକୁ ଭଲ ଭାବରେ ଭାବି ଦେଖିବାକୁ କହୁଛି ।

* Once more on the SUCI-Peoples'Democracy. March 20, 1973

ସେଥିପାଇଁ ଦେଖାଯାଏ ଯେ, ଆମ ଦେଶର ଏକଚାଟିଆ ପୁଞ୍ଜିପତି ବା ବୃହତ୍ ବୁର୍ଜୁଆମାନଙ୍କ ସହିତ ସାମ୍ରାଜ୍ୟବାଦୀମାନଙ୍କର ଦ୍ୱନ୍ଦ ସଂଘାତ ଏବଂ ଏହି ବୁଝାମଣାର ଚରିତ୍ରକୁ ସମ୍ପୂର୍ଣ୍ଣଭାବେ ବୁଝିବାକୁ ଅକ୍ଷମ ହେବା ଫଳରେ ହିଁ, ସଂଶୋଧନବାଦୀମାନେ ବୃହତ୍ ବୁର୍ଜୁଆମାନଙ୍କୁ କେତେବେଳେ କହୁଛନ୍ତି 'କୋଲାବୋରେଟର', ପୁଣି ଅର୍ଥନୈତିକ ସ୍ୱାର୍ଥ ଏବଂ କିଛି କିଛି ରାଜନୈତିକ ପ୍ରଶ୍ନ ଉପରେ ସଂଘାତ ଦେଖି କେତେବେଳେ, ଏଇ ସଂଘାତର ଚରିତ୍ରକୁ ପ୍ରଗତିଶୀଳ ଜାତୀୟତାବାଦୀ ଏବଂ ଦେଶପ୍ରେମୀ ବୋଲି ମନେ କରୁଛନ୍ତି । ସି.ପି.ଆଇ.(ଏମ୍) ସେମାନଙ୍କର ପାର୍ଟିର ଷ୍ଟ୍ରେଟେଜିକ୍ ପ୍ରୋଗ୍ରାମରେ ଅର୍ଥାତ୍ ଜନଗଣତାନ୍ତ୍ରିକ ବିପ୍ଳବର କାର୍ଯ୍ୟସୂଚୀରେ କହିଛି, ଭାରତର ଏକଚାଟିଆ ପୁଞ୍ଜିପତି ବା ବୃହତ୍ ବୁର୍ଜୁଆମାନଙ୍କ ସହିତ ବିଦେଶୀ ସାମ୍ରାଜ୍ୟବାଦୀମାନଙ୍କର କେବଳ ଦ୍ୱନ୍ଦ ନୁହେଁ, ସଂଘାତ (Conflict) ବି ରହିଛି ଏବଂ ସବୁ ସମୟରେ ଏହି ସଂଘାତ ଚାଲିଛି । ସେମାନଙ୍କ ମତ ଅନୁଯାୟୀ, ଏଇ ସଂଘାତର ବିଷୟବସ୍ତୁଗୁଡ଼ିକ ହେଉଛି– 'ଯୁଦ୍ଧ', 'ଶାନ୍ତି', 'ଜାତୀୟ ସ୍ୱାଧୀନତା', 'ସାର୍ବଭୌମତ୍ୱ' ଓ 'ଭାରତବର୍ଷର ଅର୍ଥନୈତିକ ବିକାଶ'ର ସ୍ୱାର୍ଥ ପ୍ରଭୃତି । ଏଇ ସମସ୍ତ ପ୍ରଶ୍ନକୁ ନେଇ ସାମ୍ରାଜ୍ୟବାଦ ସହିତ ଭାରତୀୟ ବୃହତ୍ ବୁର୍ଜୁଆମାନଙ୍କର ଯେଉଁ ବିରୋଧ ରହିଛି, ସେଇସବୁ କ୍ଷେତ୍ରରେ ଶାସକ ବୁର୍ଜୁଆମାନଙ୍କ ପ୍ରତି ଶ୍ରମିକ, କୃଷକ ଓ ଶୋଷିତ ଜନସାଧାରଣଙ୍କ ଆକୁଣ୍ଠ ସମର୍ଥନ(Unstinted support)* ର ଆଶ୍ୱାସନା ଦେଇଛନ୍ତି, ଏଇ 'ଜନଗଣତାନ୍ତ୍ରିକ ବିପ୍ଳବ'ର ଉଦ୍‌ଗାତାମାନେ । ଘଟଣାଟା ଯଦି ଏଇୟା ହୁଏ, ତା'ହେଲେ ଯେଉଁ ବୃହତ ବୁର୍ଜୁଆ ବା ଏକଚାଟିଆ ପୁଞ୍ଜିପତିମାନଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସେମାନେ ହୁଙ୍କାର ଦେଉଛନ୍ତି, ସେମାନଙ୍କ ପାର୍ଟି ପ୍ରୋଗ୍ରାମର ୧୦୮ ଅନୁଚ୍ଛେଦରେ ଥିବା ଉପରୋକ୍ତ ବକ୍ତବ୍ୟ ଅନୁଯାୟୀ, ପୁଣି ସେହି ବୃହତ୍ ବୁର୍ଜୁଆ ବା ଏକଚାଟିଆ ପୁଞ୍ଜିପତିମାନଙ୍କୁ 'ପ୍ରଗତିଶୀଳ', ଜାତୀୟତାବାଦୀ' ଏବଂ 'ଦେଶପ୍ରେମୀ' ବୋଲି ମନେ କରୁଛନ୍ତି । କାରଣ 'ବୃହତ୍ ବୁର୍ଜୁଆ' ବା ଏକଚାଟିଆ ପୁଞ୍ଜିପତି ଗୋଷ୍ଠୀକୁ ଯଦି ସେମାନେ 'ପ୍ରଗତିଶୀଳ', 'ଜାତୀୟତାବାଦୀ' ଏବଂ 'ଦେଶପ୍ରେମୀ' ବୋଲି ମନେ କରି ନଥାନ୍ତେ, ତାହାହେଲେ ସାମ୍ରାଜ୍ୟବାଦ ସହିତ ବିରୋଧ କ୍ଷେତ୍ରରେ 'ବୃହତ୍ ବୁର୍ଜୁଆମାନଙ୍କର' ଏବଂ ଏକଚାଟିଆ ପୁଞ୍ଜିପତିମାନଙ୍କର ସରକାରକୁ 'ଅକୁଣ୍ଠ ସମର୍ଥନ' ଜଣାଇବାର କୌଣସି ପ୍ରଶ୍ନ ହିଁ ଉଠନ୍ତା ନାହିଁ । ଅଥଚ ଜନଗଣତାନ୍ତ୍ରିକ ବିପ୍ଳବର କାର୍ଯ୍ୟସୂଚୀରେ ସେମାନେ ସେଇ କଥା ହିଁ କହୁଛନ୍ତି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ସେମାନେ ସଂଶୋଧନବାଦୀ ସି.ପି.ଆଇ. କୁ ମଧ୍ୟ ଏ କ୍ଷେତ୍ରରେ ଗୋଟିଏ ପାହୁଣ୍ଡ ପଛରେ ପକାଇ ଆଗେଇ ଯାଇଛନ୍ତି । ପୂର୍ବ ଆଲୋଚନାରେ ମୁଁ ଆପଣମାନଙ୍କୁ

* ବୁର୍ଜୁଆ ସି.ପି.ଆଇ(ଏମ୍) ର ପ୍ରୋଗ୍ରାମ-ପାରା ୧୦୮ ଦ୍ରଷ୍ଟବ୍ୟ

ଦେଖାଇଛି– ସେମାନଙ୍କର ବିପ୍ଳବର କାର୍ଯ୍ୟସୂଚୀଟିକୁ ପରୀକ୍ଷା କଲେ ହିଁ ବୁଝିହେବ ଯେ, ଅସଲରେ ବିପ୍ଳବୀ ବାଗାଡ଼ମ୍ବର ଆଢୁଆଳରେ ନିର୍ବାଚନ ମାଧ୍ୟମରେ ସରକାରୀ କ୍ଷମତାରେ ଅଧିଷ୍ଠିତ ହୋଇ, କେତେଗୁଡ଼ିଏ ସଂସ୍କାର ପ୍ରବର୍ତ୍ତନ କରିବାର ଏଇଟା କାର୍ଯ୍ୟସୂଚୀ ମାତ୍ର । ଅର୍ଥାତ୍, ଏଇ ରାଷ୍ଟ୍ର ବ୍ୟବସ୍ଥାର ଢ଼ାଞ୍ଚା ଭିତରେ ସେମାନଙ୍କ ନେତୃତ୍ୱରେ ଗୋଟାଏ ସରକାର ଗଠିତ ହେଲେ ହିଁ, ତାହା ହୋଇଗଲା ଜନଗଣତାନ୍ତ୍ରିକ ସରକାର ଏବଂ ସେଇ ସରକାର ରାଷ୍ଟ୍ର ଢ଼ାଞ୍ଚାଟିର କିଛି କିଛି ସଂସ୍କାର ସାଧନ କରିପାରିଲେ, ସେଇ ରାଷ୍ଟ୍ରଟି ଜନଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଗଲା ।** ଅର୍ଥାତ୍ ସେମାନଙ୍କ ମତରେ ଏଇ ପଥରେ ହିଁ ଧୀରେ ଧୀରେ ଏବଂ ଶାନ୍ତିପୂର୍ଣ୍ଣ ଉପାୟରେ ପୁଞ୍ଜିବାଦରୁ ସମାଜତନ୍ତ୍ରକୁ ଉତ୍ତରଣ ଘଟିବା ସମ୍ଭବ ହେବ । ଏଇସବୁ କାର୍ଯ୍ୟକ୍ରମ ସହିତ ରାଷ୍ଟ୍ର ବିପ୍ଳବର କି ସମ୍ପର୍କ ଅଛି ? ଏସବୁ ତ ନିର୍ବାଚନ ମାଧ୍ୟମରେ କରିବାର କଥା । ଆଉ ଯେଉଁମାନଙ୍କର ଏଇ ଧରଣର ପ୍ରୋଗ୍ରାମ ସେମାନେ ଜନସାଧାରଣଙ୍କର ମୌଳିକ ସମସ୍ୟାଗୁଡ଼ିକର ଏବଂ ଯୁବ ସମସ୍ୟାର ତଥା ବେକାର ସମସ୍ୟାର ସମାଧାନ ପାଇଁ ଯେଉଁ ଆନ୍ଦୋଳନ ଗଢ଼ି ତୋଳିବା ଦରକାର, କିଭଳି ସେଇ ଆନ୍ଦୋଳନର ନେତୃତ୍ୱ ଦେବେ ?

ବର୍ତ୍ତମାନ ଦେଖାଯାଉ, ଯୁବକମାନଙ୍କର ମୂଳ ସମସ୍ୟାଗୁଡ଼ିକ କ'ଣ ? ପ୍ରଥମତଃ, ସମାଜ ଅଭ୍ୟନ୍ତରରେ ସାଂସ୍କୃତିକ ଅବକ୍ଷୟ ଯେଉଁ ଭୟାବହ ରୂପ ଧାରଣ କରୁଛି, ସେଥିରୁ ସେମାନଙ୍କୁ ରକ୍ଷା କରି ଯେଉଁ ଆଦର୍ଶବାଦ ସବୁ ପ୍ରକାର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢ଼ିବାପାଇଁ ସେମାନଙ୍କ ଭିତରେ ନୈତିକ ବଳ ଏବଂ ସମସ୍ତ ପ୍ରକାର ପ୍ରତିକୂଳ ଅବସ୍ଥାରେ ମଧ୍ୟ କାମ କରିପାରିବା ଭଳି ସହିଷ୍ଣୁତା ସୃଷ୍ଟି କରିପାରିବ ସେହି ଆଦର୍ଶବାଦ ଦ୍ୱାରା ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ଦରକାର । ମନେ ରଖିବାକୁ ହେବ ଯେ, ବର୍ତ୍ତମାନ ସମାଜ ଭିତରେ ଏଇ ଯେଉଁ ଭୟାବହ ସାଂସ୍କୃତିକ ଅବକ୍ଷୟ ଘଟୁଛି, ମୂଳତଃ ଏହା ପ୍ରତିକ୍ରିୟାଶୀଳ ପୁଞ୍ଜିବାଦ ଯୋଗୁ ହିଁ ଘଟୁଛି । ଆମେ ଯେ ଖାଲି ଖାଇବାକୁ ପାଉ ନାହୁଁ, ଚାକିରି ପାଉ ନାହୁଁ, କିମ୍ୱା ଶିକ୍ଷାର ମାନ ଯେ କ୍ରମାଗତଭାବେ ନିମ୍ନଗାମୀ ହେଉଛି କେବଳ ତା' ନୁହେଁ– ଏହି ସମସ୍ତ ସମସ୍ୟା ମଧ୍ୟରେ ସବୁଠାରୁ ବଡ଼ ସମସ୍ୟା ହେଲା ଜନଜୀବନ ଏବଂ ଯୁବ ଜୀବନ ମଧ୍ୟରେ ତଥା ନୈତିକତା ଓ ଆଦର୍ଶ କ୍ଷେତ୍ରରେ ଆଜି ଚରମ ସଙ୍କଟ ଦେଖା ଦେଇଛି । ଆଜି ସମାଜ ଜୀବନରେ ଏଇ ଯେଉଁ ସାମଗ୍ରିକଭାବେ ନୈତିକତାର ଅଧଃପତନ ମାରାତ୍ମକ ରୂପ ଧାରଣ କରିଛି, ବିଭିନ୍ନ ଭାବରେ ସେସବୁକୁ ପ୍ରଶ୍ରୟ ଦେଇ ଏବଂ ତାକୁ ହତିଆର କରି, ଏ ଦେଶର କ୍ଷମତାସୀନ ଶାସକ ଶୋଷକ ବୁର୍ଜୁଆଶ୍ରେଣୀ ସମଗ୍ର ଜାତିର ମେରୁଦଣ୍ଡଟାକୁ ଭାଙ୍ଗି ଦେବାକୁ ଚାହୁଁଛି । କାରଣ ନୈତିକତା ଏବଂ ଆଦର୍ଶବାଦର

** ସି.ପି.ଆଇ.(ଏମ୍)ର ପାର୍ଟି ପ୍ରୋଗ୍ରାମରେ ରାଷ୍ଟ୍ର ଢ଼ାଞ୍ଚା ସମ୍ପର୍କୀୟ ପରିଚ୍ଛେଦଟି ଦ୍ରଷ୍ଟବ୍ୟ

ମାନ ଉନ୍ନତ ରହିଲେ ମଣିଷ ଦୁର୍ଦ୍ଦଶାଗ୍ରସ୍ତ ଅବସ୍ଥାରେ ପଡ଼ିଥିଲେ ମଧ୍ୟ ପ୍ରକୃତ ମଣିଷଭଳି ମୁଣ୍ଡଟେକି ଛିଡ଼ା ହୋଇପାରେ । ଆଉ ଯଦି ସେଇଟା ନଥାଏ, ତାହେଲେ ମଣିଷ, ମଣିଷ ହୋଇ ମଧ୍ୟ ପଶୁଭଳି ଆଚରଣ କରେ, ଜନ୍ତୁ ଜାନୁଆର ଭଳି ଆଚରଣ କରେ । ତେଣୁ ସେମାନେ ଯେ ଖାଲି ଶୋଷଣ କରୁଛନ୍ତି ତା' ନୁହେଁ, ମଣିଷ ଭିତରେ ଲୋଭ, ଭୟ, କାପୁରୁଷତା, କାପୁରୁଷୋଚିତ ଆକ୍ରମଣର ପ୍ରବଣତା, ଉଦ୍ଦେଶ୍ୟହୀନ ବେପରୱା ମନୋଭାବ ପ୍ରଭୃତି ଯେଉଁ ନୀଚ ପ୍ରବୃତ୍ତିଗୁଡ଼ିକ ରହିଛି, ତାକୁ ସେମାନେ କ୍ରମାଗତଭାବେ ପ୍ରଶ୍ରୟ ଦେଇ ଚାଲିଛନ୍ତି ଏବଂ ବଢ଼େଇବାର ଚକ୍ରାନ୍ତ ମଧ୍ୟ କରୁଛନ୍ତି ।

କିନ୍ତୁ ଆମ ଦେଶରେ କ୍ଷୟିଷ୍ଣୁ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦ ବଳବତ୍ତର ରହିଛି ବୋଲି ଯେ, ନିଶ୍ଚିତ ଭାବେ କ୍ରମାଗତ ସାଂସ୍କୃତିକ ଅବକ୍ଷୟ ଘଟୁଥିବ, ଘଟଣାଟା କଦାପି ଏପରି ନୁହେଁ । ଅଥବା ନୈତିକ ମାନର ଏଭଳି ଚୂଡ଼ାନ୍ତ ଅଧଃପତନ ଘଟିଛି ବୋଲି ଯେ ଆଉ କୌଣସି ଦିନ ତାହା ଉନ୍ନତ ସ୍ତରରେ ପହଞ୍ଚି ପାରିବ ନାହିଁ, ଏ ଧାରଣା ମଧ୍ୟ ଅନୈତିହାସିକ, ଅବୈଜ୍ଞାନିକ, ଅଦୃଷ୍ଟବାଦ (Fatalism) ତଥା ଗୋଟାଏ ପ୍ରକାର ନୈରାଶ୍ୟବାଦର ପରିଚୟ ଦିଏ ଏବଂ ଏହା ଦ୍ୱାରା ସମାଜ ଭିତରେ ବିରୁଦ୍ଧ ଶକ୍ତିର ଭୂମିକାକୁ ଅସ୍ୱୀକାର କରାହୁଏ, ଛୋଟକରି ଦେଖାହୁଏ । ସବୁବେଳେ ମନେ ରଖିବାକୁ ହେବ ଯେ, ସମାଜ ଭିତରେ ଭାବସତ୍ତା, ବସ୍ତୁସତ୍ତାର କେବଳ ଗୋଟାଏ ଯାନ୍ତ୍ରିକ ଅଭିବ୍ୟକ୍ତି ବା ପ୍ରତିଫଳନ ମାତ୍ର ନୁହେଁ । ଭାବସତ୍ତା, ବସ୍ତୁସତ୍ତାର ବହିରାବରଣ (Super structure) ବୋଲି ଭାବସତ୍ତା ଭିତରେ ମଧ୍ୟ ଦୁଇଟି ପରସ୍ପର ବିରୋଧୀ ଶକ୍ତି ଥାଏ; ଏବଂ ଭାବସତ୍ତା ଓ ବସ୍ତୁସତ୍ତାର ପାରସ୍ପରିକ ସମ୍ବନ୍ଧ ଦ୍ୱାନ୍ଦ୍ୱିକ ହେବା ଫଳରେ, ଭାବସତ୍ତା- ବସ୍ତୁସତ୍ତା ଉପରେ ସିଧାସଳଖଭାବେ ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୁଏ । ସେଥିପାଇଁ କ୍ଷୟିଷ୍ଣୁ ପୁଞ୍ଜିବାଦୀ ବ୍ୟବସ୍ଥା ବସ୍ତୁଗତ ଭାବରେ ସାଂସ୍କୃତିକ ଅବକ୍ଷୟର କାରଣ ହେଲେ ମଧ୍ୟ ଏବଂ ବୁର୍ଜୁଆଶ୍ରେଣୀ ନିଜସ୍ୱ ଶ୍ରେଣୀ ସ୍ୱାର୍ଥ ଯୋଗୁଁ ବିଭିନ୍ନ ପ୍ରକାରର ନୀତିହୀନ ଉପାୟରେ ଜୀବିକା ନିର୍ବାହ (Unethical means of livelihood) କରିବାର ପ୍ରବଣତାକୁ ପ୍ରଶ୍ରୟ ଦେଇ ସାଂସ୍କୃତିକ ଅବକ୍ଷୟକୁ ଆହୁରି ତୀବ୍ରତର କରିବା ପାଇଁ ଇନ୍ଧନ ଯୋଗାଇଲେ ମଧ୍ୟ ପୁଞ୍ଜିବାଦ ବିରୋଧୀ ବିପ୍ଲବୀ ଆନ୍ଦୋଳନର ଯଥାର୍ଥ ଶକ୍ତି ଯଦି ସମାଜରେ ତା'ର ଆଦର୍ଶଗତ ପ୍ରଭାବ ବିସ୍ତାର କରିପାରେ, ତେବେ ଏଇ ସାଂସ୍କୃତିକ ଅବକ୍ଷୟର ଧାରାକୁ ଖାଲି ଯେ ଅନେକାଂଶରେ ପ୍ରତିହତ କରାଯାଇ ପାରିବ ତା ନୁହେଁ; ଅପରନ୍ତୁ ଜନସାଧାରଣଙ୍କ ଭିତରୁ ଗୋଟାଏ ବିରାଟ ଅଂଶକୁ ବିପ୍ଳବୀ ଆଦର୍ଶ ଭିତ୍ତିରେ ନୂତନ ସଂଗ୍ରାମୀ ମନୋଭାବ, ଉନ୍ନତ ସାଂସ୍କୃତିକ ମାନ ଓ ନୈତିକ ଶକ୍ତିର ଆଧାର ଉପରେ ଛିଡ଼ା କରାଇବା ସମ୍ଭବ ହେବ । ଏହିଭଳି ଭାବେ ହିଁ ଯୁଗେ ଯୁଗେ,

ସ୍ତରେ ସ୍ତରେ କୂପମଣ୍ଡୁକତା, କୁସଂସ୍କାର, କାପୁରୁଷତା, କାପୁରୁଷୋଚିତ ଆକ୍ରମଣର ପ୍ରବଣତା ଓ ହୀନମନ୍ୟତା ପ୍ରଭୃତିର କବଳରୁ ଜନସାଧାରଣଙ୍କୁ ରକ୍ଷା କରି ଏବଂ ସେମାନଙ୍କୁ ସଂଗଠିତ କରି ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ସମ୍ଭବପର ହୋଇପାରିଛି ।

ବର୍ତ୍ତମାନ ଦେଖାଯାଉ, ଏ ଦେଶରେ ବିପ୍ଳବୀ ଆନ୍ଦୋଳନରେ ଏକ ଶକ୍ତି ବୋଲି ଯେଉଁମାନେ ନିଜକୁ ଦାବି କରିଥାନ୍ତି, ସେଇସବୁ ତଥାକଥିତ ମାର୍କ୍ସବାଦୀ ଲେନିନ୍‌ବାଦୀମାନେ ଏ କ୍ଷେତ୍ରରେ ସେମାନଙ୍କର ଯଥାଯଥ ଭୂମିକା ପାଳନ କରୁଛନ୍ତି କି ନାହିଁ ? ଏହି ପ୍ରଶ୍ନଟିକୁ ବିଚାର କରିବା ପୂର୍ବରୁ ଆପଣମାନଙ୍କୁ ଗୋଟାଏ ଅତି ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବାକୁ ହେବ । ତା'ହେଲେ ଯେ କୌଣସି ଆଦର୍ଶ ତାହା ମାର୍କ୍ସବାଦୀ-ଲେନିନବାଦୀ ହେଉ ବା ବିପ୍ଳବ କିମ୍ବା ଶ୍ରେଣୀ ସଂଗ୍ରାମର ଯେ କୌଣସି ବଡ଼ ବଡ଼ କଥା ହେଉ – ସେ ଆଦର୍ଶର ପ୍ରଭାବରେ ପ୍ରଭାବିତ ହୋଇ ଲୋକମାନଙ୍କର ଯେଉଁ ନୈତିକବଳ, ନୈତିକ ଚରିତ୍ର ଓ ତା' ସଙ୍ଗେ ସଂସ୍କୃତିଗତମାନ ଗଢ଼ିଉଠେ, ତାହାରି ମଧ୍ୟରେ ହିଁ ସବୁ ଆଦର୍ଶର ପ୍ରାଣସତ୍ତା ବା ମର୍ମବସ୍ତୁ ନିହିତ ଥାଏ । ତେଣୁ ସେ ଯେକୌଣସି ରାଜନୈତିକ ମତବାଦ ହେଉନା କାହିଁକି, ତା'ର ଚର୍ଚ୍ଚା ଫଳରେ ଯଦି ନୈତିକବଳ ତିଆରି ନହୁଏ, ଉନ୍ନତ ସଂସ୍କୃତିଗତ ମାନକୁ ଯଦି ତାହା ପ୍ରତିଫଳିତ ନକରେ; ତେବେ ସେହି ଆଦର୍ଶବାଦର ତତ୍ତ୍ୱ କଥା ଶୁଣିବାକୁ ଯେତେ ବଡ଼ ବୋଲି ମନେ ହେଉନା କାହିଁକି, ତାହା ଖାଲି ଗୋଟିଏ ବାହାରର ଖୋଳପା ମାତ୍ର ଏବଂ ଗୋଟାଏ ପ୍ରାଣହୀନ ଦେହଭଳି । ଯେମିତି ଗୋଟାଏ ମୃତ ଶରୀରକୁ ଆବର୍ଜନା ବୋଲି ମନେ କରି ଫିଙ୍ଗି ଦିଆଯାଏ, ସ୍ନେହ, ମମତାରେ ତାକୁ ଜାବୁଡ଼ି ଧରି ରଖିଲେ ପୁତିଗନ୍ଧମୟ ଅବସ୍ଥାରେ ସମାଜରେ ମଣିଷର ଅକଲ୍ୟାଣ ସାଧନ କରେ, ଠିକ୍ ସେମିତି ଉଚ୍ଚ ନୈତିକତା ଏବଂ ସଂସ୍କୃତି ବିବର୍ଜିତ ରାଜନୈତିକ ମତବାଦ ମଧ୍ୟ ପରିତ୍ୟଜ୍ୟ । ଯଦି କୌଣସି ରାଜନୈତିକ ମତବାଦ ଓ ଆନ୍ଦୋଳନ ନୈତିକ ବଳକୁ ଜାଗ୍ରତ କରି ନପାରେ, ସାଂସ୍କୃତିକ ମାନକୁ ଉନ୍ନତ କରି ନପାରେ, ତେବେ ମନେ ରଖିବେ, ସେହି ରାଜନୀତି ଅନିଷ୍ଟକର ଓ ତାହା ଅକାମୀ ହୋଇଯାଇଛି ।

ସେଥିପାଇଁ ଯେଉଁସବୁ ପାର୍ଟି ମାର୍କ୍ସବାଦ-ଲେନିନ୍‌ବାଦର କଥା କହୁଛନ୍ତି ବା ଅନ୍ୟ କୌଣସି ଆଦର୍ଶର କଥା କହୁଛନ୍ତି, ଜଟିଳତତ୍ତ୍ୱ ବିଚାର ଦ୍ୱାରା ସେମାନଙ୍କ ଯଥାର୍ଥ ଚରିତ୍ର ବିଚାର କରିବାର କ୍ଷମତା ଯଦି ବି କାହାର ନଥାଏ, ତା'ହେଲେ ଏହି ଦିଗଟି ଦ୍ୱାରା ସେମାନଙ୍କର ରାଜନୀତି ପ୍ରକୃତରେ ଉନ୍ନତ ଧରଣର କି ନୁହେଁ, ତାହା ଅତି ସହଜରେ ଚିହ୍ନିହୁଏ । ଏହି ବିଚାରର ମାପକାଠିଟି ଅତ୍ୟନ୍ତ ସହଜ, ଯେଉଁଠି କି ଭୁଲ କରିବାର କୌଣସି ସମ୍ଭାବନା ହିଁ ନାହିଁ । ମାର୍କ୍ସବାଦ-ଲେନିନ୍‌ବାଦ କଥା କହି ମଧ୍ୟ ଯଦି କୌଣସି

ପାର୍ଟି ନୈତିକ ବଳକୁ ଅଧଃପତିତ କରେ ଏବଂ ଯାହାଫଳରେ ପାର୍ଟି କର୍ମୀମାନେ ଅପସଂସ୍କୃତି ଓ ଖରାପ ସଂସ୍କୃତିର ଶିକାର ହୋଇପଡ଼ନ୍ତି, ଲାରେଲପ୍ପା କଲଚରକୁ ପ୍ରତିଫଳିତ କରନ୍ତି, କଥାବାର୍ତ୍ତାରେ ଭଦ୍ରତା ଶାଳୀନତା ରକ୍ଷା କରନ୍ତି ନାହିଁ, ଆଦର୍ଶର ସଂଘାତକୁ ଭୟ ପାଆନ୍ତି, ଯୁକ୍ତିତର୍କର ରାସ୍ତାକୁ ଏଡେଇ ଯାଇ ଦୈହିକ ବଳଦ୍ୱାରା ଅପରକୁ ପଦାନତ କରିବାକୁ ଚାହାନ୍ତି, ଯେକୌଣସି ଯୁକ୍ତିର ଆଳରେ ହେଉନା କାହିଁକି କାପୁରୁଷୋଚିତ ଆକ୍ରମଣର ପ୍ରବଣତାକୁ ପ୍ରଶ୍ରୟ ଦିଅନ୍ତି, କର୍ତ୍ତବ୍ୟ ଓ କାମର ଅବହେଳା (Neglect of duty) କୁ ପ୍ରଶ୍ରୟ ଦିଅନ୍ତି; ତେବେ ହଜାରେ ଥର ଦାବି କଲେ ମଧ୍ୟ ସେ ପାର୍ଟିର ଆଦର୍ଶ– ପ୍ରକୃତରେ ଉନ୍ନତ ଆଦର୍ଶ ହୋଇପାରେ ନା, ମାର୍କ୍ସବାଦୀ–ଲେନିନ୍‌ବାଦୀ ଆଦର୍ଶ ତ କେବେ ହୋଇପାରେ ନା ।

ସି.ପି.ଆଇ.(ଏମ୍) ଦାବି କରିଥାଏ ଯେ, ସେମାନେ ଗୋଟିଏ ମାର୍କ୍ସବାଦୀ–ଲେନିନ୍‌ବାଦୀ ଦଳ । ସେମାନେ ଗର୍ବର ସହିତ କହୁଛନ୍ତି ଯେ, ଜନସାଧାରଣ ଏବଂ ଯୁବସମାଜ ମଧ୍ୟରେ ବିଶେଷକରି ପଶ୍ଚିମବଙ୍ଗରେ ସେମାନଙ୍କର ପ୍ରଭାବ ସର୍ବାପେକ୍ଷା ବୃଦ୍ଧି ପାଉଛି । ମୁଁ କହେ ଖୁବ୍ ଭଲ କଥା । ସେମାନଙ୍କର ପ୍ରଭାବ ଯେ ବୃଦ୍ଧି ପାଉଛି, ଏହା ସତ କଥା । କିନ୍ତୁ ସେମାନେ ମୋର ଗୋଠିଏ ପ୍ରଶ୍ନର ଜବାବ ଦେବେ କି ? ସେମାନେ ନିଜକୁ ବିପ୍ଳବୀ ଦଳ ଏବଂ ଯେଉଁ ମାର୍କ୍ସବାଦୀ–ଲେନିନ୍‌ବାଦୀ ଆଦର୍ଶର ଧାରକ ବାହକ ହିସାବରେ ପ୍ରଚାର କରିଥାନ୍ତି, ସେହି ଆଦର୍ଶ ତ ଏ ଯୁଗର ସବୁଠାରୁ ଉଚ୍ଚ ଏବଂ ମହାନ ବିପ୍ଳବୀ ଆଦର୍ଶ । ଫଳରେ ବୁଝିଶୁଝି ହେଉ ବା ନବୁଝି ହେଉ, ଯୁବସମାଜ ଏବଂ ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କର ପ୍ରଭାବ ବୃଦ୍ଧି ପାଇବା ଫଳରେ, ପୁଞ୍ଜିବାଦ ଜନିତ ଯେଉଁ ସାଂସ୍କୃତିକ ଅବକ୍ଷୟ ଘଟୁଛି, ତା' ଉପରେ ତ ତା'ର ଗୋଟାଏ ନିୟନ୍ତ୍ରଣକାରୀ ପ୍ରଭାବ (Restraining effect) ପଡ଼ିବ ଏବଂ ଅନ୍ତତଃ ସେମାନଙ୍କ ଦ୍ୱାରା ପ୍ରଭାବିତ ଯୁବସମାଜ ଓ ଜନସାଧାରଣଙ୍କ ମଧ୍ୟରେ ତ ଉନ୍ନତ ନୈତିକ ଓ ସାଂସ୍କୃତିକ ମାନ ପ୍ରତିଫଳିତ ହେବ । କିନ୍ତୁ ବାସ୍ତବରେ ତାହା କ'ଣ ହୋଇଛି ନା' ହେଉଛି ? ଯଦି ତା ହୋଇଥାନ୍ତା, ତେବେ ସେମାନଙ୍କର ଶକ୍ତି ଏବଂ ପ୍ରଭାବର ବୃଦ୍ଧି ସଙ୍ଗେ ସଙ୍ଗେ ଯୁବସମ୍ପ୍ରଦାୟ ଏବଂ ଜନସାଧାରଣଙ୍କ ମଧ୍ୟରେ ଦେଶ ଏବଂ ସମାଜ ପ୍ରତି ଗୋଟାଏ କର୍ତ୍ତବ୍ୟବୋଧ (Obligation)ର ମନୋଭାବ ଗଢ଼ି ଉଠନ୍ତା ଓ ବ୍ୟକ୍ତି ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଯେକୌଣସି ମୂଲ୍ୟ ବିନିମୟରେ ସମସ୍ତ ଅନ୍ୟାୟ ବିରୁଦ୍ଧରେ ଠିଆ ହେବାର ମାନସିକତା ସେମାନଙ୍କ ଭିତରେ ପ୍ରତିଫଳିତ ହୁଅନ୍ତା । ସେମାନେ ଅନ୍ୟର କୌଣସି ପ୍ରକାର ଅନ୍ୟାୟ ଯେମିତି ସହି ପାରନ୍ତେ ନାହିଁ, ଠିକ୍ ସେମିତି ନିଜ ଜ୍ଞାତସାରରେ କୌଣସି ଅନ୍ୟାୟ ଆଚରଣ ବି କରନ୍ତେ ନାହିଁ । ଆଦର୍ଶକୁ ଅନୁସରଣ କରିବାକୁ ଯାଇ ସେମାନେ ହୁଏତ ବେପରୱା

ହୁଅନ୍ତେ, କିନ୍ତୁ କୌଣସି ପ୍ରକାର ଉଦ୍ଦେଶ୍ୟବିହୀନ ବେପରୱା ମନୋଭାବ ଏବଂ କୌଣସି ପ୍ରକାର ହୀନମନ୍ୟତାର ଶୀକାର ହୁଅନ୍ତେ ନାହିଁ । ଯଥାର୍ଥଭାବେ ଯୁବ ସମାଜର ନୈତିକ ଏବଂ ସାଂସ୍କୃତିକ ମାନ ଯଦି ଉନ୍ନତ ହୁଅନ୍ତା, ତେବେ ସେମାନଙ୍କୁ ଦେଖି ସାରା ଭାରତବର୍ଷର ଲୋକେ ମୁଗ୍ଧ ହୋଇଯାଆନ୍ତେ ।

ଅଥଚ ଅତୀତର ଘଟଣାବଳୀ କେଉଁ ସତ୍ୟକୁ ବହନ କରେ ? ବିଗତ ଯୁକ୍ତଫ୍ରଣ୍ଟ ଅମଳରେ ଯେତେବେଳେ ତଥାକଥିତ ମାର୍କ୍ସବାଦୀ-ଲେନିନ୍‌ବାଦୀ ଦଳ ସି.ପି.ଆଇ.(ଏମ୍)ର ଶକ୍ତି ସର୍ବାପେକ୍ଷା ବୃଦ୍ଧି ପାଇଥିଲା ସେତେବେଳେ ସେମାନଙ୍କର କର୍ମୀ ଏବଂ ସମର୍ଥକମାନଙ୍କ ଦୌରାତ୍ମ୍ୟରେ ସାରା ଦେଶର ଲୋକେ ଭୀତସନ୍ତ୍ରସ୍ତ ହୋଇଯାଇଥିଲେ । ସେମାନଙ୍କ ଦଳର ଶକ୍ତି ବୃଦ୍ଧି ତଥା ଛାତ୍ର ଓ ଯୁବ ସମାଜ ମଧ୍ୟରେ ପ୍ରଭାବ ବୃଦ୍ଧି ପାଇବା ଫଳରେ ଉନ୍ନତ ନୈତିକ ଏବଂ ସାଂସ୍କୃତିକମାନ, ସମାଜରେ ସାଂସ୍କୃତିକ ଅବକ୍ଷୟ ଉପରେ ଗୋଟାଏ ନିୟନ୍ତ୍ରଣକାରୀ ପ୍ରଭାବ(Restraining effect)ପ୍ରତିଫଳିତ ହେବା କିମ୍ବା ପଡ଼ିବା ତ ଦୂରର କଥା, ବରଂ ଛାତ୍ରମାନଙ୍କ ଭିତରେ ବ୍ୟାପକଭାବେ ନକଲ କରିବାର ପ୍ରବଣତା ସେ ସମୟରେ ଆନ୍ଦୋଳନର ରୂପ ପରିଗ୍ରହଣ କରିଛି । ସେମାନଙ୍କ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ଭିତରେ ବିଶେଷକରି ପୋଲିସ ଓ ପ୍ରଶାସନକୁ ବ୍ୟବହାର କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଅନ୍ୟାୟ ଭାବେ ସୁବିଧା ସୁଯୋଗ ନେବା ସାମାଜିକ କର୍ତ୍ତବ୍ୟବୋଧ (Obligation) ବୃଦ୍ଧି ପାଇବା ସ୍ଥଳେ କର୍ତ୍ତବ୍ୟ ପାଳନ କ୍ଷେତ୍ରରେ ଫାଙ୍କି ମାରିବା, ଭିନ୍ନ ମତାବଲମ୍ବୀମାନଙ୍କ ପ୍ରତି ଆଦର୍ଶଗତ ସହିଷ୍ଣୁତାର ମନୋଭାବ ଗଢ଼ି ଉଠିବା ପରିବର୍ତ୍ତେ ଅନୁକୂଳ ପରିବେଶରେ କାପୁରୁଷୋଚିତ ଭଳି ଆକ୍ରମଣ କରି ସେମାନଙ୍କ ସ୍ୱରକୁ ସ୍ତବ୍ଧ କରିଦେବାର ହୀନ ପ୍ରବଣତା ସବୁ ବୃଦ୍ଧି ପାଇଲା । ଆଉ ଏସବୁର ପ୍ରତିକ୍ରିୟା ହିସାବରେ ଏହି ରାଜ୍ୟରେ ଶାସକ କଂଗ୍ରେସ ସରକାରୀ କ୍ଷମତା ଦଖଲ କଲାପରେ, ଯେତେବେଳେ ସେମାନଙ୍କ ସି.ପି.ଆଇ.(ଏମ୍) ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେଲା, ସେତେବେଳେ ଦେଖାଗଲା, ଫ୍ରଣ୍ଟ ଅମଳର ସେହି ଦୁର୍ଦ୍ଧାନ୍ତ ବିପ୍ଳବୀମାନଙ୍କର ଉଁ ଚୁଁ ଶବ୍ଦ କରିବାର ମଧ୍ୟ ସାହସ ନାହିଁ । ପୁନରାୟ ଅନୁକୂଳ ପରିସ୍ଥିତି ସୃଷ୍ଟି ହେଲେ ହିଁ ଫେର ହୁଏତ ଆପଣମାନେ ଦେଖିବେ ସେମାନେ ସେମାନଙ୍କର ପୂର୍ବମୂର୍ତ୍ତି ଧାରଣ କରିଛନ୍ତି; ଯାହାର ଲକ୍ଷଣ ଇତି ମଧ୍ୟରେ କିଛି କିଛି ଦେଖାଦେବାକୁ ଆରମ୍ଭ କରିଛି । ଯଦି ସେମାନଙ୍କ ରାଜନୀତି ପ୍ରକୃତରେ ବିପ୍ଳବୀ ରାଜନୀତି ହୋଇଥାନ୍ତା, ତେବେ ଗୋଟିଏ ଦିଗରେ ସମାଜର ସବୁସ୍ତରର ଶୁଭବୁଦ୍ଧି ସମ୍ପର୍ଣ୍ଣ ଲୋକଙ୍କଠାରୁ ଯେମିତି ସେମାନେ ଆନ୍ତରିକ ଆଶୀର୍ବାଦ ଲାଭ କରନ୍ତେ ଅନ୍ୟ ଦିଗରେ ଠିକ୍ ସେମିତି ଶୋଷକ ବୁର୍ଜୁଆ ଶ୍ରେଣୀ ନିକଟରେ ଘୃଣାର ପାତ୍ର ହୋଇ ଉଠନ୍ତେ । କିନ୍ତୁ ବାସ୍ତବରେ ଠିକ୍ ତା'ର ଓଲଟା ହିଁ ଦେଖାଗଲା । ଅର୍ଥାତ୍, ଗୋଟିଏ ଦିଗରେ ପୁଞ୍ଜିବାଦୀ

ରାଷ୍ଟ୍ରର ପ୍ରଶାସନ ଓ ପୋଲିସ୍ ବିଭାଗର ଗୋଟାଏ ଅଂଶ ଏବଂ ଏମିତିକି ଦେଶର ପୁଞ୍ଜିପତି ଶ୍ରେଣୀର ଗୋଟାଏ ଅଂଶ, କଂଗ୍ରେସର ବିକଳ୍ପ ଶକ୍ତି ହିସାବରେ ସେତେବେଳେ ବିଭିନ୍ନ ଭାବେ ସେମାନଙ୍କୁ ସମର୍ଥନ କରିବାକୁ ଆରମ୍ଭ କଲେ ଏବଂ ଅନ୍ୟ ଦିଗରେ ସମାଜର ଶୁଭବୁଦ୍ଧି ସମ୍ପନ୍ନ ଲୋକେ ସେମାନଙ୍କ ପ୍ରତି ଭୟଭୀତ ହୋଇ ପଡ଼ିଲେ, ଏହି ସମସ୍ତ ଘଟଣା ଯେଉଁ ସତ୍ୟଟିକୁ ପ୍ରମାଣ କରୁଛି, ତା' ହେଲା– ମାର୍କ୍ସବାଦ–ଲେନିନବାଦ ନାମରେ ସେମାନେ ଯେଉଁ ରାଜନୀତିର ଚର୍ଚ୍ଚା କରୁଛନ୍ତି, ତାହା ଆଉ ଯାହା ହେଉନା କାହିଁକି, କୌଣସିମତେ ପ୍ରକୃତ ମାର୍କ୍ସବାଦ–ଲେନିନବାଦ ହୋଇପାରେନା । ଅପରନ୍ତୁ ସେମାନେ ଏ ଦେଶରେ ମାର୍କ୍ସବାଦୀ–ଲେନିନବାଦୀ ପାର୍ଟି ହିସାବରେ ଜନସାଧାରଣଙ୍କ ପାଖରେ ପରିଚିତ ହେବା ଫଳରେ; ସେମାନଙ୍କ ଏତାଦୃଶ ଆଚରଣକୁ ଦେଖି, ଛାତ୍ର ସମାଜ, ଯୁବ ସମାଜ ଏବଂ ଜନସାଧାରଣଙ୍କର ଗୋଟାଏ ଅଂଶ ଭିତରେ ହିଁ ମାର୍କ୍ସବାଦ–ଲେନିନ୍‌ବାଦ ସମ୍ପର୍କରେ ବିଭ୍ରାନ୍ତି ଗଢ଼ି ଉଠିଲା । ଦେହରେ ବିପ୍ଳବର ନାମାବଳୀ ପିନ୍ଧି ମାର୍କ୍ସବାଦର ଗୀତ ଗାଇ ଗାଇ ସେମାନେ ଅବକ୍ଷୟୀ ବୁର୍ଜୁଆ ଅପସଂସ୍କୃତିର ଶିକାର ହୋଇ ନିଜକୁ କେବଳ ଯେ ଅଧଃପତିତ କରିଛନ୍ତି ତା' ନୁହେଁ, ବରଂ ମାର୍କ୍ସବାଦ ଭଳି ଗୋଟାଏ ଉଚ୍ଚ ଆଦର୍ଶକୁ ମଧ୍ୟ ଏ ଦେଶର ଶୁଭବୁଦ୍ଧି ସମ୍ପନ୍ନ ମଣିଷ ତଥା ଯୁବ ସମାଜ ଓ ଛାତ୍ର ସମାଜ ନିକଟରେ କାଳିମାଲିପ୍ତ କରି ଦେଇଛନ୍ତି । ଯୁକ୍ତଫ୍ରଣ୍ଟ ପରବର୍ତ୍ତୀ ସମୟରେ ଛାତ୍ର ପରିଷଦ ଏବଂ ଯୁବ କଂଗ୍ରେସ ଯେ ଏତେ ଶକ୍ତି ଅର୍ଜନ କରିପାରିଲେ, ତାର ଏକ ପରୋକ୍ଷ କାରଣ ହେଲା ଫ୍ରଣ୍ଟ ଅମଳରେ ସି.ପି.ଆଇ.(ଏମ୍)ର ଶକ୍ତି ବୃଦ୍ଧି । ସେମାନଙ୍କ ପ୍ରଭାବରେ ପରିଚାଳିତ ଛାତ୍ର ଓ ଯୁବ ସମାଜ ଭିତରେ ଯେଉଁ ମାନସିକତା ଯୁକ୍ତଫ୍ରଣ୍ଟ ଅମଳରେ ବେଶୀ ଭାବରେ ପ୍ରତିଫଳିତ ହୋଇଛି ତା' ଦେଖି ଘରେ ଘରେ ଛାତ୍ର ଓ ଯୁବକମାନଙ୍କର ବାପା ମା'ଙ୍କ ଠାରୁ ଆରମ୍ଭ କରି ପ୍ରତିଟି ସାଧାରଣ ମଣିଷ ମଧ୍ୟ ଭାବିବାକୁ ଲାଗିଲେ, 'ସର୍ବନାଶ', ଏହା ଯଦି ମାର୍କ୍ସବାଦୀମାନଙ୍କର ପ୍ରକୃତ ଚେହେରା ହୁଏ, ମାର୍କ୍ସବାଦୀ–ଲେନିନ୍‌ବାଦୀ ହେଲେ ଯଦି ସାହି ସାହିରେ, କଲେଜ କଲେଜରେ ଯେଉଁ ମୂର୍ତ୍ତି ସବୁ ଦେଖିବାକୁ ମିଳୁଛି, ଯଦି ସେମିତି ହୁଏ ତେବେ ଏମିତି ମାର୍କ୍ସବାଦ–ଲେନିନ୍‌ବାଦକୁ ଶତକୋଟି ନମସ୍କାର । ଏହା ଫଳରେ ସାଧାରଣ ମଣିଷ ଭିତରେ ପରବର୍ତ୍ତୀ ସମୟରେ ସାମୟିକ ଭାବେ ହେଲେ ମଧ୍ୟ ପ୍ରତିକ୍ରିୟା ଆଡ଼କୁ ଯିବାର ଝୁଙ୍କ ଦେଖାଗଲା । ଦିନେ ଯେଉଁ ଯୁବ ସମାଜ ଓ ଛାତ୍ର ସମାଜ ପରମ ବିଶ୍ୱାସରେ ମାର୍କ୍ସବାଦ–ଲେନିନ୍‌ବାଦ ଆଡ଼କୁ ଢ଼ଳିଥିଲେ, ସି.ପି.ଆଇ. ଓ ସି.ପି.ଆଇ(ଏମ୍) ହାତରେ ମାର୍କ୍ସବାଦ ଏବଂ ଲେନିନ୍‌ବାଦର ଚେହେରା ଦେଖି ପଶ୍ଚିମବଙ୍ଗର ସେଇ ଛାତ୍ର ଓ ଯୁବସମାଜ ତଥା ସାଧାରଣ ମଣିଷ ପୁଣି ମାର୍କ୍ସବାଦ–

ଲେନିନ୍‌ବାଦ ଠାରୁ ମୁହଁ ଫେରେଇ ନେଇ ପ୍ରତିକ୍ରିୟା ଆଡ଼କୁ ଢ଼ଳି ପଡ଼ିଲେ ।

ସାଂସ୍କୃତିକ ଅବକ୍ଷୟ ବିରୁଦ୍ଧରେ ଯଥାର୍ଥ ଆନ୍ଦୋଳନ ଗଢ଼ି ତୋଳିବାକୁ ହେଲେ, ଆପଣମାନଙ୍କୁ ମନେ ରଖିବାକୁ ହେବ ଯେ, ମାର୍କ୍ସବାଦ-ଲେନିନ୍‌ବାଦ ହେଉଛି ଗୋଟିଏ ବିପ୍ଳବୀ ତତ୍ତ୍ୱ ଏବଂ ଏ ଯୁଗର ସର୍ବଶ୍ରେଷ୍ଠ ଆଦର୍ଶବାଦ; ଯେଉଁ ଆଦର୍ଶବାଦ କି ଭିଏତ୍‌ନାମର ଗୋଟିଏ ଚାଷୀଠାରୁ ଆରମ୍ଭ କରି ଛୋଟ ଛୋଟ ଶିଶୁ ପର୍ଯ୍ୟନ୍ତ ସମସ୍ତଙ୍କୁ କ୍ଷୁଦ୍ର ସ୍ୱାର୍ଥବୋଧର ଉର୍ଦ୍ଧ୍ୱକୁ ନେଇ ଆମେରିକାର ନାପାମ ବୋମା ବିରୁଦ୍ଧରେ ଲଢ଼େଇ କରିବାକୁ ଅମିତ ପରାକ୍ରମର ସହ ଛିଡ଼ା କରେଇ ଦେଇଛି । ଏଭଳି ଏକ ଆଦର୍ଶବାଦ, ଯେଉଁ ଆଦର୍ଶବାଦକୁ ପାଥେୟ କରି ଚୀନର ଲୋକେ ସ୍ୱାଧୀନତା ଅର୍ଜନ କଲେ ଏବଂ ବିପ୍ଳବକୁ ସଫଳ କଲେ । ଯେଉଁ ଆଦର୍ଶବାଦର ଶକ୍ତିବଳରେ ରୁଷର ସୁପ୍ତ ଚାଷୀ-ମୂଲିଆ ସମଗ୍ର ବିଶ୍ୱରେ ପ୍ରଥମ କରି ସମାଜତାନ୍ତ୍ରିକ ବିପ୍ଳବକୁ ସଫଳ କରିଥିଲେ । ଯାହାକୁ କି ମିଲିଟାରୀ ପର୍ଯ୍ୟନ୍ତ ଦମନକରି ପାରିଲେ ନାହିଁ । ଯଦି ସି.ପି.ଆଇ. ଏବଂ ସି.ପି.ଆଇ.(ଏମ୍) ସେମିତି ମାର୍କ୍ସବାଦୀ-ଲେନିନ୍‌ବାଦୀ ଦଳ ହୋଇ ଥାଆନ୍ତି ଏବଂ ମାର୍କ୍ସବାଦୀ-ଲେନିନବାଦୀ ଆଦର୍ଶକୁ ଯଦି ସେମାନେ ପ୍ରକୃତରେ ପ୍ରଚାର କରୁଥାନ୍ତି, ତା'ହେଲେ ସେମାନଙ୍କ ପ୍ରଭାବରେ ତ ଯୁବଶକ୍ତି ନୂତନ ଆଦର୍ଶର କାଉଁରୀ କାଠି ସ୍ପର୍ଶରେ ଉନ୍ନତତର ନୈତିକ ଏବଂ ସାଂସ୍କୃତିକ ମାନକୁ ପ୍ରତିଫଳିତ କରନ୍ତେ । ତା'ହେଲେ, ଗୋଟିଏ ଦିଗରେ ସମାଜରେ ସେମାନଙ୍କର ଯେତେ ଶକ୍ତି ଓ ପ୍ରଭାବ ବୃଦ୍ଧି ପାଉଛି, ଯୁବ ସମାଜ ଭିତରେ କାହିଁକି ସେତେ ବେଶୀ ଉଦ୍ଦେଶ୍ୟବିହୀନ ବେପରୱା ମନୋଭାବ ଏବଂ ଅନାଚାର ଆଦି ବୃଦ୍ଧି ପାଉଛି ? ସାଂସ୍କୃତିକ ଏବଂ ନୈତିକ ମାନ କାହିଁକି ଏତେ ଅଧୋଗାମୀ ହେଉଛି ? 'ଯୁବ ସମାଜ କ୍ରମାଗତଭାବେ ଉଚ୍ଛୃଙ୍ଖଳ ହେଉଛନ୍ତି'-ଏକଥା ସେମାନେ ପୁଣି କହୁଛନ୍ତି କାହିଁକି ? ଏ ଘଟଣା କ'ଣ ନିଃସନ୍ଦେହରେ ପ୍ରମାଣ କରୁ ନାହିଁ କି ଯେ ମାର୍କ୍ସବାଦ-ଲେନିନ୍‌ବାଦ ନାମରେ, ଶ୍ରେଣୀ ସଂଗ୍ରାମ ଏବଂ ସମାଜତନ୍ତ୍ର ନାମରେ, ବାସ୍ତବରେ ସେମାନେ ଯେଉଁ ରାଜନୀତିର ଚର୍ଚ୍ଚା କରୁଛନ୍ତି, ଅସଲରେ ତାହା ମାର୍କ୍ସବାଦ-ଲେନିନ୍‌ବାଦ, ଶ୍ରେଣୀ ସଂଗ୍ରାମ ବା ସମାଜତନ୍ତ୍ର ନୁହେଁ ।

ଏହା ସହିତ ଯେଉଁମାନେ ସାଂସ୍କୃତିକ ଅବକ୍ଷୟ ବିରୁଦ୍ଧରେ ଆନ୍ଦୋଳନ ଗଢ଼ି ତୋଳିବାକୁ ଚାହୁଁଛନ୍ତି, ସେମାନଙ୍କର ଯେଉଁ କଥାଟି ବୁଝିବା ଦରକାର ତାହାହେଲା ଯେ, ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀ ସ୍ୱାଧୀନତା ଆନ୍ଦୋଳନ ଯୁଗରେ ବୁର୍ଜୁଆ ଜାତୀୟତାବାଦ ଓ ବୁର୍ଜୁଆ ମାନବତାବାଦ ତୁଳନାତ୍ମକଭାବେ ତତ୍‌କାଳୀନ ଧର୍ମଭିତ୍ତିକ ସମାଜର ଆଦର୍ଶବୋଧ ଓ ନୀତି ନୈତିକତା ଠାରୁ ଅପେକ୍ଷାକୃତ ଭାବେ ପ୍ରଗତିଶୀଳ ଜୀବନାଦର୍ଶ ଥିଲା ବୋଲି ସମାଜର ବେଷ୍ଟନୀ ଭିତରେ ଘୁମନ୍ତ କୂପମଣ୍ଡୁକ ଲୋକମାନଙ୍କୁ କିଛିଟା ଜାଗ୍ରତକରି ସେମାନଙ୍କର ଗୋଟାଏ ଅଂଶ ଭିତରେ ପ୍ରାଣ ଚାଞ୍ଚଲ୍ୟର ଜୁଆର ଆଣି

ଦେଇଥିଲା; ଏବଂ ଏ ଦେଶର ଯୁବ ସମ୍ପ୍ରଦାୟକୁ ଚରିତ୍ର ଗଠନର ସାଧନାରେ ବ୍ୟାପୃତ କରି ପାରିଥିଲା । ଅଥଚ ଆମ ଦେଶର ସ୍ୱାଧୀନତା ଆନ୍ଦୋଳନ ଭିତରେ ବି କେତେକ ତ୍ରୁଟି ଥିଲା । ଏହା ଥିଲା ଧର୍ମଭିତ୍ତିକ ଜାତୀୟତାବାଦ (Religion oriented nationalism) । ଧର୍ମୀୟ କୁସଂସ୍କାର ଓ ଜାତିଭେଦର ପ୍ରଭାବରୁ ଏ ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବେ ମୁକ୍ତ ନଥିଲା ଏବଂ ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ନେତୃତ୍ୱ ଦେଲେ ସେମାନେ ଶେଷ ପର୍ଯ୍ୟନ୍ତ ଏ ଦେଶରେ ପୁଞ୍ଜିବାଦକୁ ହିଁ ସଂହତ କରିଗଲେ । ତେବେ ବି ଏଇ ନେତୃତ୍ୱ ଅଧୀନରେ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନର ଝଣ୍ଡାଟା ଦେଶରେ ଟେଳି ଧରା ହୋଇଥିଲା, ସେତେବେଳେ ସେହି ଆନ୍ଦୋଳନରେ ହଜାର ତ୍ରୁଟି ଥିବା ସତ୍ତ୍ୱେ ମଧ୍ୟ ଯେହେତୁ ତୁଳନାତ୍ମକ ବିଚାରରେ ସେହି ଆଦର୍ଶ ସେତେବେଳକାର ପ୍ରଚଳିତ ସମାଜର ଆଦର୍ଶଠାରୁ, ଉନ୍ନତତର ଏବଂ ଅପେକ୍ଷାକୃତ ଭାବେ କିଛିଟା ପ୍ରଗତିଶୀଳ, ସେହିହେତୁ ସ୍ୱାଧୀନତା ଆନ୍ଦୋଳନର ସ୍ପର୍ଶରେ କିଛିଦିନ ପାଇଁ ସାମୟିକ ଭାବେ ହେଲେ ମଧ୍ୟ ସାରା ଦେଶର ଯୁବ ସମାଜର ଗୋଟାଏ ଅଂଶ ନୂତନ ତେଜ ଓ ନୂତନ ଉଦ୍ଦୀପନାରେ ଜାଗି ଉଠିଥିଲେ । ଏଇଟା ହିଁ ସମସ୍ତ ପ୍ରଗତିଶୀଳ ଆଦର୍ଶର ନିୟମ । ସେଥିପାଇଁ ସେଦିନର ସେହି ଜାତୀୟତାବାଦୀ ଆନ୍ଦୋଳନ ଏ ଦେଶରେ ଶିକ୍ଷା-ଦୀକ୍ଷା, ଜ୍ଞାନ-ବିଜ୍ଞାନ, ଶିଳ୍ପ ସାହିତ୍ୟ ଇତ୍ୟାଦି ସବୁ କ୍ଷେତ୍ରରେ ସୀମିତ ଭାବରେ ହେଲେ ମଧ୍ୟ ଅଗ୍ରଗତିର ଦ୍ୱାର କିଛିଟା ଉନ୍ମୁକ୍ତ କରିଦେଇ ପାରିଥିଲା । ରାଜା ରାମମୋହନ ଓ ବିଦ୍ୟାସାଗରଙ୍କ ଦ୍ୱାରା ବୁର୍ଜୁଆ ମାନବତାବାଦୀ ଆଦର୍ଶର ଯେଉଁ ଆନ୍ଦୋଳନଟି ଆରମ୍ଭ ହୋଇଥିଲା, ଗୋଟଏ ଦିଗରେ ସେଦିନ ସ୍ୱାଧୀନତା ଆନ୍ଦୋଳନରେ ସେହି ଧାରା ମଧ୍ୟରୁ ଆଚାର୍ଯ୍ୟ ପି.ସି.ରାୟ, ଜଗଦୀଶ ଚନ୍ଦ୍ର ବସୁ, ସତ୍ୟେନ୍ଦ୍ରନାଥ ବସୁ, ସି.ଭି.ରମଣ ଓ ମେଘନାଦ ସାହା ପ୍ରଭୃତି ଜନ୍ମ ନେଇଥିଲା ବେଳେ ଅନ୍ୟ ଦିଗରେ ଜନ୍ମ ନେଇଥିଲେ ବଙ୍କିମ ଚନ୍ଦ୍ର, ରବୀନ୍ଦ୍ରନାଥ, ଶରତଚନ୍ଦ୍ର, ନଜରୁଲ ପ୍ରଭୃତି ମନୀଷୀମାନେ । ଏହା ହିଁ ପ୍ରମାଣ କରେ ଯେ ଆମ ଦେଶର ଜାତୀୟତାବାଦୀ ଆନ୍ଦୋଳନର ନେତୃତ୍ୱ ଦୁର୍ବଳ ଓ ଆପୋଷମୁଖୀ ହେବା ଏବଂ ଏହାଭିତରେ ହଜାରେ ତ୍ରୁଟି ଥିବା ସତ୍ତ୍ୱେ ମଧ୍ୟ ତୁଳନାତ୍ମକ ବିଚାରରେ ତତ୍‌କାଳୀନ ସ୍ୱାଧୀନତା ଆନ୍ଦୋଳନର ସେହି ଆଦର୍ଶ ଓ ନୈତିକତା ଭାରତବର୍ଷରେ ଅପେକ୍ଷାକୃତ ପ୍ରଗତିଶୀଳ ଥିଲା ବୋଲି ହିଁ ଏଇଟା ସମ୍ଭବ ହୋଇପାରିଥିଲା ।

କିନ୍ତୁ ଇତିହାସର ଗତିପଥରେ ସେହି ଜାତୀୟତାବାଦୀ ଏବଂ ବୁର୍ଜୁଆ ମାନବତାବାଦୀ ଆଦର୍ଶ ଆଜି ଯେ କେବଳ ଅକାମୀ ହୋଇ ପଡ଼ିଛି ଓ ପ୍ରତିକ୍ରିୟାଶୀଳ ରୂପ ଧାରଣ କରିଛି ତା' ନୁହେଁ, ଅପରନ୍ତୁ, ଆଜି ତାହା କ୍ଷମତାସୀନ ଶାସକ ଶୋଷକ ପୁଞ୍ଜିପତି ଶ୍ରେଣୀ ହାତରେ ଗୋଟାଏ ସୁବିଧା (Previlege) ହାସଲ କରିବାର ଅସ୍ତ୍ରରେ ପରିଣତ ହୋଇଛି । ସେଥିପାଇଁ କୌଣସି ପ୍ରକାରେ ଆଜି ସେହି ପୁରୁଣା ଦିନର ଜାତୀୟତାବାଦୀ

ଆଦର୍ଶ ଆଉ ଯୁବ ସମାଜକୁ ଉଦ୍‌ବୁଦ୍ଧ କରିପାରୁ ନାହିଁ । ଆଜି ତାହା ପଚିଯାଇଛି ଏବଂ ପଚିଯାଇଛି ବୋଲି ହିଁ, ସେହି ଜାତୀୟତାବାଦ ଆଦର୍ଶର ଜୟଭେରୀ କଂଗ୍ରେସ ଯେତେ ବଜାଉଛି, ସାରା ପ୍ରଶାସନ ଯନ୍ତ୍ର ଏବଂ ସମଗ୍ର ଦେଶଟା ସେତେ ବେଶୀ ଦୁର୍ନୀତିରେ ଛାଇ ହୋଇଯାଉଛି । ସେମାନେ ଯେତେ କହୁଛନ୍ତି ‘ସତ୍ ହୁଅ’, ଲୋକେ ଅବଲୀଳାକ୍ରମେ ସେତେ ବେଶୀ ଅସତ୍ ହେଉଛନ୍ତି । ଏମିତିକି ଅସତ୍ ହେବାର ଟିକିଏ ବି ମାନସିକ ଗ୍ଳାନି ସେମାନଙ୍କର ନାହିଁ । ଅନ୍ୟ ଦିଗରେ ପୁରୁଣା ଧର୍ମୀୟ ମୂଲ୍ୟବୋଧ ସବୁ ଆମ ସମାଜ ଜୀବନରୁ ପ୍ରାୟ ନିଃଶେଷ ହୋଇଯାଇଛି । ଅଥଚ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ, ମାର୍କ୍ସବାଦ-ଲେନିନ୍‌ବାଦ ଓ ବୈଜ୍ଞାନିକ ସମାଜତନ୍ତ୍ରର ଚିନ୍ତାଧାରା ଭିତ୍ତିରେ ଯଥାର୍ଥ ବିପ୍ଳବୀ ମତବାଦ ଏବଂ ବିପ୍ଳବୀ ରାଜନୀତି ଆଜି ମଧ୍ୟ ଆମ ଦେଶର ଜନଜୀବନ ଓ ଯୁବ-ଜୀବନ ଉପରେ ଯଥେଷ୍ଟ ପ୍ରଭାବ ବିସ୍ତାର କରି ନ ପାରିବା ଫଳରେ ଆଦର୍ଶ କ୍ଷେତ୍ରରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାରି ପରିଣତି ସ୍ୱରୂପ ଏହିଭଳି ଚୂଡ଼ାନ୍ତ ସାଂସ୍କୃତିକ ଅବକ୍ଷୟ ଏବଂ ନୈତିକ ସଂକଟ ଦେଖାଦେଇଛି । ଯୁବସମାଜକୁ ମାର୍କ୍ସବାଦ-ଲେନିନ୍‌ବାଦ ଓ ବୈଜ୍ଞାନିକ ସମାଜତନ୍ତ୍ରର ଆଦର୍ଶରେ ଉଦ୍‌ବୁଦ୍ଧ କରି ନପାରିଲେ ଏବଂ ସମାଜତାନ୍ତ୍ରିକ ଆଦର୍ଶ ଭିତ୍ତିରେ ସେମାନଙ୍କର ଉନ୍ନତତର ସାଂସ୍କୃତିକ ଓ ନୈତିକ ମାନ ଗଢ଼ି ତୋଳି ନ ପାରିଲେ, କୌଣସି ପ୍ରକାରେ ଏ ଅବକ୍ଷୟର ପ୍ରତିରୋଧ କରାଯାଇ ପାରିବ ନାହିଁ । ତେଣୁ ଏଥିପାଇଁ ଆପଣମାନଙ୍କୁ ଯେମିତି ନିରନ୍ତର ଭାବେ ଆଦର୍ଶଗତ ସଂଗ୍ରାମ ପରିଚାଳନା କରିବାକୁ ହେବ, ଜନସାଧାରଣଙ୍କ ଭିତରେ ପ୍ରତିନିୟତ କାର୍ଯ୍ୟ କରିବାକୁ ହେବ, ଏବଂ ପୁନଶ୍ଚ ଏହି ସଂଗ୍ରାମ ପରିଚାଳନା ସମୟରେ ଛଦ୍ମ (ମେକୀ) ମାର୍କ୍ସବାଦ-ଲେନିନ୍‌ବାଦ ଓ ଅସଲ ମାର୍କ୍ସବାଦ-ଲେନିନ୍‌ବାଦ ଭିତରେ ପାର୍ଥକ୍ୟ ନିରୂପଣ କରି ଶିଖିବାକୁ ହେବ ଓ ଜନସାଧାରଣଙ୍କୁ ମଧ୍ୟ ଶିଖେଇବାକୁ ହେବ ।

ଦ୍ୱିତୀୟତଃ, ଯୁବ ସମାଜ ଭିତରେ କ୍ରମବର୍ଦ୍ଧମାନ ବେକାର ସମସ୍ୟା ଏବଂ ଆର୍ଥିକ ସମସ୍ୟା ଆଜି ମାରାତ୍ମକ ରୂପ ଧାରଣ କରିଛି । ଆମ ଦେଶର ସଙ୍କଟ ଜର୍ଜରିତ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦୀ ବ୍ୟବସ୍ଥା ଯୋଗୁଁ ହିଁ ଏହା ଘଟୁଛି । ପୁଞ୍ଜିବାଦ ଯେହେତୁ ତା’ର ପ୍ରଗତିଶୀଳ ଚରିତ୍ର ହରାଇ ସାମ୍ରାଜ୍ୟବାଦୀ ହୋଇ ପଡ଼ିଛି, ସେହେତୁ ପୁଞ୍ଜିବାଦୀ ଉତ୍ପାଦନ ସମ୍ପର୍କ ଆଉ ଦେଶକୁ ଶିଳ୍ପ ବିପ୍ଳବ ପଥରେ ଆଗେଇନେଇ ଯାଇପାରୁ ନାହିଁ, ବେକାର ସମସ୍ୟାର ସମାଧାନ କରିପାରୁ ନାହିଁ, କୃଷିର ଆଧୁନିକୀକରଣ ଓ ଯାନ୍ତ୍ରିକରଣ କରିପାରୁ ନାହିଁ, ବଜାର ସମ୍ପ୍ରସାରଣ କରିପାରୁ ନାହିଁ-ଦେଶ ଭିତରେ ପାରୁ ନାହିଁ କି ଦେଶ ବାହାରେ ମଧ୍ୟ ପାରୁ ନାହିଁ । ସେ ନିଜେ ହିଁ ଆଜି ବଜାର ସଙ୍କଟ ସୃଷ୍ଟି କରୁଛି ଏବଂ ଶିଳ୍ପ କ୍ଷେତ୍ରରେ ଗୋଟିକ ପରେ ଗୋଟିଏ ସଙ୍କଟକୁ ଡ଼ାକି ଆଣୁଛି । ସେଥିପାଇଁ କ୍ରମାଗତଭାବେ ତାକୁ

ପ୍ରତିରକ୍ଷା ଶିଳ୍ପ (Defence Industry) ବଢ଼ାଇବାକୁ ପଡୁଛି । ଯେଉଁ ଦେଶରେ ଶିକ୍ଷା ଓ ସଂସ୍କୃତି ନାହିଁ, ସ୍ୱାସ୍ଥ୍ୟ ନାହିଁ ଏବଂ ଯେଉଁ ଦେଶର ସରକାର ମଣିଷକୁ ଦୁଇବେଳା ମୁଠେ ପେଟ ପୂରା ଖାଇବାକୁ ବି ସେ ଦେଶରେ ଦେଇପାରୁ ନାହିଁ, "ଦେଶ ବିପନ୍ନ" ବୋଲି କୋଟି କୋଟି ଟଙ୍କା ପ୍ରତିରକ୍ଷା ବଜେଟ୍‌ରେ ଖର୍ଚ୍ଚ ହେଉଛି କାହିଁକି ? ନା ପ୍ରତିରକ୍ଷା ବାବଦରେ କ୍ରମାଗତଭାବେ ବ୍ୟୟବୃଦ୍ଧି କରିବା ଆମ ଦେଶର ଅର୍ଥନୀତିର ଗୋଟାଏ ଅପରିହାର୍ଯ୍ୟ ଅଙ୍ଗ ହୋଇ ପଡ଼ିଛି, ଖୋଲାଖୋଲି ଭାବେ ଥରେ ପାର୍ଲାମେଣ୍ଟରେ ଅର୍ଥମନ୍ତ୍ରୀ ଏକଥା କହି ପକେଇଥିଲେ । ଜଣେ ହେଲେ କମ୍ୟୁନିଷ୍ଟ ସଦସ୍ୟ ପାଲ୍ୟାମେଣ୍ଟରେ ତାଙ୍କୁ ପଚାରିପାରିଲେ ନାହିଁ ଯେ, ଏ କଥାଟାର ଅର୍ଥ କ'ଣ ? ଗୋଟାଏ ଅନଗ୍ରସର ଦେଶ, ଅର୍ଦ୍ଧଭୁକ୍ତ, ଅର୍ଦ୍ଧନଗ୍ନ ଦେଶ, ଯେଉଁ ଦେଶର ମଣିଷକୁ ସରକାର ଗଣ୍ଡେ ଖାଇବାକୁ କି ଖଣ୍ଡେ ପିନ୍ଧିବାକୁ ପର୍ଯ୍ୟନ୍ତ ଦେଇ ପାରେନା–ସେଭଳି ଗୋଟେ ଦେଶର ଶାସକ ଗୋଷ୍ଠୀ ଯେତେବେଳେ କହେ ଯେ, 'ପ୍ରତିରକ୍ଷା' ପିଛାରେ ବ୍ୟୟ ବୃଦ୍ଧି କରିବା, ଆମ ଦେଶ ଅର୍ଥନୀତିର ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ ହୋଇ ଛିଡ଼ା ହୋଇଛି'– ସେତେବେଳେ ଏ କଥାର କେବଳ ଗୋଟିଏ ମାତ୍ର ହିଁ ଅର୍ଥ ହୁଏ, ତାହାହେଲା– ପୁଞ୍ଜିବାଦର ବଜାର ସମ୍ପ୍ରସାରଣ କରିବାର ଆଜି ଆଉ କୌଣସି ନିଜସ୍ୱ କ୍ଷମତା ନାହିଁ । ସେଥିପାଇଁ ସବୁ ସମୟରେ କୃତ୍ରିମ ଉପାୟରେ ବଜାରକୁ ତାଜା କରି ରଖିବାର ଆବଶ୍ୟକତା ଦେଖା ଦେଇଛି । ଏହା ଫଳରେ ବଜାରରେ କୃତ୍ରିମ ଉପାୟରେ ତେଜିଭାବ ସୃଷ୍ଟିକରି କିଛିଟା ଶିଳ୍ପ ବିକାଶ କରାଯାଇପାରେ, ଆଉ ଶିଳ୍ପ ବିକାଶ ନ ଘଟିଲେ ବି ସଙ୍କଟ ଜର୍ଜରିତ ଶିଳ୍ପଗୁଡ଼ିକୁ ଅନ୍ତତପକ୍ଷେ କିଛିଟା ରିଲିଫ୍ ଦିଆଯାଇପାରେ । ଜନସାଧାରଣଙ୍କ ଠାରୁ ଟିକସ ଆକାରରେ ଯେଉଁ କୋଟି କୋଟି ଟଙ୍କା ସରକାରଙ୍କ ହାତକୁ ଆସେ, ତାକୁ ଜନକଲ୍ୟାଣ ପାଇଁ ଖର୍ଚ୍ଚ ନ କରି ପୁଞ୍ଜିବାଦୀ ରାଷ୍ଟ୍ର ପୁଞ୍ଜିବାଦକୁ ବଜାର ସଙ୍କଟରୁ ରକ୍ଷା କରିବା ପାଇଁ, ନିଜେ ହିଁ କ୍ରେତା ହିସାବରେ ବଜାରରେ ଉପସ୍ଥିତ ହୁଏ । ଗୋଟିଏ ଅନଗ୍ରସର ଅର୍ଥନୀତି ଯଦି ଏହିଭଳି ଯୁଦ୍ଧ ସରଞ୍ଜାମ ପ୍ରସ୍ତୁତିର ଅର୍ଥନୀତି ସହିତ ଜଡ଼ିତ ହୋଇ ପଡ଼ିବାକୁ ବାଧ୍ୟ ହୁଏ, ତା'ହେଲେ ସେ ପୁଞ୍ଜିବାଦର ଆଉ କି ପ୍ରଗତିଶୀଳ ଭୂମିକା ଥାଇପାରେ ? ଅଥଚ ଦଳେ ତଥାକଥିତ ମାର୍କ୍ସବାଦୀ କହୁଛନ୍ତି– ଏଇଟା ପୁଞ୍ଜିବାଦ ବିରୋଧୀ ବିପ୍ଳବ ନୁହେଁ, ଜନଗଣତାନ୍ତ୍ରିକ ବିପ୍ଳବ, ଅର୍ଥାତ୍ ସାମନ୍ତତନ୍ତ୍ର ଓ ସାମ୍ରାଜ୍ୟବାଦ ବିରୋଧି ବିପ୍ଳବ । ଆମ ଦେଶର ଭୂମି ସମ୍ପର୍କ କ୍ଷେତ୍ରରେ ସାମନ୍ତତାନ୍ତ୍ରିକ ସମ୍ପର୍କର ବିଲୋପ ସାଧନକରି ପୁଞ୍ଜିବାଦ ସମ୍ପର୍କ ଯେ, ସେହି ଜାଗା ଦଖଲ କରିଛି ତାହା ମୁଁ ଆଗରୁ ହିଁ ଆଲୋଚନା କରିଛି ଆଉ ଏକଥା ମଧ୍ୟ ଆଲୋଚନା କରିଛି ଯେ, ଆମ ଦେଶରେ ସାମ୍ରାଜ୍ୟବାଦୀ ଶୋଷଣ ଯାହା ରହିଛି, ତାହା ବର୍ତ୍ତମାନ ଆନ୍ତର୍ଜାତିକ ଓ

ଜାତୀୟ ପରିସ୍ଥିତିରେ ଭାରତୀୟ ପୁଞ୍ଜିବାଦକୁ ଆହୁରି ଶକ୍ତିଶାଳୀ କରିବାକୁ ଯାଇ ଆମ ଦେଶର ଶାସକ ବୁର୍ଜୁଆଶ୍ରେଣୀ ବୃହତ୍ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ସହିତ ବୁଝାମଣା ବା କୋଲାବରେସନ୍ ନୀତି ଅନୁସରଣ କରି ଚାଲିବା ଯୋଗୁଁ ହିଁ ରହିଛି । ଜନଗଣତାନ୍ତ୍ରିକ ବିପ୍ଳବର ପ୍ରବକ୍ତାମାନେ ଏହି କୋଲାବରେସନ୍‌କୁ ଗୋଲାମି କହୁ ନାହାନ୍ତି; କି ଦାସତ୍ୱ ବୋଲି ବି କହୁ ନାହାନ୍ତି । ତା'ହେଲେ ସେମାନେ ଏମାନଙ୍କୁ 'କଂପ୍ରାଡ଼ର' ବୋଲି ତ କହନ୍ତେ; ନକସାଲପନ୍ଥୀମାନଙ୍କ ଭଳି ସ୍ୱାଧୀନ ରାଷ୍ଟ୍ରର କୌଣସି ଅସ୍ତିତ୍ୱ ନାହିଁ ବୋଲି କହନ୍ତେ ।

ତାହେଲେ ଦେଖାଯାଉଛି ଯେ, ଭାରତବର୍ଷ ଗୋଟିଏ ସ୍ୱାଧୀନ ବୁର୍ଜୁଆ ରାଷ୍ଟ୍ର ବା ଗୋଟିଏ ପୁଞ୍ଜିବାଦୀ ରାଷ୍ଟ୍ର । ବର୍ତ୍ତମାନ ବିଶେଷ ଆନ୍ତର୍ଜାତିକ ପରିସ୍ଥିତିରେ ପୁଞ୍ଜିବାଦର ସ୍ୱାର୍ଥ ପାଇଁ ଯାହା ଯାହା ପ୍ରୟୋଜନ ଶାସକ ବୁର୍ଜୁଆ ଶ୍ରେଣୀ ତାହା ହିଁ କରୁଛି ଏବଂ ସମାଜତନ୍ତ୍ରର ଦୋହି ଦେଇ ଅତ୍ୟନ୍ତ ଧୂର୍ତ୍ତତାର ସହ କରି ଚାଲିଛି । ଏଭଳି ଅବସ୍ଥାରେ ପୁଞ୍ଜିବାଦକୁ ଆଘାତ ନ କରି ଏବଂ ପୁଞ୍ଜିବାଦ ବିରୋଧୀ ରାଷ୍ଟ୍ର ବିପ୍ଳବର କାର୍ଯ୍ୟକ୍ରମକୁ ଗ୍ରହଣ ନ କରିବାର ଅର୍ଥ ହେଉଛି, ମୁହଁରେ ନ କହିଲେ ମଧ୍ୟ କାର୍ଯ୍ୟତଃ ପୁଞ୍ଜିବାଦର ପ୍ରଗତିଶୀଳ ଭୂମିକାକୁ ହିଁ ସ୍ୱୀକାର କରିନେବା । କିନ୍ତୁ ପୁଞ୍ଜିବାଦର ପ୍ରଗତିଶୀଳ ଭୂମିକା ଯଦି ତିଳେମାତ୍ର ବି ଥାଆନ୍ତା, ତାହା ହେଲେ ତ କୃଷି ଅର୍ଥନୀତିରେ ପୁଞ୍ଜିବାଦର ଅନୁପ୍ରବେଶ ଯେତେ ହୁଅନ୍ତା, କୃଷିର ଆଧୁନିକୀକରଣ ଏବଂ ଯାନ୍ତ୍ରିକୀକରଣ ତଥା ଶିଳ୍ପ ବିପ୍ଳବ ସେତେ ହୁଅନ୍ତା- ଗାଁ ଓ ସହରର ବେକାରମାନେ ବି ସେତେ କାମ ପାଇ ପାରନ୍ତେ । କିନ୍ତୁ ଆମ ଦେଶର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ସେଥିପାଇଁ ଏଠି ବେକାରୀ ବିରୋଧୀ ଆନ୍ଦୋଳନକୁ ଯଦି ପୁଞ୍ଜିବାଦ ବିରୋଧୀ, ପୁଞ୍ଜିବାଦ ରାଷ୍ଟ୍ର ବିରୋଧୀ, ଅର୍ଥାତ୍ ପୁଞ୍ଜିବାଦୀ ରାଷ୍ଟ୍ର ଯନ୍ତ୍ରକୁ ଭାଙ୍ଗି ସମାଜତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠାର ବିପ୍ଳବୀ ସଂଗ୍ରାମ ସହିତ ଯୁକ୍ତ କରା ନ ଯାଏ, ତେବେ ତାହା ଭୁଲ ରାସ୍ତାରେ ପରିଚାଳିତ ହେବାକୁ ବାଧ୍ୟ । ତେଣୁ ସମାଜତନ୍ତ୍ର ପ୍ରତିଷ୍ଠା କରିବାର ସଂଗ୍ରାମ ହେଲା ପୁଞ୍ଜିବାଦୀ ରାଷ୍ଟ୍ରଯନ୍ତ୍ରକୁ ଉଚ୍ଛେଦ କରିବା ମାଧ୍ୟମରେ, ଅର୍ଥନୀତିଠାରୁ ଆରମ୍ଭ କରି ସମାଜ ନୀତି, ଜ୍ଞାନ-ବିଜ୍ଞାନ; କାବ୍ୟ, ଶିଳ୍ପ ସାହିତ୍ୟ-ସଂସ୍କୃତି ଇତ୍ୟାଦିକୁ ପୁଞ୍ଜିବାଦୀ ଶୋଷଣର କବଳରୁ ମୁକ୍ତ କରିବାର ସଂଗ୍ରାମ । ଏଇ କଥା ଗୁଡ଼ିକୁ ଯେଉଁଦିନ ଯୁବକମାନେ ଠିକ୍ ଠିକ୍ ଭାବେ ବୁଝି ପାରିବେ ସେଦିନ ଯାଇ ଆପଣମାନେ ବୁଝିପାରିବେ ଯେ, କାମ ପାଇବା ପାଇଁ ଯୁବକମାନଙ୍କର ପ୍ରତିଦିନର ଆନ୍ଦୋଳନ- ଅର୍ଥାତ୍ 'ବେକାରମାନଙ୍କର କାମ ଦରକାର' ବୋଲି ଆପଣମାନେ ଯେଉଁ ଆନ୍ଦୋଳନ ଚଳେଇଛନ୍ତି, ସେହିସବୁ ଆନ୍ଦୋଳନ ଗୁଡ଼ିକୁ ପୁଞ୍ଜିବାଦ ବିରୋଧୀ, ପୁଞ୍ଜିବାଦୀ ରାଷ୍ଟ୍ର ବିରୋଧୀ ବିପ୍ଳବ ଅର୍ଥାତ୍ ପୁଞ୍ଜିବାଦୀ ଉତ୍ପାଦନ ଉଦ୍ଦେଶ୍ୟ ଓ ପୁଞ୍ଜିବାଦୀ ଉତ୍ପାଦନ ସମ୍ପର୍କଠାରୁ ଦେଶର ସମଗ୍ର ଉତ୍ପାଦନ

ବ୍ୟବସ୍ଥାକୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ବିପ୍ଳବର ପ୍ରଶ୍ନ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ଅଛି; କେବଳ ମାତ୍ର ସେତେବେଳେ ଯାଇ ଆପଣମାନେ ଏହି ଆନ୍ଦୋଳନଗୁଡ଼ିକୁ ସଫଳ ପରିଣତି ଆଡ଼କୁ ନେଇ ଯାଇ ପାରିବେ । ତା' ନହେଲେ ତଥାକଥିତ ମାର୍କ୍ସବାଦୀ-ଲେନିନ୍‌ବାଦୀମାନେ ଯେମିତି କରିଥାନ୍ତି- କେତେଗୁଡ଼ିଏ ଆଶୁ ଦାବିର ଭିତ୍ତିରେ ଏଣୁ ତେଣୁ କଥା କହି ଯୁବକମାନଙ୍କୁ ଯେମିତି ସଙ୍ଗଠିତ କରାନ୍ତି ଏବଂ ସେମାନଙ୍କୁ ବିପଥଗାମୀ କରେଇ କିଛିଟା ଲଢ଼ାଲଢ଼ି କରାଇଥାନ୍ତି ଯାହାକୁ ଆମେ "ଇମାନ୍‌ସିପେସନ୍" (Emancipation) ବା ଶୋଷଣରୁ ମୁକ୍ତି ଏବଂ ପ୍ରକୃତରେ ବେକାର ସମସ୍ୟାର ସମାଧାନ ବୋଲି କହୁ- ସେହି ସମାଧାନ ବା ମୁକ୍ତିର ପ୍ରଶ୍ନଟି ଅମୀମାଂସିତ ହୋଇ ରହିଯିବ । କାରଣ ସେ ପ୍ରଶ୍ନଟି ପୁଞ୍ଜିବାଦ ଉଚ୍ଛେଦର ପ୍ରଶ୍ନ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ହୋଇ ରହିଛି ।

ସେଥିପାଇଁ ଆପଣମାନଙ୍କର ଯୁବ ଆନ୍ଦୋଳନକୁ ଗୋଟାଏ ସଚେତନ ରାଜନୈତିକ ଆନ୍ଦୋଳନ ହିସାବରେ ଗଢ଼ି ତୋଳିବାକୁ ହେବ । ଶ୍ରମିକଶ୍ରେଣୀ ଓ ଶୋଷିତ ଜନସାଧାରଣ ଯେଉଁ ପୁଞ୍ଜିବାଦ ବିରୋଧୀ ବିପ୍ଳବୀ ସଂଗ୍ରାମ ଗଢ଼ି ତୋଳୁଛନ୍ତି, ଆପଣମାନେ ଯୁବ ଆନ୍ଦୋଳନକୁ ଯଦି ତା'ର ପରିପୂରକ ଭାବେ ଗଢ଼ି ତୋଳିବାକୁ ସକ୍ଷମ ହୁଅନ୍ତି, ତେବେ ଯାଇ ସାଂସ୍କୃତିକ ଅବକ୍ଷୟର ପ୍ରଭାବରୁ ଆପଣମାନେ ଯୁବକମାନଙ୍କୁ ରକ୍ଷା କରିପାରିବେ ଏବଂ ବେକାର ସମସ୍ୟାର ସମାଧାନ ମଧ୍ୟ କରିପାରିବେ ।

ମନେରଖିବେ, ମତାଦର୍ଶ ଏବଂ ମୂଳ ରାଜନୈତିକ ଲାଇନଟା ଭୁଲ ହେଲେ, ଯେତେ ସାଙ୍ଗଠନିକ କ୍ଷମତା ଓ ଶକ୍ତି ଥାଉନା କାହିଁକି ତା'ହା ଦ୍ୱାରା କେବଳ ଅନିଷ୍ଟ ହେବ ସିନା, କିନ୍ତୁ, ଅସଲ କାମ କିଛି ହେବ ନାହିଁ । ମତାଦର୍ଶ ଓ ରାଜନୈତିକ ଲାଇନ୍ ସଠିକ୍ ଥିଲେ ଯେତେ କମ୍ ଶକ୍ତି ଆଜି ଥାଉନା କାହିଁକି, ଧୀରେ ଧୀରେ ଶକ୍ତି ସଞ୍ଚୟ କରି ଆପଣମାନେ ଦିନେ ବର୍ତ୍ତମାନ ଅବସ୍ଥାର ଆମୂଳ ପରିବର୍ତ୍ତନ ସାଧନ କରି ପାରିବେ । ତେଣୁ ଇନ୍ଦିରା କଂଗ୍ରେସର ସମାଜତନ୍ତ୍ରର ଧପ୍‌ପାବାଜୀ ଏବଂ ଜନଗଣତାନ୍ତ୍ରିକ ଓ ଜାତୀୟ ଗଣତାନ୍ତ୍ରିକ ବିପ୍ଳବର ସଂଶୋଧନବାଦୀ ରାଜନୀତିକୁ ପରାସ୍ତ କରିବାକୁ ସଂଘବଦ୍ଧ ହୁଅନ୍ତୁ, ଭୟଭୀତିକୁ ଜୟ କରନ୍ତୁ ଏବଂ ସମସ୍ତ ପ୍ରକାର ତ୍ୟାଗ କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ- ଭବିଷ୍ୟତ ଆପଣମାନଙ୍କ ହାତରେ ନ୍ୟସ୍ତ ।

ମାର୍କ୍ସବାଦ-ଲେନିନ୍‌ବାଦ-ଜିନ୍ଦାବାଦ

ସମାଜତାନ୍ତ୍ରିକ ବିପ୍ଳବ-ଜିନ୍ଦାବାଦ